# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୦/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, August 20/2025 | Page 14 | ₹ 7.00

୫୧ଶ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 265 | ମୂଲ୍ୟ ₹୭/-




Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND ®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୦/୨୦୨୫ | Bhubaneswar, Wednesday, August 20/2025 | ପୃଷ୍ଠା-୧



**ଗିଲ୍ ଉପ-ଅଧିନାୟକ**

ଏସିଆ କପ୍ ଲାଗି ଭାରତୀୟ କ୍ରିକେଟ ଦଳର ଉପ-ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ଶୁବମନ ଗିଲ୍।

୧୨

୦୮

**‘ଥାମା’ରେ ଆୟୁଷ୍ମାନ-ରଶ୍ମିକା ରୋମାନ୍ସ**

ଅଭିନେତା ଆୟୁଷ୍ମାନ ଖୁରାନା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ‘ଥାମା’ ଫିଲ୍ମର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି।



# ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ରର ମଞ୍ଜୁରୀ

## ରାମେଶ୍ୱରରୁ ଟାଙ୍ଗୀ ୧୧୧ କି.ମି.ର ୬ ଲେନ୍ ରାସ୍ତା ପାଇଁ ୮,୩୦୮ କୋଟି

**ଖୋର୍ଦ୍ଧା ଜିଲା ରାମେଶ୍ୱରଠାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ନିର୍ମାଣ ହେବାକୁ ଥିବା ପ୍ରାୟ ୧୧୧ କି.ମି.ର ଏହି ରାସ୍ତା ପାଇଁ ୮,୩୦୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ସହରରୁ ପୂର୍ବାଞ୍ଚଳର ଅନ୍ୟ ରାଜ୍ୟଗୁଡ଼ିକୁ ଭାରି ବାଣିଜ୍ୟିକ ଯାନ ଯାତାୟାତର ଦୂରତା ହ୍ରାସ କରିବ। ଏଥିସହ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।**

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯।୮ (ପି.ଟି./ରବିନାରାୟଣ ଜେନା)




ଭୁବନେଶ୍ୱର ବାଇପାସ୍‌ର ପ୍ରସ୍ତାବିତ କରିଡର୍ ମାନଚିତ୍ର।

ଓଡ଼ିଶାରେ ୬ ଲେନ୍‌ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ରାଜଧାନୀ ଅଞ୍ଚଳ ରିଂ ରୋଡ୍ (ଭୁବନେଶ୍ୱର ବାଇପାସ୍) ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ହାଇବ୍ରିଡ୍ ଆନୁଇଟି ମୋଡ୍ (ଏଚ୍ଏଏମ୍)ରେ ନିର୍ମାଣ ହେବାକୁଥିବା ଏହି ୧୧୦.୦୮୭୫ କି.ମି. ବାଇପାସ୍ ପ୍ରକଳ୍ପ ପାଇଁ ୮,୩୦୭.୭୪ କୋଟି ଟଙ୍କା ବ୍ୟୟ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୂଚନା ଦେଇଛନ୍ତି।

ମନ୍ତ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଏହି ବାଇପାସ୍ ନିର୍ମାଣ ହେଲେ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧାରୁ ଓଜନ୍‌ଦାର ବ୍ୟବସାୟିକ ଯାନଗୁଡ଼ିକୁ ଉକ୍ତ ରୋଡ୍‌ରେ ଛଡ଼ାଯିବା ଦ୍ୱାରା ଗାଡ଼ିମୋଟର ଭିଡ଼ ଯଥେଷ୍ଟ ପରିମାଣରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏଥିସହିତ ମାଲ୍ ପରିବହନ କ୍ଷମତା ବଢ଼ିବ ଏବଂ ଲଜିଷ୍ଟିକ୍ ଖର୍ଚ୍ଚ କମ୍ ହେବ। ପ୍ରସ୍ତାବିତ ପ୍ରକଳ୍ପ ସହ ୩ଟି ପ୍ରମୁଖ ଜାତୀୟ ରାଜପଥ (ଏନ୍ଏଚ୍-୫୫, ୫୭ ଏବଂ ୬୫୫) ଓ ଗୋଟିଏ ରାଜ୍ୟ ରାଜପଥ (ଏସ୍ଏଚ୍-୬୫) ସଂଯୋଗ ହେବ। ଫଳରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ, ସାମାଜିକ ଓ ଲଜିଷ୍ଟିକ୍ ହବ୍‌କୁ ଏହା ଅବାଧ ସଂଯୋଗ ସୁନିଶ୍ଚିତ କରିବ।

ସମ୍ପ୍ରତି ରାମେଶ୍ୱରରୁ ଟାଙ୍ଗୀ ଜାତୀୟ ରାଜପଥରେ ଅତ୍ୟଧିକ ଟ୍ରାଫିକ୍ ଭିଡ଼ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ୬ ଲେନ୍‌ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ନିର୍ମାଣ ପ୍ରସ୍ତାବ ରଖାଯାଇଥିଲା। ଏହି ଉନ୍ନତ କରିଡର ଏକ ବୃହତ୍ ରେଲଷ୍ଟେଶନ, ବିମାନବନ୍ଦର, ପ୍ରସ୍ତାବିତ ମଲ୍ଟିମୋଡାଲ ଲଜିଷ୍ଟିକ୍ ପାର୍କ (ଏମ୍ଏମ୍ଏଲ୍‌ପି) ଏବଂ ୨ଟି ବୃହତ୍ ବନ୍ଦରକୁ ସଂଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହାସହିତ ଉନ୍ନତ କରିଡର ୧୦ଟି ଅର୍ଥନୈତିକ ନୋଡ୍, ୪ଟି ସାମାଜିକ ନୋଡ୍ ଏବଂ ୫ଟି ଲଜିଷ୍ଟିକ୍ ନୋଡ୍‌କୁ ସଂଯୋଗ କରି ମଲ୍ଟି-ମୋଡାଲ୍ ସମନ୍ୱୟକୁ ବୃଦ୍ଧି କରିବ। ଫଳରେ ଉକ୍ତ ଅଞ୍ଚଳରେ ଦ୍ରବ୍ୟ ଓ ଯାତ୍ରୀ ପରିବହନ ତ୍ୱରାନ୍ୱିତ ହୋଇପାରିବ। ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ସହ ପ୍ରମୁଖ ଅଞ୍ଚଳ, ଅର୍ଥନୈତିକ କେନ୍ଦ୍ର ମଧ୍ୟ ସଂଯୋଗକୁ ସୁଦୃଢ଼ କରିବ। ଏହି ପ୍ରକଳ୍ପ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହରରୁ ଭାରି ବାଣିଜ୍ୟିକ ଯାତାୟାତକୁ ଦୂରେଇ ନେଇ ଓଡ଼ିଶା ଏବଂ ଅନ୍ୟାନ୍ୟ ପୂର୍ବ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବ। ଏଥିସହିତ ବାଣିଜ୍ୟ ଓ ଶିଳ୍ପ ବିକାଶ ପାଇଁ ନୂଆ ମାର୍ଗ ଖୋଲିବ। ଏହି ପ୍ରକଳ୍ପ ଯୋଗୁ ୭୪.୪୩ ଲକ୍ଷ ପ୍ରତ୍ୟକ୍ଷ ଏବଂ ୯୩.୦୪ ଲକ୍ଷ ପରୋକ୍ଷ ଶ୍ରମ ଦିବସ ସୃଷ୍ଟିହେବ ଏବଂ ଆଖପାଖ ଅଞ୍ଚଳରେ ଅଭିବୃଦ୍ଧି, ବିକାଶ ଏବଂ ସମୃଦ୍ଧିର ନୂତନ ରାସ୍ତା ଖୋଲିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିବାରୁ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଏହା ଏକ ଐତିହାସିକ ଭିତ୍ତିଭୂମି ଉପକ୍ରମ, ଯାହା ବୃହତ୍ ସହରାଞ୍ଚଳ କେନ୍ଦ୍ରଗୁଡ଼ିକୁ ଗହଳିମୁକ୍ତ କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୬ ଲେନ୍‌ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ନିର୍ମାଣକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସୁଦର୍ଶନ ରେଡ୍ଡୀ ଇଣ୍ଡିଆ ବ୍ଲକ୍‌ର ଉପରାଷ୍ଟ୍ରପତି ପ୍ରାର୍ଥୀ



ବି. ସୁଦର୍ଶନ ରେଡ୍ଡୀ

ନୂଆଦିଲ୍ଲୀ, ୧୯।୮ (ପି.ଟି.)

ମହାରାଷ୍ଟ୍ର ରାଜ୍ୟପାଳ ତଥା ଭାଜପା ନେତା ସି.ପି. ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବା ପରେ ବିରୋଧୀ ଇଣ୍ଡିଆ ବ୍ଲକ୍ ପକ୍ଷରୁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ସୁଦର୍ଶନ ଗୁରୁବାର ନାମାଙ୍କନପତ୍ର ଦାଖଲ କରିବେ। ମିଳିତ ବିରୋଧୀ ଦଳ ବୁଧବାର ଅପରାହ୍ନରେ ସମ୍ବିଧାନ ସଦନରେ ଏକ ବୈଠକରେ ଯୋଗଦେବେ।

ସୁଦର୍ଶନ ଗୋଆର ପ୍ରଥମ ଲୋକାୟୁକ୍ତ ହେବା ସହ ହାଇଦ୍ରାବାଦସ୍ଥିତ ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଆଣ୍ଡ ମିଡିଏଶନ ସେଣ୍ଟରର ଟ୍ରଷ୍ଟି ବୋର୍ଡରେ ରହିଥିଲେ। ବିରୋଧୀ ଦଳଗୁଡ଼ିକ ମିଳିତ ପ୍ରାର୍ଥୀ ଦେବା ପାଇଁ ପୂର୍ବରୁ ସର୍ବସମ୍ମତ ନିଷ୍ପତ୍ତି ନେଇଥିଲେ। ସୁଦର୍ଶନଙ୍କୁ ପ୍ରାର୍ଥୀ କରିବା ପାଇଁ ସମସ୍ତ ବିରୋଧୀ ଦଳ ସହମତ ହୋଇଥିବାରୁ ଏହା ଗଣତନ୍ତ୍ର ପାଇଁ ଏକ ବଡ଼ ସଫଳତା ବୋଲି ଖାର୍ଗେ କହିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ଆମେ ଜଣେ ଭଲ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଥିଲୁ। ଜଷ୍ଟିସ୍ ରେଡ୍ଡୀ ଭାରତର ଅନ୍ୟତମ ସବୁଠୁ ପ୍ରତିଷ୍ଠିତ ଓ ପ୍ରଗତିଶୀଳ ନ୍ୟାୟବିତ୍ ବୋଲି କଂଗ୍ରେସ ନେତା କହିଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୨୧ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ଦିନ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହଠାତ ନିଜ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ପଡ଼ିଥିଲା। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୨ ରଖାଯାଇଛି।

**ଆଜିର ସମ୍ପାଦକୀୟ** | ଲିଭିଂ ଲାବ୍

# ଏସ୍ଆଇଆର୍: ବିକଳ୍ପ ହେବ ବିଏଲ୍ଓ ରିପୋର୍ଟ

ଭୁବନେଶ୍ୱର, ୧୯।୮ (ରବିନାରାୟଣ ଜେନା)

ଓଡ଼ିଶାରେ ସେପ୍ଟେମ୍ବରରୁ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ବେଳେ ଏଥିରୁ ଯେମିତି ଜଣେ ହେଲେ ଯୋଗ୍ୟ ନାଗରିକ ବାଦ୍ ନ ପଡ଼ିବେ ତାକୁ ଗୁରୁତ୍ୱ ଦିଆଯିବ। ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପରିଚୟପତ୍ରରୁ ଯେକୌଣସି ଗୋଟିଏ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କ ସୁପାରିସ ଏବଂ ଇଲେକ୍ସନ ରିଟର୍ନିଂ ଅଫିସର (ଇଆର୍ଓ) ସବ୍ କଲେକ୍ଟରଙ୍କ ରିପୋର୍ଟକୁ ଭୋଟର ତାଲିକା ସଂଶୋଧନବେଳେ ଗ୍ରହଣ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ସନ୍ତ ଗୋପାଳନ ସ୍ପଷ୍ଟ କରିଛନ୍ତି।

ଆଗାମୀ ଦିନରେ ଏସ୍ଆଇଆର୍ ପାଇଁ ଓଡ଼ିଶା କିଭଳି ପ୍ରସ୍ତୁତ ରହିଛି ସେ ସମ୍ପର୍କରେ ସିଇଓ ଗୋପାଲନ୍ କହିଛନ୍ତି, ନିର୍ବାଚନ ପ୍ରକ୍ରିୟା ସବୁବେଳେ ଜାରି ରହିଛି। କେତେବେଳେ ନୂତନ ଭୋଟର ସାମିଲ ହେଉଛନ୍ତି ତ ଆଉ କେତେବେଳେ ବିଭିନ୍ନ କାରଣ(ମୃତ୍ୟୁ କିମ୍ବା ଅନ୍ୟତ୍ର ଭୋଟର ତାଲିକାରେ ନାଁ ଥିଲେ)ରୁ ତାଲିକାରୁ ବାଦ୍ ପଡୁଛନ୍ତି। ପ୍ରତି ତିନିମାସରେ ଏହାର ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ଓଡ଼ିଶାରେ ୨୪ବର୍ଷ ପରେ ହେବାକୁ ଯାଉଥିବା ଏସ୍ଆଇଆର୍ ଲାଗି ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି ହୋଇନାହିଁ। ଆୟୋଗଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ୧୧ ପରିଚୟପତ୍ର ସହିତ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଉ ୨ଟି ପ୍ରମାଣପତ୍ରକୁ ପରିଚୟପତ୍ର ତାଲିକାରେ ସଂଯୁକ୍ତ କରିବାକୁ ପ୍ରସ୍ତାବ ରହିଛି। ଏନେଇ ଜିଲାସ୍ତର ଅଧିକାରୀଙ୍କଠାରୁ ପ୍ରସ୍ତାବ ଲୋଡ଼ାଯାଇଛି। ସେଥିମଧ୍ୟରେ ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ (ଏସ୍ଇବିସି) ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଭୂମିହୀନଙ୍କୁ ପ୍ରଦତ୍ତ ଲିଜ୍ ପଟ୍ଟାକୁ ସାମିଲ କରାଯିବାକୁ ପ୍ରାଥମିକ ପର୍ଯ୍ୟାୟରେ ରହିଛି। ଏହି ପ୍ରସ୍ତାବକୁ ସିଇଓ କାର୍ଯ୍ୟାଳୟ ଅନୁଧ୍ୟାନ କରୁଛି। ଏହାବାଦ୍ ଜଣେ ଯୋଗ୍ୟ ନାଗରିକ କିଭଳି ବାଦ୍ ନ ପଡ଼ିବେ(ଯାହାଙ୍କ ପାଖରେ ଘରଦ୍ୱାର କିମ୍ବା ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପ୍ରମାଣପତ୍ରରୁ କିଛି ନ ଥିବ) ସେକ୍ଷେତ୍ରରେ ବିଏଲ୍ଓଙ୍କୁ ନିର୍ବାଚନ ଆଇନରେ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି। ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ରହିବା ସ୍ଥାନ ପରିଦର୍ଶନ କରି ଇଆର୍ଓଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ। ଇଆର୍ଓ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରି ସ୍ୱୀକୃତି ଦେଲେ ସମ୍ପୃକ୍ତ ବ୍ୟକ୍ତି ଭୋଟରତାଲିକାରେ ଯୋଡ଼ି ହୋଇପାରିବେ। ବ୍ୟକ୍ତିଙ୍କୁ ଆଉ ଅନ୍ୟ କୌଣସି ଦସ୍ତାବିଜ ପାଇଁ ହଇରାଣ ହେବାକୁ ପଡ଼ିବ ନାହିଁ। ଆବଶ୍ୟକସ୍ଥଳେ ୧୧ ପରିଚୟପତ୍ର ମଧ୍ୟରୁ କେତେକ ପରିଚୟପତ୍ରକୁ ବାଦ୍ ଦେବାପାଇଁ ପ୍ରସ୍ତାବ ଦିଆଯାଇପାରେ। ତେବେ ଏସ୍ଆଇଆର୍ ବେଳେ ବାଂଲାଦେଶ କିମ୍ବା ଅନ୍ୟ ଦେଶରୁ ଆସି ଓଡ଼ିଶାରେ ବସବାସ କରୁଥିବା ଲୋକ କିମ୍ବା ରୋହିଙ୍ଗ୍ୟା ତଥା ଗଜପତିର ଚନ୍ଦ୍ରଗିରିରେ ବାସ କରୁଥିବା ଲୋକଙ୍କ ନାଗରିକତ୍ୱ ବୈଧତାକୁ ବିଧିବଦ୍ଧ ଭାବେ ଯାଞ୍ଚ କରାଯିବ ବୋଲି ଜଣାଯାଇଛି।

ସୂଚନାଯୋଗ୍ୟ, ଇସିଙ୍କ ପକ୍ଷରୁ ଭୋଟର କାର୍ଡ, ଆଧାର କାର୍ଡ ଏବଂ ରାଶନ କାର୍ଡକୁ ବାଦ୍‌ଦେଇ ୧୧ଟି ପରିଚୟପତ୍ରକୁ ପ୍ରଥମ ପର୍ଯ୍ୟାୟରେ ଗ୍ରହଣ କରାଯିବାକୁ କୁହାଯାଇଛି। ସେଥିମଧ୍ୟରେ ☞ ପୃଷ୍ଠା-୨

# ମନିକା ବିଶ୍ୱକର୍ମା ମିସ୍ ୟୁନିଭର୍ସ ଇଣ୍ଡିଆ




ଜୟପୁର, ୧୯।୮

ରାଜସ୍ଥାନର ମନିକା ବିଶ୍ୱକର୍ମା (୨୨) ‘ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫’ ଟାଇଟଲ ହାସଲ କରିଛନ୍ତି। ସୋମବାର ରାତିରେ ଜୟପୁରରେ ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ୪୭ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସେ ବିଜେତା ହୋଇଛନ୍ତି। ଗତବର୍ଷର ଟାଇଟଲ ବିଜେତା ରିୟା ସିଂଘା ମନିକାଙ୍କୁ ମିସ୍ ୟୁନିଭର୍ସ ଇଣ୍ଡିଆ ମୁକୁଟ ପିନ୍ଧାଇଛନ୍ତି। ନଭେମ୍ବର ୨୧ରେ ଥାଇଲାଣ୍ଡର ନନ୍ଥାବୁରିରେ ହେବାକୁଥିବା ୭୪ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ମନିକା ଭାରତର ପ୍ରତିନିଧିତ୍ୱ କରିବେ। ‘ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫’ରେ ୟୁପିର ତାନ୍ୟା ଶର୍ମା ପ୍ରଥମ ରନରଅପ୍ ହୋଇଥିବାବେଳେ ହରିୟାଣାର ମେହକ୍ ଢିଙ୍ଗ୍ରା ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ରାଜସ୍ଥାନର ଶ୍ରୀ ଗଙ୍ଗାନଗର ନିବାସୀ ମନିକା ଦିଲ୍ଲୀରେ ମଡେଲିଂ କରିବା ସହ ରାଜନୀତିବିଜ୍ଞାନ ଏବଂ ଅର୍ଥନୀତିରେ ଉଚ୍ଚଶିକ୍ଷା ଅଧ୍ୟୟନ କରୁଛନ୍ତି। ବିଜୟୀ ହେବା ପରେ ମନିକା କହିଛନ୍ତି, ଆତ୍ମବିଶ୍ୱାସ ଓ ସାହସ ସଫଳତାର ଚାବିକାଠି। ମିସ୍ ୟୁନିଭର୍ସ ଟାଇଟଲ ହାସଲ କରି ଦେଶକୁ ଗୌରବାନ୍ୱିତ କରିବା ତାଙ୍କ ଲକ୍ଷ୍ୟ। ପ୍ରକାଶ ଯେ, ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଅଦ୍ୟାବଧି ୩ ଭାରତୀୟ ଏହି ଟାଇଟଲ ହାସଲ କରିଛନ୍ତି। ୧୯୯୪ରେ ସୁସ୍ମିତା ସେନ୍ ପ୍ରଥମ ଭାରତୀୟ ଭାବେ ମିସ୍ ୟୁନିଭର୍ସ ହୋଇଥିଲେ। ୨୦୦୦ରେ ଲାରା ଦତ୍ତା ଏବଂ ୨୦୨୧ରେ ହରନାଜ୍ ସାନ୍ଧୁ ମିସ୍ ୟୁନିଭର୍ସ ଟାଇଟଲ ହାସଲ କରି ଦେଶକୁ ଗୌରବାନ୍ୱିତ କରିଥିଲେ।

# ଅନ୍‌ଲାଇନ ଗେମିଂରେ ଲାଗିବ ଅଙ୍କୁଶ

ନୂଆଦିଲ୍ଲୀ, ୧୯।୮

କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ଅନ୍‌ଲାଇନ ଗେମିଂ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଛି। ବେଟିଂ ଆପ୍‌ଗୁଡ଼ିକୁ ନିୟନ୍ତ୍ରିତ କରି ଜୁଆକୁ ରୋକିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଅନ୍‌ଲାଇନ ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକୁ ଗୋଟିଏ ନ୍ୟାୟିକ ବ୍ୟବସ୍ଥା ଅଧୀନରେ ରଖାଯିବ ଓ ଆପ୍ ଜରିଆରେ ଜୁଆଖେଳ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରାଯିବ। ଏ ସମ୍ପର୍କିତ ବିଲ୍ ବୁଧବାର ସଂସଦରେ ବିତର୍କ ପାଇଁ ଆଗତ ହୋଇପାରେ। ୨୦୨୩ ଅକ୍ଟୋବରରୁ ଅନ୍‌ଲାଇନ ଗେମିଂ ଉପରେ ୨୮% ଜିଏସ୍‌ଟି ଲାଗୁ ହୋଇଥିବାବେଳେ ଏଥିରେ ବିଜୟୀ ହେଉଥିବା ବ୍ୟକ୍ତି ବା ସଂସ୍ଥା ଉପରେ ୨୦୨୪-୨୫ ଆର୍ଥିକ ବର୍ଷରୁ ୩୦% ଟ୍ୟାକ୍ସ ଲଗାଯାଇଛି। ପଞ୍ଜୀକୃତ ହୋଇ ନ ଥିବା କିମ୍ବା ବେଆଇନ ସାଇଟ୍‌ଗୁଡ଼ିକୁ ବ୍ଲକ୍ କରିବା କ୍ଷମତା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାକୁ ଦିଆଯାଇଛି। ୨୦୨୨ରୁ ୨୦୨୫ ଫେବୃଆରୀ ମଧ୍ୟରେ ସରକାର ୧,୪୦୦ରୁ ଊର୍ଦ୍ଧ୍ୱ ବେଟିଂ ଆପ୍ ଏବଂ ଗେମ୍ବଲିଂ ୱେବ୍‌ସାଇଟ୍ ଓ ଆପ୍‌କୁ ବ୍ଲକ୍ କରିଛନ୍ତି।

DHARITRI YOUTH CONCLAVE 2025

DHARITRI YOUTH CONCLAVE 2025

DHARITRI CLIMATE GRANT

Inviting young people and youth organisations of Odisha deeply engaged in climate action with local communities.

Kindly send us entries of your work with simple bio description (250-300 words) with 4 high resolution photos, a video of your climate action activities & future climate action plan to get a chance to win the prestigious Dharitri Climate Grant.

You can also nominate someone else by following the same process.

Selected entries will be awarded the Dharitri Climate Grant as encouragement and impetus for their climate action work at Dharitri Youth Conclave 2025 to be held in November at Bhubaneswar.

Chosen entries will also get invited to attend the Conclave along with young climate warriors and experts in the field.

Last Date of Entry : 10th October 2025
Please send details to :
dharitriyouthconclave@gmail.com
Visit : www.dharitriyouthconclave.com for details

APPLY NOW
https://tinyurl.com/yk7ct969



## ୨୪ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୮(ଅନୁରାଧା ମହାରଣା): ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଅବପାତ ଫଳରେ ଆଗାମୀ ୨୪ ତାରିଖ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି। ବୁଧବାର ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନବରଙ୍ଗପୁର ଓ କଳାହାଣ୍ଡିରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ରହିଛି। ସେହିପରି ୧୧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ରହିଛି। ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- କଳିଙ୍ଗ ସେନାର ସାଙ୍ଗଠନିକ ନିର୍ବାଚନ, ସ୍ଥାନ: ଉତ୍କଳ ସମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ପକ୍ଷରୁ ରାଜୀବ ଗାନ୍ଧୀ ଜନ୍ମ ବାର୍ଷିକୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା ୨୦।
- ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହୋଟେଲ୍ ଆଡ଼ଭେଞ୍ଚର୍, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ଲେଖକ ସମବାୟ ସମିତି ଲିଃ ପକ୍ଷରୁ ମାସିକ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତ ପରିସର, ପୁରୁଣା ବସ୍ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ଲୋଟସ୍ପିଟ୍ ଫାଉଣ୍ଡେଶନ୍ ପକ୍ଷରୁ ଅଭିଯାତ ଉତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନୀ ସ୍ମୃତିରେ ଗାନ୍ଧୀବିଚାର ସଂଗଠନଗୁଡ଼ିକ ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା ସଭା ଓ ଚରଖା ପ୍ରଦର୍ଶନୀ, ସ୍ଥାନ: ସ୍ୱରାଜ ଆଶ୍ରମ, ସମୟ: ସକାଳ ୮ଟା ୩୦।
- ମେଗା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଚୌଦ୍ୱାର ମହାବିଦ୍ୟାଳୟ ପରିସର, ଚୌଦ୍ୱାର, ସମୟ: ସକାଳ ୯ଟା।
- କଂଗ୍ରେସ ପକ୍ଷରୁ ଫ୍ରୋଜେନ ସିମେନ ବ୍ୟାଙ୍କ କାର୍ଯ୍ୟାଳୟ ପୁନର୍ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଖପୁରିଆସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ, ସମୟ: ଅପରାହ୍ନ ୩ଟା।
- ମହାତ୍ମା ଗାନ୍ଧୀଙ୍କ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ପରିଦର୍ଶନର ଶତବାର୍ଷିକୀ ଅବସରରେ ସାଧାରଣ ସଭା, ସ୍ଥାନ: ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ, ଡଗରପଡ଼ା, ସମୟ: ଅପରାହ୍ନ ୫ଟା।
- ମହାତ୍ମା ଗାନ୍ଧୀଙ୍କ କଟକ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକ ସମାରୋହ, ସ୍ଥାନ: କୁଷ୍ଠାଶ୍ରମ ପରିସର, ନୂଆବଜାର, ସମୟ: ସନ୍ଧ୍ୟା ୬ଟା।
- ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ୩୪ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।

### ପୁରୀ
- ରାଜୀବ ଗାନ୍ଧୀ ଙ୍କ ଜୟନ୍ତୀ ଅବସର ରେ କଂଗ୍ରେସ ପକ୍ଷରୁ ବୈଠକ, ସ୍ଥାନ: କଂଗ୍ରେସ ଭବନ, ସମୟ: ଅପରାହ୍ନ ୩ଟା।
- ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ନୀତି, ସ୍ଥାନ: ଶ୍ରୀମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ବାଲେଶ୍ୱର
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ସବ୍-ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଜାତୀୟ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିବେ ରାଜ୍ୟପାଳ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ଧୁଷୁରୀ ପୋଲିସ ପକ୍ଷରୁ ସଚେତନତା ଶିବିର, ସ୍ଥାନ: ଅସୁରାଳି ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାଙ୍କ କର୍ତ୍ତୃପକ୍ଷ ଓ ମୁଦ୍ରା ଯୋଜନା ହିତାଧିକାରୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା।

### ମୟୂରଭଞ୍ଜ
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ଦୋଳନ ଚଳଚ୍ଚିତ୍ରର ପ୍ରିମିୟର ଶୋ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର
- ବିଇଏମସି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍ ସାଂସ୍କୃତିକ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ଟା ୩୦।

### ଗଞ୍ଜାମ
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନିମଖଣ୍ଡି ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

### କନ୍ଧମାଳ
- ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ସମୀକ୍ଷା ବୈଠକ, ସ୍ଥାନ: ଫୁଲବାଣୀ ଜିଲାପାଳଙ୍କ ସଦ୍ଭାବନା ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।

### ଜଗତ୍ସିଂହପୁର
- ଆଇସିଡିଏସ୍ ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମ ଉପରେ ମାସିକିଆ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍ଭାବନା ସଭାଗୃହ, ଜଗତ୍ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍ସିଂହପୁର ଜିଲା ନିଗମାନନ୍ଦ ସାରସ୍ୱତ ସଂଘର ସାରସ୍ୱତ ବୈଠକ, ସ୍ଥାନ: ନିଗମାନନ୍ଦ ଆଶ୍ରମ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଲେଖିକା ସଂଘର ଜଣେ ଦିବଙ୍ଗତ କର୍ମକର୍ତ୍ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂର୍ଯ୍ୟମୁଖି ଅନୁଷ୍ଠାନ ପରିସର, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ନନ୍ଦୋତ୍ସବ, ସ୍ଥାନ: କଂସାର ଓ ଆୟେବା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ବଳରାମପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ସପ୍ତପୁରୀ ଅମାବାସ୍ୟା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୬ଟା।

### ରାୟଗଡ଼ା
- ମୁନିଗୁଡାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବିରେ ୧୨ ଘଣ୍ଟିଆ ବନ୍ଦ ପାଳନ ଓ ଧାରଣା, ସ୍ଥାନ: ମୁନିଗୁଡା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୬ଟା।

### ନବରଙ୍ଗପୁର
- ୟୁନିଫର୍ମ କିଟ୍ ଓ ବୀମା ପତ୍ର ପ୍ରଦାନ, ସ୍ଥାନ:ନବରଙ୍ଗପୁର ଦକ୍ଷତା ବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୧୦।
- ଧାନରେ ପ୍ରସ୍ତୁତ ହସ୍ତ ଶିଳ୍ପ ପରିଦର୍ଶନ, ସ୍ଥାନ: ଲିମ୍ବଓଭଟ୍ଟା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ମକା ପ୍ରୋସେସିଂ ୟୁନିଟ୍ ପରିଦର୍ଶନ, ସ୍ଥାନ: ଭାମିନି, ସମୟ: ଅପରାହ୍ନ ୧ ଟା।

### କୋରାପୁଟ
- ଶିଶୁମାନଙ୍କ ଶିକ୍ଷା ଅଧିକାର ନେଇ କର୍ମଶାଳା, ସ୍ଥାନ: ଟାଉନ୍ ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୫ଟା।

### ମାଲକାନଗିରି
- ପ୍ଲାଷ୍ଟିକ୍ ବର୍ଜନ କର୍ମଶାଳା, ସ୍ଥାନ: ଯବାନପାଲୀ ଉଚ୍ଚ ବିଦ୍ୟାଳୟ, କାଲିମେଲା, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟର ଇଷ୍ଟକୋଷ୍ଟ ରେଲୱେ ବନାମ ସମ୍ବଲପୁର କ୍ରିକେଟ କ୍ଲବ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଜିଲା ସାମ୍ବାଦିକ ସଂଘ ଆୟୋଜନରେ ବିଶ୍ୱ ଫଟୋଗ୍ରାଫି ଦିବସ ଓ ଫଟୋ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟାରୁ ସନ୍ଧ୍ୟା ୫ଟା।
- ଜିଲା ବିଜୁ ଜନତା ଦଳର ବୈଠକ, ସ୍ଥାନ: ପାନ୍ଥ ନିବାସ ସଭାକକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: କବରାପାଲି ବୀର ସୁରେନ୍ଦ୍ର ସାଏ ଉଚ୍ଚବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

### ବଲାଙ୍ଗୀର
- ରାଜସ୍ୱ ଅମଲା ସଂଘର ଧାରଣା , ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦

### ରାଉରକେଲା
- ବାଣିଜ୍ୟିକ ଓ ଆବାସିକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଆର୍ଏମ୍ସି ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।

### ସୁନ୍ଦରଗଡ଼
- ୮୦ତମ ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପର ଉଦ୍ଘାଟନୀ ସମାରୋହ: ସ୍ଥାନ: ସୁନ୍ଦରଗଡ଼ ଷ୍ଟାଡିୟମ, ସମୟ: ସକାଳ ୮ଟା।

### ବରଗଡ଼
- ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ, ବରଗଡ଼, ସମୟ: ସକାଳ ୯ଟା।
- ଏକକ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ସମୟ: ମଧ୍ୟାହ୍ନ ୧୨ଟା।

### କଳାହାଣ୍ଡି
- ଅମଲା ସଂଘର କାର୍ଯ୍ୟବନ୍ଦ ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### ଦେବଗଡ଼
- ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସେବା ଦାବିରେ ଦେବଗଡ଼ ବନ୍ଦ ପାଳନ ପାଇଁ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

### ସୁବର୍ଣ୍ଣପୁର
- ଧାନବିକ୍ରି ଟଙ୍କା ପାଇବା ଦାବିରେ ମରାଡୁଗୋଛା ପାକ୍ସର ଚାଷୀଙ୍କ ଧାରଣା ଚତୁର୍ଥ ଦିନରେ, ସ୍ଥାନ: ତରଭା ବ୍ଲକ ସମ୍ମୁଖ, ସମୟ: ସକାଳ: ୬ଟା।
- ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ୧୦ମ ଦିନରେ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୧୦ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କ ଆନ୍ଦୋଳନ ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରର ପ୍ରତ୍ୟେକ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରିବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ ଓ ପରିବହନରେ ମଧ୍ୟ ଶିଥିଳତା ମାନସିକ ଅଶାନ୍ତିର କାରଣ ହେବ। ଅଶ୍ୱିନୀ ନକ୍ଷତ୍ର ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇପାରିବେ।

**ବୃଷ** କୃତ୍ତିକା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର ମାତ୍ରାକୁ ବଢ଼ାଇଦେବ। ପଡ଼ୋଶୀ, ବନ୍ଧୁ ପରିଜନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ମତଭେଦ କାରଣରୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ବନ୍ଧୁଙ୍କ ମାଧ୍ୟମରେ ପାଇ ଖୁସି ହେବେ।

**ମିଥୁନ** ବନ୍ଧୁଙ୍କ ପରାମର୍ଶକ୍ରମେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ଆନୁସଙ୍ଗିକ ସହଯୋଗ ମଧ୍ୟ ପାଇବେ। ପୁନର୍ବସୁ ନକ୍ଷତ୍ର ସକାଶେ ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ସାମାନ୍ୟ ହଇରାଣ ହରକତ ହେବାକୁ ପଡ଼ିପାରେ।

**କର୍କଟ** ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ ଦୀର୍ଘଦିନର ଆଶା ଫଳବତୀ ହେବ। ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କଠିନ ଶ୍ରମ ହେତୁକ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି। ରପ୍ତାନିବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ।

**ସିଂହ** ପୂର୍ବାଫାଲ୍ଗୁନୀ ନକ୍ଷତ୍ର ଆଜି ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ମନୋବଳ ନେଇ କାମ କରିପାରିବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। ସଭାସମିତିର ଆଲୋଚନା ପରିସରରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ହସ୍ତା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ତର୍କବିତର୍କ ଜନିତ ସହକର୍ମୀଙ୍କ ସହ ମାନମନାନ୍ତର ଦେଖାଦେଇପାରେ।

**ତୁଳା** ଉନ୍ନତ ଚିନ୍ତା ଓ ପୂର୍ବପରିକଳ୍ପିତ ଯୋଜନା ତଥା ନୂତନ କର୍ମାରମ୍ଭ ଆଜିର ମୁଖ୍ୟ କାର୍ଯ୍ୟ ରହିବ। ସ୍ୱାତୀ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** ଅନୁରାଧା ନକ୍ଷତ୍ର ପରିଜନମାନଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଦୂରଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକ ସ୍ତରରେ ବିଳମ୍ବରେ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟ, ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପୂର୍ବଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁଣି ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରଶାସନିକ ସ୍ତରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ ସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ପ୍ରିୟଜନଙ୍କ ସହ ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ। ହିତୈଷୀମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ଅବସର ପାଇବେ। ଶ୍ରବଣା ନକ୍ଷତ୍ରର ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବା ସହ ଆର୍ଥିକ ଉନ୍ନତି ଘଟିପାରେ।

**କୁମ୍ଭ** କର୍ମଜଞ୍ଜାଳ ବୃଦ୍ଧି ପାଇବାଜନିତ ମନ ଭଲ ନ ଥିବା କାରଣରୁ ଉଦାସୀନ ରହିପାରନ୍ତି। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆଜି ଆକସ୍ମିକଭାବରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ମୀନ** କର୍ମକ୍ଷେତ୍ରରେ ମନ କଥା ମନରେ ରଖି କାମ କରିବାକୁ ବାଧ୍ୟ ହୋଇପାରନ୍ତି। ହାତପାହାନ୍ତାରେ ସୁଯୋଗ ପାଇଲେ ମଧ୍ୟ ତାହାର ସଦ୍ ବ୍ୟବହାର କରିପାରିବେ ନାହିଁ। ରେବତୀ ନକ୍ଷତ୍ର ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଲାଭ କରିବେ।

ଆଜି ଅଗଷ୍ଟ ୨୦ ତାରିଖ, ବିଶ୍ୱ ମଶକ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ସଦ୍ଭାବନା ଦିବସ, ଭାଦ୍ରବ କୃଷ୍ଣ ଦ୍ୱାଦଶୀ ବୁଧବାର। ଶ୍ରୀମନ୍ଦିରରେ ଶ୍ରୀମହାପ୍ରଭୁଙ୍କର ପ୍ରଳମ୍ବାସୁର ବଧ ବେଶ। ବୁଧିବାମନ ଓଷା ଦ୍ୱିତୀୟ ପାଳି। ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୧ମି. ଗତେ ଘ.୦୭.୧୨ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁ କାଳ।

# ସଦ୍ଭାବନା ଦିବସ




ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି, ଏକତା ସଦ୍ଭାବକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ତଥା ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ୨୦ ଅଗଷ୍ଟରେ ପାଳନ କରାଯାଉଛି ସଦ୍ଭାବନା ଦିବସ। ଏହି ଦିବସ ଏକ ବିବିଧ ସମାଜରେ ସାମ୍ପ୍ରଦାୟିକ ସଦ୍ଭାବନା ଏବଂ ଜାତୀୟ ସଂହତି ବଜାୟ ରଖିବାର ଭାବନାକୁ ସମ୍ମାନ କରେ। ଏହି ଅବସରରେ ନାଗରିକମାନଙ୍କୁ ବିଭିନ୍ନ ସାଂସ୍କୃତିକ-ଧାର୍ମିକ ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ଗ୍ରହଣୀୟତାର ସ୍ମରଣ କରାଏ। ତେବେ ଜାତୀୟ ସଦ୍ଭାବର ଅର୍ଥ ହେଉଛି ଦେଶର ସମସ୍ତ ନାଗରିକଙ୍କ ମଧ୍ୟରେ ପାରସ୍ପରିକ ପ୍ରେମ, ଭାଇଚାରା ଏବଂ ଏକତାର ଭାବନା। ଏହା ଏପରି ଏକ ସ୍ଥିତି ଯେଉଁଠାରେ ବିଭିନ୍ନ ଧର୍ମ, ଜାତି ଏବଂ ସଂସ୍କୃତିର ଲୋକମାନେ କୌଣସି ଭେଦଭାବ ବିନା ଏକାଠି ରୁହନ୍ତି, ପରସ୍ପରକୁ ସମ୍ମାନ କରନ୍ତି ଏବଂ ଦେଶର ପ୍ରଗତିରେ ଯୋଗଦାନ ଦିଅନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଙ୍କୁଣୀ ପାଇଚି ଇଲିଶି,
କଣ୍ଟାମଣ୍ଟା କରି ଗିଳୁଛି।**

ଅତି ଲୋଭରୁ ମୃତ୍ୟୁ। ଲୋଭ ପରବଶ ହୋଇ ଅଧିକ ଜିନିଷ ପ୍ରତି ଆକୃଷ୍ଟ ହେଲେ ପରିଶେଷରେ ବିଷମ ଦଶା ଭୋଗିବାକୁ ପଡିଥାଏ, ଯାହାକି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ରଜା ପୁଅ ଯୋଗୀ ହେଲେ
ତା' ରାଜା ବୁଦ୍ଧି ଛାଡ଼େ ନାହିଁ
ଯୋଗୀ ପୁଅ ରାଜା ହେଲେ
ତା' ଯୋଗୀ ବୁଦ୍ଧି ଛାଡ଼େ ନାହିଁ।**

ସାଧାରଣତଃ ମନୁଷ୍ୟ ନିଜ ବୁଦ୍ଧି ବା ସହଜାତ ପ୍ରକୃତିକୁ ସହଜରେ ଛାଡ଼ିପାରି ନଥାଏ। ମନୁଷ୍ୟ ଯେତେ ଉଚ୍ଚ ବା ନୀଚ ସ୍ତରର ବ୍ୟକ୍ତି ହେଲେ ମଧ୍ୟ ନିଜ ଚରିତ୍ରଗତ ଅଭ୍ୟାସରୁ ନିଜକୁ ବଦଳାଇ ପାରୁନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶିଶୁବାଟିକା ପିଲାଙ୍କୁ ମିଳିବ ମାଗଣା ୟୁନିଫର୍ମ

## ପ୍ରତ୍ୟେକ ପିଲା ପାଇଁ ଖର୍ଚ୍ଚ ହେବ ୧୦୦୦ ଟଙ୍କା

ଭୁବନେଶ୍ୱର,୧୯।୮(ସୁଚିସ୍ମିତା ସାହୁ)

ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଡ୍ରପ୍ଆଉଟ ହାର ରୋକିବା ସହ ପିଲାଙ୍କୁ ବିଦ୍ୟାଳୟମୁହାଁ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କୁ ମାଗଣାରେ ୟୁନିଫର୍ମ ପ୍ରଦାନ କରାଯିବ। ରାଜ୍ୟର ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲାଙ୍କୁ ୟୁନିଫର୍ମ ଓ ଅନ୍ୟାନ୍ୟ ଉପକରଣ ମାଗଣାରେ ଦିଆଯିବ। ଏ ବାବଦରେ ପ୍ରତ୍ୟେକ ପିଲାଙ୍କ ପିଛା ୧୦୦୦ ଟଙ୍କା ଲେଖାଏ ଖର୍ଚ୍ଚ ହେବ। ଏଥିଲାଗି ଆବଶ୍ୟକ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁ ବାଟିକା ଖୋଲାଯାଇଛି। ଏବେ ପିଲାଙ୍କୁ ସ୍କୁଲ ୟୁନିଫର୍ମ ସହିତ ଜୋତା, ମୋଜା, ଟ୍ରାକ୍ ପ୍ୟାଣ୍ଟ ମଧ୍ୟ ଦିଆଯିବ। ୩ ଲକ୍ଷ ୧୦ ହଜାର ୮୪୯ ପିଲାଙ୍କୁ ୟୁନିଫର୍ମ ଦିଆଯିବ। ପ୍ରତ୍ୟେକ ପିଲାଙ୍କ ସମସ୍ତ ଖର୍ଚ୍ଚ ବାବଦ ୧ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏହା ଦ୍ୱାରା ପିଲାମାନେ ସ୍କୁଲ ଛାଡ଼ିବାକୁ ମନା କରିବେ ନାହିଁ, ଯଦ୍ଦ୍ୱାରା ଡ୍ରପ୍ଆଉଟ ହାର ବଢ଼ିବ ନାହିଁ।

# ଘରୁ ଆରମ୍ଭ ନିରାକରଣ

ପ୍ରତିବର୍ଷ ୨୦ ଅଗଷ୍ଟରେ ବିଶ୍ୱ ମଶା ଦିବସ ପାଳନ କରାଯାଇଆସୁଛି। ପ୍ରଖ୍ୟାତ ଚିକିତ୍ସା ବିଜ୍ଞାନୀ ସାର୍ ରୋନାଲ୍ଡ ରସ ଏହି ଦିନ ମାଈ ଆନୋଫିଲିସ ମଶା ମଣିଷ ମଧ୍ୟରେ ମ୍ୟାଲେରିଆ ସଂକ୍ରମଣ କରନ୍ତି ବୋଲି ଆବିଷ୍କାର କରିଥିଲେ। ରୋନାଲ୍ଡ ରସ ଭାରତୀୟ ଚିକିତ୍ସା ସେବାରେ କାର୍ଯ୍ୟ କରିବା ବେଳେ ୧୮୯୭ ଅଗଷ୍ଟ ୨୦ରେ ସିକନ୍ଦରାବାଦଠାରେ ଏକ ମାଈ ଆନୋଫିଲିସ ମଶାର ପାକସ୍ଥଳୀରେ ମ୍ୟାଲେରିଆ ପରଜୀବୀର ଆବିଷ୍କାର କରିବାରେ ସକ୍ଷମ ହୋଇଥିଲେ। ରସଙ୍କ ଏହି ଆବିଷ୍କାର ମ୍ୟାଲେରିଆର ପ୍ରତିରୋଧ ବ୍ୟବସ୍ଥା ଲାଗି ସୂତ୍ରପାତ କରିଥିଲା। ତେବେ ଏହି ଆବିଷ୍କାର ପାଇଁ ୧୯୦୨ ମସିହାରେ ରସଙ୍କୁ ପ୍ରଥମ ବ୍ରିଟିଶ ବ୍ୟକ୍ତି ଭାବେ ମେଡିସିନ କ୍ଷେତ୍ରରେ ନୋବେଲ ପୁରସ୍କାର ମିଳିଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଅବସରରେ ବାର୍ତ୍ତା ରହିଛି ଘରୁ ଆରମ୍ଭ ହୁଏ ନିରାକରଣ। ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖି, ଜମି ରହିଥିବା ପାଣିକୁ ଦୂର କରି ଏବଂ ସରଳ ସତର୍କତା ସହିତ ନିଜକୁ ସୁରକ୍ଷା ଦେଇ, ଆମେ ମଶା ବାହିତ ରୋଗର ବିପଦକୁ ଯଥେଷ୍ଟ ପରିମାଣରେ ହ୍ରାସ କରିପାରିବା।

**ଆଜି ବିଶ୍ୱ ମଶା ଦିବସ**



# ନବୀକରଣୀୟ ଶକ୍ତିର ଗୁରୁତ୍ୱ

ଭାରତରେ ନବୀକରଣୀୟ ଶକ୍ତିର ଗୁରୁତ୍ୱ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୦ରେ ପାଳନ କରାଯାଉଛି ଅକ୍ଷୟ ଉର୍ଜା ଦିବସ। ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ୨୦୦୪ ମସିହାରେ ଅକ୍ଷୟ ଉର୍ଜା ଦିବସ ଆରମ୍ଭ କରିଥିଲା। ଅକ୍ଷୟ ଉର୍ଜା ଦିବସ ହେଉଛି ଭାରତରେ ନବୀକରଣୀୟ ଶକ୍ତିର ବିକାଶ ବିଷୟରେ ଏକ ସଚେତନତା ଅଭିଯାନ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମଦିନକୁ ମନେ ପକାଇବା ପାଇଁ ଏହି ଦିନ ପାଳନ କରାଯାଏ। ଏହା ରାଜୀବ ଗାନ୍ଧୀ ଅକ୍ଷୟ ଉର୍ଜା ଦିବସ ଭାବରେ ମଧ୍ୟ ଜଣାଶୁଣା। ତେବେ ଅକ୍ଷୟ ଉର୍ଜା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଲୋକମାନଙ୍କୁ ସଚେତନ କରାଇବା ଯେ, ପାରମ୍ପରିକ ଶକ୍ତି(ସୌର, ପବନ ଏବଂ ଜଳ) ବ୍ୟତୀତ ଅକ୍ଷୟ ଉର୍ଜା (ନବୀକରଣୀୟ ଶକ୍ତି) ବିଷୟରେ ମଧ୍ୟ ଚିନ୍ତା କରିବାକୁ ପଡ଼ିବ।

**ଅକ୍ଷୟ ଉର୍ଜା ଦିବସ**



## ଏସ୍ଆଇଆର୍: ବିକଳ୍ପ...

ପ୍ରଥମ ପୃଷ୍ଠାରୁ...

ପେନ୍ସନ ପ୍ରମାଣପତ୍ର କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଚାକିରି ସମ୍ପର୍କିତ ପ୍ରମାଣପତ୍ର ସହିତ ଜୁଲାଇ ପହିଲା ୧୯୮୭ ସୁଦ୍ଧା କେନ୍ଦ୍ର ସରକାରଙ୍କ ଅଧୀନ ବ୍ୟାଙ୍କ, ପୋଷ୍ଟ ଅଫିସ୍, ଏଲ୍ଆଇସି କିମ୍ବା ପିଏସ୍ୟୁର ପରିଚୟପତ୍ର(ଏହି ଅବଧି ମଧ୍ୟରେ ସମ୍ପୃକ୍ତ ସଂସ୍ଥାର ପରିଚୟପତ୍ର କିମ୍ବା ସଂସ୍ଥାର ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଡକ୍ୟୁମେଣ୍ଟ), ଜନ୍ମ ପ୍ରମାଣପତ୍ର, ପାସ୍ପୋର୍ଟ, ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମାଟ୍ରିକ୍ କିମ୍ବା ଶିକ୍ଷା ସାର୍ଟିଫିକେଟ୍, ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ଆବାସିକ ପ୍ରମାଣପତ୍ର, ଜଙ୍ଗଲ ଜମି ଅଧିକାର ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଜାତୀୟ ନାଗରିକତ୍ୱ ପ୍ରମାଣପତ୍ର (ଏନ୍ଆର୍ସି) (ଯାହାକି ଓଡ଼ିଶାରେ ହୋଇନାହିଁ), ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ପରିବାର ପଞ୍ଜୀକରଣ ଏବଂ ଜମି କିମ୍ବା ଘର ଆବଣ୍ଟନ ପ୍ରମାଣପତ୍ରକୁ ବିବେଚନା କରାଯିବ। ଏହି ଡକ୍ୟୁମେଣ୍ଟ ନ ଥିବାର ଯଦି କୌଣସି ଅଭିଯୋଗ ଆସେ ତାକୁ ମଧ୍ୟ ବିଏଲ୍ଓସ୍ତରରେ ଯାଞ୍ଚ କରାଯିବ ବୋଲି ସିଇଓ ଗୋପାଳନ କହିଛନ୍ତି।

# ଇସିଆଇଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

ଭୁବନେଶ୍ୱର,୧୯।୮(ସୁନିତ୍ ମିଶ୍ର)

ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ନୂଆଦିଲ୍ଲୀରେ ଇସିଆଇଙ୍କୁ ଭେଟିଛନ୍ତି। ଦେଶରେ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ଉନ୍ନତ କରିବା ଲାଗି ଇସିଆଇଙ୍କ ପକ୍ଷରୁ ଦେଶର କେତେକ ରାଜନୈତିକ ଦଳକୁ ଡକାଯାଇଥିଲା। ସେହି କ୍ରମରେ ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଇସିଆଇଙ୍କୁ ଭେଟିଛନ୍ତି। ପ୍ରତିନିଧିମଣ୍ଡଳୀରେ ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଅମର ପଟ୍ଟନାୟକ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ଏମ୍ପି ସୁଲତା ଦେଓ, ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝୀ ଏବଂ ଭୃଗୁ ବକ୍ସିପାତ୍ର ଯୋଗଦେଇଛନ୍ତି। ଇସିଆଇଙ୍କୁ ଭେଟିବା ପରେ କନ୍ଷ୍ଟିଚ୍ୟୁଶନ କ୍ଲବ୍ଠାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇ ଦେବୀ ମିଶ୍ର କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନରେ ବିଧାନସଭା ଏବଂ ଲୋକ ସଭା ଭୋଟିଂର ଗଣତିରେ ତାରତମ୍ୟ ଦେଖାଦେଇଛି। ଅପରାହ୍ନ ୫ଟା ପରେ ହଠାତ୍ ଭୋଟିଂ ପ୍ରତିଶତ ବୃଦ୍ଧି ଘଟିବା ଘଟଣାକୁ ନେଇ ବିଜେଡି ୨୦୨୪ ଡିସେମ୍ବରରେ ଅଭିଯୋଗ କରିଥିଲା। ବାରମ୍ବାର ଚେଷ୍ଟା ସତ୍ତ୍ୱେ ସ୍ଥାନୀୟ ନିର୍ବାଚନ ଅଧିକାରୀ ଫର୍ମ ୧୭ସି ପ୍ରଦାନକରି ନାହାନ୍ତି ବୋଲି ଇସିଆଇଙ୍କୁ ସେମାନେ କହିଥିଲେ। ଇସିଆଇ ଏକଥା ଶୁଣି ଆଶ୍ଚର୍ଯ୍ୟ ହେବା ସହ ଫର୍ମ ୧୭ସି ଯୋଗାଇଦେବାକୁ କହିଛନ୍ତି। ଭୋଟିଂ ପ୍ରକ୍ରିୟାରେ କିପରି ଜାଲିଆତି ହୋଇଛି ତା'ର ତଥ୍ୟ ରଖାଯାଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବା କଥା କୁହାଯାଇଥିବା ଦେବୀ କହିଛନ୍ତି। ଏହି ଅବସରରେ ଅମର ପଟ୍ଟନାୟକ କହିଥିଲେ, ଓଡ଼ିଶାରେ ଏସ୍ଆଇଆର୍ ଲାଗୁ କରିବାକୁ ବିଜେଡି ବିରୋଧ କରୁଛି। ସ୍ୱଚ୍ଛତାର ସହି ଏହା ଲାଗୁ କରାଯାଉ ବୋଲି ସେ କହିଛନ୍ତି।



# ସତ୍ୟପାଠ ମାଗିନାହାନ୍ତି ଇସି: ବିଜେଡି

ଗତ ନିର୍ବାଚନରେ ପରିଲକ୍ଷିତ ହୋଇଥିବା କିଛି ଅସଙ୍ଗତିକୁ ନେଇ ବିଜେଡି ନିର୍ବାଚନ କମିଶନଙ୍କ ସମ୍ମୁଖରେ ଉଠାଇଥିବା ପ୍ରସଙ୍ଗରେ ସତ୍ୟପାଠ ଦାଖଲ ନ କରି କେବଳ ଉପର ଠାଉରିଆ ଭାବେ ଅଭିଯୋଗ କରିଛି ବୋଲି ଖବର ପ୍ରକାଶ କରାଯାଉଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ଗତ ନିର୍ବାଚନରେ ପରିଲକ୍ଷିତ ହୋଇଥିବା ଅସଙ୍ଗତିକୁ ନେଇ ଲିଖିତ ଭାବେ ନିର୍ବାଚନ କମିଶନରଙ୍କ ଦୃଷ୍ଟିଆକର୍ଷଣ କରିଛି। ଇସିଙ୍କ ତରଫରୁ କୌଣସି ସମୟରେ ବିଜେଡିକୁ ସତ୍ୟପାଠ ମଗାଯାଇ ନାହିଁ। ତେଣୁ ସତ୍ୟପାଠ ଦେବାର ଆବଶ୍ୟକତା ନାହିଁ।

# ଓଡ଼ିଶାରେ ବିହାର ପରି ଚଞ୍ଚକତା କଲେ ଆନ୍ଦୋଳନ: ଭକ୍ତ

ଭୁବନେଶ୍ୱର,୧୯।୮(ରବିନାରାୟଣ ଜେନା)

ଭୋଟର ତାଲିକା ସଂଶୋଧନ ବେଳେ ବିହାର ପରି ଓଡ଼ିଶାରେ ଏସ୍ଆଇଆର୍କୁ ଅସ୍ତ୍ର କରାଗଲେ ଆନ୍ଦୋଳନ ହେବ ବୋଲି ମଙ୍ଗଳବାର ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ 'ଭୋଟ୍ ଚୋରି' ମସୁଧା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ବିହାରରେ ଏସ୍ଆଇଆର୍ରେ ବାଦ୍ ପଡ଼ିଥିବା ଭୋଟରଙ୍କ ତଥ୍ୟ ଦେବା ପାଇଁ ଇସି ମନା କରିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ରଦ୍ଦକରି ଉକ୍ତ ତାଲିକା ପ୍ରକାଶନକୁ ବାଧ୍ୟ କରିବା ପରେ ସରକାରଙ୍କ ଉଦ୍ଦେଶ୍ୟ ପଦାରେ ପଡ଼ିଛି। ଗତ ନିର୍ବାଚନରେ ଓଡ଼ିଶାରେ ୪୨ ଲକ୍ଷ ଭୋଟ୍ ଚୋରି ଅଭିଯୋଗ, ଲୋକ ସଭା-ବିଧାନସଭା ଭୋଟ୍ ସଂଖ୍ୟାରେ ତାରତମ୍ୟ, ଅପରାହ୍ନ ୫ଟା ପରେ ମତଦାନ ହାରରେ ଆଖିଦୃଶିଆ ବୃଦ୍ଧି (୭-୩୦% ଯାଏ ବଢ଼ିବା) ଇତ୍ୟାଦି ଫ୍ୟାକ୍ଟର ଓଡ଼ିଶାରେ ଭାଜପାର 'ଭୋଟ୍ ଚୋରି'କୁ ପ୍ରମାଣିତ କରୁଛି।

**ସୁଲତା ଦେଓଙ୍କୁ ଫେସ୍‌ବୁକ୍‌ରେ ବଳାତ୍କାର ଧମକ**

ନୂଆଦିଲ୍ଲୀ,୧୯।୮: ମହିନ୍ଦ୍ରା ଗ୍ରୁପ୍‌ର ଜଣେ କର୍ମଚାରୀ ଫେସ୍‌ବୁକ୍‌ରେ ବିଜେଡି ଏମ୍‌ପି ସୁଲତା ଦେଓଙ୍କୁ ବଳାତ୍କାର ଓ ହତ୍ୟା ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ମାମଲା ପ୍ରତି ଆଖିବୁଜି ଦେଇଥିବା ସୁଲତା କହିଛନ୍ତି। ଅଭିଯୁକ୍ତ ସତ୍ୟବ୍ରତ ନାୟକ ଜଣେ ଭାଜପା କର୍ମୀ ଓ ମହିନ୍ଦ୍ରା ନାଶିକ୍ ଶାଖାରେ କାର୍ଯ୍ୟରତ । ତାଙ୍କ ଧମକପୂର୍ଣ୍ଣ ବାର୍ତ୍ତାର ସ୍କ୍ରିନଶଟ୍‌କୁ ସୁଲତା Xରେ ଶେୟାର କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଆନନ୍ଦ ମହିନ୍ଦ୍ରା ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଟ୍ୟାଗ୍ କରିଛନ୍ତି। ଅଭିଯୋଗକୁ ଗମ୍ଭୀରତାର ସହ ନେଇ ତଦନ୍ତ କରାଯାଉଛି। ଦୁର୍ବ୍ୟବହାର ଓ ଧମକ ବିରୋଧରେ ମହିନ୍ଦ୍ରା ଗ୍ରୁପ୍ 'ଶୂନ୍ୟ ସହିଷ୍ଣୁତା' ନୀତି ଗ୍ରହଣ କରିଆସିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।



କୋଲ୍‌କାତାରେ ଅବସ୍ଥାପିତ ବ୍ରିଟେନ୍ ଉପ ଉଚ୍ଚାୟୁକ୍ତ ଆଣ୍ଡ୍ର୍ୟୁ ଫ୍ଲେମିଂ ଓଡ଼ିଶା ଗସ୍ତରେ ଆସିଥିବାବେଳେ ମଙ୍ଗଳବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନ ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, କୋଲକାତା ବ୍ରିଟିଶ୍ ଡେପୁଟି ହାଇକମିଶନ୍‌ର ଆସିଷ୍ଟାଣ୍ଟ କମ୍ୟୁନିକେଶନ, ଇଭେଣ୍ଟ୍ସ ଆଣ୍ଡ ଭିଜିଟ୍ସ ଅଫିସର ସ୍ୱର୍ଣ୍ଣମୟୀ ଶତପଥୀ ଏବଂ ଧରିତ୍ରୀ ପରିବାରର ସଦସ୍ୟାସଦସ୍ୟ।

# ୨୫ରୁ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ନାମଲେଖା ଆବେଦନ

ଭୁବନେଶ୍ୱର,୧୯।୮(ସୁଚିସ୍ମିତା ସାହୁ)

ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ନାମଲେଖା ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ଆସନ୍ତା ୨୫ ତାରିଖଠାରୁ ନାମଲେଖା ପାଇଁ ଆବେଦନ କରିପାରିବେ। ଯେଉଁ ବିଦ୍ୟାର୍ଥୀମାନେ ପ୍ରଥମ ପର୍ଯ୍ୟାୟ-୧ ଇ-ଆଡ୍‌ମିଶନ ୨୦୨୫-୨୬ରେ ଆବେଦନ କରିଥିଲେ, କିନ୍ତୁ କୌଣସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ମନୋନୀତ ହୋଇ ନ ଥିଲେ, ସେମାନେ କୌଣସି ଅତିରିକ୍ତ ସିଏଏଫ୍ ଫି' ବିନା ସେମାନଙ୍କର ବିଦ୍ୟମାନ ଲଗ୍-ଇନ୍ ବ୍ୟବହାର କରି ପୁନଃ ଆବେଦନ କରିପାରିବେ। ସେହିପରି ଯେଉଁ ବିଦ୍ୟାର୍ଥୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରବେଶ ପାଇ ନ ଥିଲେ ଅଥବା ସିଏଏଫ୍‌ରେ ଆବେଦନ କରି ନ ଥିଲେ କିମ୍ବା ଟିସି ଅଗଷ୍ଟ ୩୧ ସୁଦ୍ଧା କିମ୍ବା ପୂର୍ବରୁ ନେଇଥିଲେ, ସେମାନଙ୍କୁ ପର୍ଯ୍ୟାୟ-୨ ପ୍ରଥମ ଚୟନ ଫି' ପ୍ରଦାନ ସହିତ ଏକ ନୂତନ ସିଏଏଫ୍ ଦାଖଲ କରିବାକୁ ପଡ଼ିବ। ଆବେଦନକାରୀମାନେ ସେମାନଙ୍କ ସାଧାରଣ ଆବେଦନ ଫର୍ମ ୪ଥର ପର୍ଯ୍ୟନ୍ତ ଏଡିଟ୍ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଫର୍ମ ଆବେଦନ କରିବାର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ସେପ୍ଟେମ୍ବର ୪ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବା ସହିତ ୬ରୁ ୧୦ତାରିଖ ଭିତରେ ଆଡ୍‌ମିଶନ ପାଇଁ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରିପୋର୍ଟିଂ କରିବେ। ନାମଲେଖା ଫର୍ମ ଏଡିଟ କରିବାର ଶେଷ ତାରିଖ ୧୧ ପର୍ଯ୍ୟନ୍ତ ରହିଛି। ସ୍ପଟ୍ ନାମଲେଖା ପାଇଁ ଟଏସ୍ ଲକିଂ ୧୨ ଓ ୧୩ ତାରିଖ ପର୍ଯ୍ୟନ୍ତ କରିପାରିବେ। ସେହିପରି ୧୭ ତାରିଖରେ ସ୍ପଟ୍ ନାମଲେଖାର ମେଧା ତାଲିକା ପ୍ରକାଶ ପାଇବ।

**ସେପ୍ଟେମ୍ବର ୪ରେ ମେଧା ତାଲିକା**

# ଶ୍ରେଷ୍ଠ ୫ ରାଜ୍ୟରେ ରହିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

## ନ୍ୟୁଜ୍ ୧୮ର 'ରାଇଜିଂ ଓଡ଼ିଶା' କନ୍‌କ୍ଲେଭ

ଭୁବନେଶ୍ୱର,୧୯।୮
(ଅନୁରାଧା ମହାରଣା)

ନ୍ୟୁଜ୍ ୧୮ ଓଡ଼ିଆ ପକ୍ଷରୁ 'ରାଇଜିଂ ଓଡ଼ିଶା' କନ୍‌କ୍ଲେଭ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ଲୋକଙ୍କୁ ୨୧ଟି ପ୍ରତିଶ୍ରୁତି ଦେଇଥିଲା। ସେଥିମଧ୍ୟରୁ ୧୧ରୁ ଅଧିକ ପ୍ରତିଶ୍ରୁତି ପ୍ରଥମ ୧୦ ମାସରେ ପୂରଣ ହୋଇଛି। ଗରିବ, କୃଷକ, ମହିଳା ଓ ଯୁବପିଢ଼ି ଆଦି ୪ଟି ବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଏହି ୪ଟି ବର୍ଗ ପ୍ରଗତି କଲେ ବିକଶିତ ଭାରତ ଗଠନ ହେବ। ସେହିପରି ଗୋଟିଏ ବର୍ଷରେ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ତିଆରି ହୋଇଛନ୍ତି। ଏ କ୍ଷେତ୍ରରେ ସାରା ଭାରତରେ ଓଡ଼ିଶା ପ୍ରଥମ ହେବା ଆମକୁ ଉତ୍ସାହିତ କରିଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ୩୬ଟି ଯୋଜନା ଅଛି। ଓଡ଼ିଶା ପୂର୍ବ ଭାରତର ବିକାଶର ଅଗ୍ରସାରଥି ହେବ। ଶିକ୍ଷା ଓ ସ୍ୱାସ୍ଥ୍ୟକୁ ବଜେଟରେ ଅଧିକ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ଓ ରାଜ୍ୟର ସ୍ୱାସ୍ଥ୍ୟ ଯୋଜନାକୁ ଯୋଡ଼ି ଅଧିକ ସୁବିଧା ଦେଉଛୁ। ୭୦ରୁ ଅଧିକ ବୟସ୍କଙ୍କ ପାଇଁ ୫ ଲକ୍ଷର ମାଗଣା ଚିକିତ୍ସା କରିଛୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଖଣି ସମ୍ପଦରେ ପରିପୂର୍ଣ୍ଣ ରାଜ୍ୟ ଓଡ଼ିଶାରେ ସବୁ କରିହେବ। ଓଡ଼ିଶାରେ ଖଣି, ପାଣି, ସମତଳ ଅଞ୍ଚଳ ସବୁ ଅଛି, ବିକାଶ କାହିଁକି ହେବନି ବୋଲି କହିଛନ୍ତି। ଓଡ଼ିଶାକୁ ଶ୍ରେଷ୍ଠ ୫ଟି ରାଜ୍ୟରେ ସ୍ଥାନିତ କରିବା ଲକ୍ଷ୍ୟ ରହିଛି। ଓଡ଼ିଶାରେ ଶିଳ୍ପ କରି ସମ୍ପଦର ସୁବିନିଯୋଗ କରିବା ଲକ୍ଷ୍ୟ ରହିଛି। ୧୭ ଲକ୍ଷ କୋଟିର ପ୍ରସ୍ତାବରୁ ୧୩ ଲକ୍ଷ କୋଟିର ଏମ୍‌ଓୟୁ ହୋଇଛି। ୧ ଲକ୍ଷରୁ ଅଧିକ ଯୁବକଙ୍କୁ ନିଯୁକ୍ତି ମିଳିଛି। ବର୍ଷକରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ୬ ଥର ଆସିବା ଦର୍ଶାଉଛି ଯେ, ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବ ଓଡ଼ିଶା। ସୁଭଦ୍ରା ଯୋଜନା ମହିଳା ସଶକ୍ତୀକରଣର ଏକ ମାର୍ଗ। ମହିଳା ସଶକ୍ତ ହେଲେ ଓଡ଼ିଶା ସଶକ୍ତ ହେବ। ସୁଭଦ୍ରା ଯୋଜନାରେ କୋଟିଏରୁ ଅଧିକ ମହିଳା ଯୋଡ଼ି ହେଲେଣି। ସେ ପୂର୍ବ ବିଜେଡି ସରକାରକୁ ଆକ୍ଷେପ କରି କହିଛନ୍ତି, ଗତ ସରକାରରେ ଲକ୍ଷପତି ଦିଦି କରିବାକୁ ଇଚ୍ଛାଶକ୍ତି ନ ଥିଲା। ୨୪ ବର୍ଷର ସରକାର କୃଷକଙ୍କୁ ଶହେ ଟଙ୍କା ବୋନସ୍ ଦେଇପାରିଲେନି। ଆମ ସରକାର ପ୍ରଥମ ବର୍ଷରେ ୮୦୦ ଟଙ୍କା ବୋନସ୍ ଦେଲା। ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଅଧିକ ଭଲ ପାଉଛନ୍ତି। ବର୍ତ୍ତମାନ ଓଡ଼ିଶାକୁ ପୋସ୍କୋ ଆସିଲା ଜେଏସ୍‌ଡବ୍ଲ୍ୟୁ ସହ ଶିଳ୍ପ କରିବ। ୮,୩୦୭ କୋଟି ଟଙ୍କାର ରିଂରୋଡ୍ ପ୍ରକଳ୍ପ ମଞ୍ଜୁର ହୋଇଛି। ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ନିଯୁକ୍ତି ପାଇଁ କଥା ଦେଇଥିଲୁ। ଏବେ ସୁଦ୍ଧା ୨୮ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଥିବାବେଳେ ବର୍ଷକରେ ୮୫ ହଜାର ସରକାରୀ ଚାକିରି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ନ୍ୟୁଜ୍ ୧୮ର ସମ୍ପାଦକ ନରେନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ 'ଶିଳ୍ପ ଆସୁଛି, ଚାକିରି ଆସିବ ?' ଶୀର୍ଷକ ଅଧିବେଶନରେ ମାନସ ଦାଶଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ରଖିଥିଲେ। 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଅଧିବେଶନରେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଆଲୋଚନା କରିଥିବାବେଳେ 'କୃଷି: ଓଡ଼ିଶା ବିକାଶ ଇଞ୍ଜିନ୍' ଶୀର୍ଷକ ଅଧିବେଶନ କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ନଟିଆ କମେଡି, କ୍ରିଷ୍ଟା ଏବଂ ନିତିଆ ନନାଙ୍କ ସହିତ ଏକ ପ୍ୟାନେଲ ମଧ୍ୟ ସାମିଲ ହୋଇ ସାମାଜିକ ଗଣମାଧ୍ୟମ କ୍ଷେତ୍ରରେ ଯୁବ ସମ୍ପର୍କ, ସାଂସ୍କୃତିକ ପ୍ରଭାବ ଏବଂ ଟ୍ରେଣ୍ଡିଂ ବିଷୟରେ ଆଲୋଚନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ପ୍ରିଣ୍ଟ ପାର୍ଟନର ରହିଥିଲା।






**ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ**




## ବଜ୍ରପାତରେ ୩ ମୃତ

ବନ୍ତ,(ହରିନାରାୟଣ ମହାନ୍ତି)/ କୋଲାବିରା, (ଚିନ୍ମୟ କୁମାର ବହିଦାର) ୧୯।୮

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ପରମାଣପୁର ପଞ୍ଚାୟତ ଅଧୀନ କାଳିବାହାଲ ଗ୍ରାମରେ ମଙ୍ଗଳବାର ବଜ୍ରପାତ ହେବାରୁ ବୀର କିଷାନ ଓ ଦୁଃଖବନ୍ଧୁ ମାଝୀଙ୍କ ମୃତ୍ୟୁ ଘଟିଛି। ସେହିପରି ଭଦ୍ରକ ଜିଲା ବନ୍ତ ବ୍ଲକ ଷେଣ୍ଡିତିରା ପଞ୍ଚାୟତର ଚାରିପୋଖରୀଆରେ ବିଲରେ କାମ କରୁଥିବାବେଳେ ବଜ୍ରପାତରେ ଚାଷୀ ଗୌରା ମୁଣ୍ଡା(୨୮)ଙ୍କ ମୃତ୍ୟୁ ଘଟିଛି।

# ୨% ଅର୍ଥ ଖର୍ଚ୍ଚ କରିପାରୁନି କ୍ରୀଡ଼ା ବିଭାଗ

## ୭ ବିଭାଗର ନୈରାଶ୍ୟଜନକ ସ୍ଥିତି

ଭୁବନେଶ୍ୱର,୧୯।୮
(ରବିନାରାୟଣ ଜେନା)

କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରି ଯୁବବର୍ଗଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ କାର୍ଯ୍ୟକାରୀ ହେଉଛି। ହେଲେ ବିଭାଗ ଚଳିତ ଆର୍ଥିକବର୍ଷ ପାଇଁ ଯେଉଁ ଯୋଜନା ଓ ଆଭିମୁଖ୍ୟ ରଖିଥିଲା, ତାହା ଏବେ ବାଟବଣା ହେଲାଭଳି ପରିଲକ୍ଷିତ ହେଉଛି। ରାଜ୍ୟ ସରକାରଙ୍କ ୨୦୨୫-୨୬ ଆର୍ଥିକବର୍ଷ ବଜେଟକୁ ଇତିମଧ୍ୟରେ ୫ ମାସ ବିତିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ ବିଭାଗ ୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରିନାହିଁ। ଏଥିପାଇଁ କିଏ ବାଟ ଓଗାଳିଛି ବୋଲି ଅଗଷ୍ଟ ୧୧ରୁ ୧୩ ତାରିଖ ମଧ୍ୟରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଜଣାଯାଇଛି।

ଉନ୍ନୟନ ଆୟୁକ୍ତ ଗର୍ଗଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗର ବଜେଟ ଖର୍ଚ୍ଚ ସମୀକ୍ଷା ଚଳିତମାସ ୧୧ରୁ ୧୩ ପର୍ଯ୍ୟନ୍ତ ହୋଇଥିଲା। ଏହି ଅବସରରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ଯେଉଁ ଖର୍ଚ୍ଚ ପ୍ରଦର୍ଶନ କରାଯାଇଥିଲା, ତାହା ଅତ୍ୟନ୍ତ ନଗଣ୍ୟ ରହିଥିଲା। ବିଭାଗୀୟ ସଚିବ ସମୀକ୍ଷା ବେଳେ ଦର୍ଶାଇଥିଲେ ଯେ, ବିଭାଗ ପକ୍ଷରୁ ଚଳିତବର୍ଷ ୧୧୨୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଛି। ଜୁଲାଇ ଶେଷ ସୁଦ୍ଧା ୧.୭୬ % ଅର୍ଥ ଖର୍ଚ୍ଚ ହୋଇଛି। ସଚିବଙ୍କ ଏହି ହିସାବକୁ ନେଇ ଅନ୍ୟ ସମସ୍ତ ବିଭାଗର ଅଧିକାରୀ ଓ ନିଜେ ଉନ୍ନୟନ ଆୟୁକ୍ତ ଆଶ୍ଚର୍ଯ୍ୟଚକିତ ହୋଇଥିଲେ। କେଉଁ କାରଣ ପାଇଁ ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ରହିଛି ବୋଲି ପ୍ରଶ୍ନ କରିବା ସହିତ ଏହା କିଭଳି ବିଭିନ୍ନ ପ୍ରକାର କ୍ରୀଡ଼ା ଭିତ୍ତିଭୂମିର ସୁଦୃଢ଼ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ଖର୍ଚ୍ଚ ହୋଇପାରିବ ସେନେଇ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଯଦି ଖର୍ଚ୍ଚ କରିପାରୁନାହଁ ତେବେ ଅତିରିକ୍ତ ବଜେଟ ପ୍ରସ୍ତାବ ପ୍ରସ୍ତୁତକରି ସରକାରଙ୍କୁ ତୁରନ୍ତ ଅବଗତ କରାଇବାକୁ ଉନ୍ନୟନ ଆୟୁକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେବା ସହ ଯୋଜନା ଓ ସଂଯୋଜନ ବିଭାଗ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଡି.କେ. ଜେନାଙ୍କ ପତ୍ରରୁ ଜଣାଯାଇଛି।

ଓଏସ୍‌ଡି ଡି.କେ. ଜେନା ଚଳିତମାସ ୧୬ରେ ସମସ୍ତ ବିଭାଗକୁ ପ୍ରଦାନ କରିଥିବା ବିବରଣୀରୁ ଜଣାଯାଇଛି, କେବଳ ଯେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରିବାରେ ଅସମର୍ଥ ରହିଛି ତାହା ନୁହେଁ, ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଶକ୍ତି ବିଭାଗ, ଉଚ୍ଚଶିକ୍ଷା, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ, ଗ୍ରାମ୍ୟ ଉନ୍ନୟନ ଭଳି ବିଭାଗର ଖର୍ଚ୍ଚ ମଧ୍ୟ ନିରୁତ୍ସାହଜନକ ରହିଛି। ଏହି ପରିପ୍ରେକ୍ଷୀରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ବଜେଟ ଖର୍ଚ୍ଚ ଅତ୍ୟନ୍ତ ଉତ୍ସାହଜନକ ରହିଛି। ଚଳିତମାସ ୧୦ ସୁଦ୍ଧା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରାୟ ୫୦ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ତେଣୁ ବିଭାଗୀୟ ସଚିବ ଶୁଭା ଶର୍ମାଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାର ସମୀକ୍ଷା କରିବାକୁ କୁହାଯାଇଛି। ସେଥିମଧ୍ୟରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ଓଡ଼ିଶା ପୁଷ୍ଟି ମିଶନ, ଆଦିକା, ଆମେ ପଢ଼ିବା ଆମ ଭାଷାରେ, ମମତା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ଓ ପୋଷଣ ଅଭିଯାନ ପ୍ରଭୃତି ରହିଛି। ଏହାସହିତ ସଂପୃକ୍ତ ବିଭାଗ ପକ୍ଷରୁ ଏହିସବୁ ଯୋଜନାକୁ ତୃତୀୟପକ୍ଷ ମୂଲ୍ୟାୟନ କମିଟି ମାଧ୍ୟମରେ ସମୀକ୍ଷା କରିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ନଗର ଉନ୍ନୟନ ବିଭାଗ ଜୁଲାଇ ଶେଷ ସୁଦ୍ଧା ୧୯.୩୯ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଛି। ତେବେ ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ, ପିଏମ୍-ଇ-ବସ୍ ସେବା, ଏନ୍‌ୟୁଏଲ୍‌ଏମ୍ ଭଳି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ସମୀକ୍ଷା କରିବାକୁ କୁହାଯାଇଛି। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗ ଅଗଷ୍ଟ ୭ ସୁଦ୍ଧା ୨୩.୬୬ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଥିବାବେଳେ ଶକ୍ତି ବିଭାଗ ଅଗଷ୍ଟ ୮ ମାତ୍ର ୬.୯୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। ଉଚ୍ଚଶିକ୍ଷା ବିଭାଗ ୧୨ ଅଗଷ୍ଟ ସୁଦ୍ଧା ୧୬.୧, ଅନୁସୂଚିତ ଜାତି, ଜନଜାତି ବିଭାଗ ୧୩.୦୧, ଗ୍ରାମ୍ୟ ଉନ୍ନୟନ ବିଭାଗ ୨୨.୨୩ ଏବଂ ନିର୍ମାଣ ବିଭାଗ ୩୨.୫୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିବା ଜଣାପଡ଼ିଛି।




ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା



# ଲିଭିଂ ଲାବ୍

ଜଳବାୟୁ ପରିବର୍ତ୍ତନ ଯୋଗୁ ଏବେ ବନ୍ୟା, ବାତ୍ୟା, ଭୂସ୍ଖଳନ ଓ ଜଙ୍ଗଲ ନିଆଁର ପ୍ରାବଲ୍ୟତା ଯେଉଁଭଳି ବୃଦ୍ଧି ପାଉଛି, ତାହା ଏବେ ଦେଶବ୍ୟାପୀ ସମସ୍ତେ ହୃଦ୍‌ବୋଧ କରୁଛନ୍ତି। ଓଡ଼ିଶାରେ ପୂର୍ବରୁ ମଧ୍ୟ ଏହିଭଳି ବାତ୍ୟା, ବନ୍ୟା ଓ ଠାଏ ଠାଏରେ ମରୁଡ଼ି ହୋଇ ଆସୁଛି। ସେ ସମ୍ପର୍କରେ ଆମେ ସମସ୍ତେ ଅଙ୍ଗେ ନିଭାଇ ଚାଲିଛୁ। ବିଶେଷକରି ସହରରେ ବର୍ଷାଜନିତ ବନ୍ୟା ସାଙ୍ଗକୁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ମନୁଷ୍ୟକୃତ ବିପର୍ଯ୍ୟୟର ଭୟାବହତାକୁ ସୂଚିତ କରିଛି। ନିକଟ ଅତୀତରୁ କେରଳଠାରୁ ଆରମ୍ଭ କରି ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ନାଗାଲାଣ୍ଡ, ମଣିପୁର ଭଳି ରାଜ୍ୟ ଏବଂ ଜମ୍ମୁ ଓ କଶ୍ମୀରରେ ନିୟମିତ ଭୂସ୍ଖଳନ ଯୋଗୁ ବ୍ୟାପକ ଧନଜୀବନ ହାନି ହେଉଛି। ଚଳିତ ମାସର ବିଗତ ୧୫ ଦିନକୁ ଦେଖିଲେ ୫ ଅଗଷ୍ଟରେ ଉତ୍ତରାଖଣ୍ଡର ଧରାଳି ପରେ ଜମ୍ମୁ ଓ କଶ୍ମୀରରେ ଗତ ସପ୍ତାହରେ ଦୁଇଥର ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ତେବେ ପ୍ରାକୃତିକ ବିପର୍ଯ୍ୟୟ ନେଇ ଆଗୁଆ ସୂଚନା ଦେବା ସହିତ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ କେରଳର କୁନ୍ନୁର ଜିଲା କାନିଚାର ଗ୍ରାମ ପଞ୍ଚାୟତ ପକ୍ଷରୁ ଏବେ ନିଆଯାଇଥିବା ଏକ ଅଭିନବ ପ୍ରୟାସ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭାରତରେ ପ୍ରଥମେ ଏହି ଗ୍ରାମ ପଞ୍ଚାୟତରେ 'ଲିଭିଂ ଲାବ୍' ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ରେ ଘଟିଥିବା ଭୂସ୍ଖଳନରେ ଏହି ଗ୍ରାମ ପଞ୍ଚାୟତର ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଶହ ଏକର ଚାଷଜମି ଉପରେ ପଥର ଓ ମାଟି ମାଡ଼ିଯାଇ ଲୋକଙ୍କ ଜୀବିକାକୁ ଘୋର ପ୍ରଭାବିତ କରିଥିଲା। ତେବେ ଜଳବାୟୁ ସମ୍ବେଦନଶୀଳତା ଓ ପ୍ରାକୃତିକ ବିପର୍ଯ୍ୟୟଜନିତ ଜଟିଳ ସ୍ଥିତିକୁ ମୁକାବିଲା କରିବା ସକାଶେ ଲୋକଙ୍କୁ ପୂର୍ବରୁ ସତର୍କ ସୂଚନା ଦେବାରେ ଲିଭିଂ ଲାବ୍ ବିଶେଷ ସହାୟକ ହେବ। ଗବେଷଣା ଓ ଅନୁଧ୍ୟାନ ଆଧାରରେ ନିର୍ଦ୍ଦିଷ୍ଟ ଅଞ୍ଚଳର ଭୌଗୋଳିକ ଓ ପାଣିପାଗଜନିତ ସ୍ଥିତି ସମ୍ପର୍କିତ ତଥ୍ୟ ସ୍ଥାନୀୟ ଅଧିବାସୀଙ୍କୁ ଜଣାଇବା ସହିତ ଅସ୍ୱାଭାବିକତାକୁ କିଭଳି ମୁକାବିଲା କରାଯାଇପାରିବ, ସେ ସଂକ୍ରାନ୍ତରେ ଲିଭିଂ ଲାବ୍ କାମ କରୁଥିବା ଜଣାପଡ଼ିଛି। ନେଦରଲାଣ୍ଡ୍‌ସରେ ଏହି ବ୍ୟବସ୍ଥା ପ୍ରଥମେ ବିକଶିତ କରାଯାଇଥିଲା। ସେହି ଅନୁଯାୟୀ କେରଳ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (କେଏସ୍‌ଡିଏମ୍‌ଏ) ଲିଭିଂ ଲାବ୍‌କୁ କାର୍ଯ୍ୟକାରୀ କରୁଛି। ଏଥିରେ ସରକାରୀ ସଂସ୍ଥା, ବିଶେଷଜ୍ଞ, ଘରୋଇ ସଙ୍ଗଠନ ଓ ଭଦ୍ର ସମାଜକୁ ସାମିଲ କରାଯାଇଛି। ଫଳରେ ଗ୍ରାମ ପଞ୍ଚାୟତରେ ସ୍ଥାପିତ ଏହି ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରରୁ ସମ୍ପୃକ୍ତ ଅଞ୍ଚଳର ଲୋକେ ପ୍ରତ୍ୟେକ ଦିନ ବର୍ଷା ଓ ପବନର ବେଗ ସମ୍ପର୍କରେ ତଥ୍ୟ ଜାଣିପାରୁଛନ୍ତି। ଭାରତ ପାଣିପାଗ କେନ୍ଦ୍ର (ଆଇଏମ୍‌ଡି)ର ଆଞ୍ଚଳିକ କାର୍ଯ୍ୟାଳୟ କେରଳରେ ଥିଲେ ମଧ୍ୟ ପଞ୍ଚାୟତ ସ୍ତରରେ ଏଭଳି ଅଭିନବ ପଦକ୍ଷେପ ନିଶ୍ଚିତ ଭାବେ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କୁ ପାଣିପାଗଜନିତ ସଦ୍ୟତମ ସୂଚନା ଦେବାରେ ଅଧିକ ପ୍ରଭାବଶାଳୀ ହେଉଥିବା ଦେଖାଯାଉଛି। ବିଶେଷକରି ୬୦ ସଦସ୍ୟ ବିଶିଷ୍ଟ ଏକ ଟିମ୍‌କୁ ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ସର୍ବଦା ଜାଗତିଆର ରଖାଯାଇଛି।

ଏଥିରୁ ବୁଝିବାକୁ ହେବ ଯେ, କେବଳ ପାଣିପାଗ ସୂଚନା ମିଳିଗଲେ ତାହାକୁ କିଭଳି ଭାବେ ବାସ୍ତବ ଜୀବନରେ ଉପଯୋଗ କରିହେବ, ସେ ସମ୍ପର୍କରେ ସାଧାରଣ ନାଗରିକ ସଚେତନ ନାହାନ୍ତି। ତେଣୁ ଖାଲି ସୂଚନା ନୁହେଁ, ତାହାର ବ୍ୟବହାରିକତା ଅଧିକ ଗୁରୁତ୍ୱ ବହନ କରୁଛି। ଏଥିସହିତ ଯେଉଁ ଅଞ୍ଚଳ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରହିଛି, ସେସବୁ ସ୍ଥାନରେ ଯେଭଳି ମନୁଷ୍ୟକୃତ ବିପଦ ସୃଷ୍ଟି ନ ହେବ ସେହି ଦିଗରେ ସ୍ଥାନୀୟ ଅଧିବାସୀଙ୍କୁ ସମ୍ପୃକ୍ତ କରାଇବାର ସମୟ ଆସିଲାଣି। ଏକ ପରିସଂଖ୍ୟାନ କୁହେ, ୨୦୧୫ରୁ ୨୦୨୨ ମଧ୍ୟରେ ସମଗ୍ର ଭାରତରେ ଦେଖାଦେଇଥିବା ଭୂସ୍ଖଳନର ପାଖାପାଖି ୬୦ ପ୍ରତିଶତ କେରଳରେ ଘଟିଥିଲା। ମନେପକାଇ ଦିଆଯାଇପାରେ ଯେ, ୨୦୨୪ ଜୁଲାଇ ୩୦ରେ କେରଳର ୱାୟନାଡାର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ୨୫୪ ଜଣଙ୍କ ମୃତ୍ୟୁ ହେବା ସହ ୧୧୮ ଲୋକ ନିଖୋଜ ହୋଇଥିଲେ। ଏଥିରେ ୩୯୭ ଆହତ ହୋଇଥିଲେ। ଏଭଳି ଭୂସ୍ଖଳନର କାରଣ ଖୋଜାଯିବା ପରେ ଜଣାପଡ଼ିଥିଲା ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ପ୍ରଚୁର ବର୍ଷାଜନିତ ବନ୍ୟାକୁ ରୋକିବା ପାଇଁ ଥିବା ଜଙ୍ଗଲ ସମୟକ୍ରମେ ମନୁଷ୍ୟକୃତ କ୍ଷତିକାରକ କାର୍ଯ୍ୟ ଯୋଗୁ ହ୍ରାସ ପାଇବାରେ ଲାଗିଛି। ଏଥିସହିତ ଯେଉଁଠିପାରେ ସେଇଠି ଅନିୟନ୍ତ୍ରିତ ନିର୍ମାଣ ଯୋଗୁ ପ୍ରାକୃତିକ ଜଳଉତ୍ସ ସଙ୍କୁଚିତ ହୋଇଯାଉଥିବା ବେଳେ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ନ ହୋଇ ବିପର୍ଯ୍ୟୟ ସୃଷ୍ଟି କରୁଛି। ସେହିପରି ପର୍ବତର କଠିନ ସ୍ତର ଦୁର୍ବଳ ହୋଇଯିବାରୁ ମାଟି ଅତଡ଼ା ଧସି ଜନଜୀବନକୁ ବିପଦରେ ପକାଉଛି। ଏହିଭଳି ବହୁବିଧ କାରଣ ଭୂସ୍ଖଳନ ସୃଷ୍ଟି କରୁଥିବାରୁ ସେଥିରୁ କିଭଳି ତ୍ରାହି ମିଳିବ, ସେଥିଲାଗି ସ୍ଥାନୀୟ ପ୍ରଶାସନ ନିର୍ଦ୍ଦିଷ୍ଟ ଅଞ୍ଚଳର ଅଧିବାସୀଙ୍କୁ ବିକାଶ ଯୋଜନାରେ ଯୋଡ଼ିବା ଦରକାର। ପ୍ରାକୃତିକ ଅବସ୍ଥିତି ବିଷୟରେ ସେହିମାନେ ହିଁ ଭଲ ଭାବେ ଅବଗତ ଥାଆନ୍ତି। ତେଣୁ ସେମାନେ ସେମାନଙ୍କ ଅଞ୍ଚଳରେ ପରିସଂସ୍ଥାନକୁ କ୍ଷତି ନ ପହଞ୍ଚାଇଲା ଭଳି କେଉଁଠି ସଡ଼କ, ଶିଳ୍ପ ତଥା ଅନ୍ୟାନ୍ୟ ନିର୍ମାଣ ହୋଇପାରିବ ସେହି ଦିଗରେ ପ୍ରସ୍ତାବ ଦେଇପାରନ୍ତେ। ସେଗୁଡ଼ିକୁ ବିଶେଷଜ୍ଞ ଓ ପ୍ରଶାସନ ତର୍ଜମା କରି ଆଗକୁ ବଢ଼ିଲେ ବିପର୍ଯ୍ୟୟ ହ୍ରାସ ପାଇପାରନ୍ତା। ବର୍ଷାଜନିତ ଭୂସ୍ଖଳନ ଓ ଅନ୍ୟାନ୍ୟ ବିପର୍ଯ୍ୟୟ ନେଇ କାନିଚାର ଗ୍ରାମ ପଞ୍ଚାୟତରେ ସ୍ଥାପନ କରାଯାଇଥିବା 'ଲିଭିଂ ଲାବ୍' ବ୍ୟବସ୍ଥା ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇପାରନ୍ତା। ଭୂସ୍ଖଳନ ନ ହେଲେ ମଧ୍ୟ ଓଡ଼ିଶାରେ ଅନେକ ଅତ୍ୟନ୍ତ କ୍ଷତିକାରକ ପ୍ରାକୃତିକ ବିପର୍ଯ୍ୟୟ ଦୀର୍ଘବର୍ଷ ଧରି ଘଟିଆସୁଛି। ଏବେ ଆଇଏମ୍‌ଡି ତରଫରୁ ମିଳୁଥିବା ତଥ୍ୟ ପୂର୍ବାପେକ୍ଷା ପାଖାପାଖି ଠିକ୍ ଆସିଲାଣି। ଏଭଳି ସ୍ୱଷ୍ଟ ତଥ୍ୟ ସହିତ 'ଲିଭିଂ ଲାବ୍' ବ୍ୟବସ୍ଥା ମାଧ୍ୟମରେ ଜନସାଧାରଣଙ୍କୁ ନିଜର ସୁରକ୍ଷା ପାଇଁ ସମ୍ପୃକ୍ତ କରାଯାଇପାରନ୍ତା, ତାହା ହେଲେ ଏହି ରାଜ୍ୟର ଅନେକ ମଙ୍ଗଳ ଘଟିପାରନ୍ତା। ଏଥିସହିତ ହିମାଳୟ ସଂଲଗ୍ନ ରାଜ୍ୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ସହିତ ମନୁଷ୍ୟକୃତ ବିପଦ କିଭଳି ନ ହେବ ସେଥିଲାଗି ଆଗୁଆ ପଦକ୍ଷେପ ନେବାର ମଧ୍ୟ ସମୟ ଆସିଲାଣି। ଏଠାରେ ବିକାଶକୁ ବିରୋଧ କରାଯାଉ ନାହିଁ, କିନ୍ତୁ ପରିବେଶ ଅନୁକୂଳ ଉନ୍ନତି ଘଟିଲେ ପରିସଂସ୍ଥା ଅର୍ଥାତ୍ ଉଭୟ ଉଦ୍ଭିଦ ଓ ପ୍ରାଣିଜଗତ ତିଷ୍ଠି ରହନ୍ତା।

# ଜନସ୍ୱାର୍ଥ ପ୍ରତି ପ୍ରାଥମିକତା



ବୈକୁଣ୍ଠନାଥ ମିଶ୍ର

ବଡ଼ ବିଚିତ୍ର ଏ ରାଜନୀତି। ତା'ଠାରୁ ବିଚିତ୍ର ରାଜନେତାଙ୍କ ମତିଗତି। ବିରୋଧୀ ଦଳରେ ଥିବାବେଳେ ସରକାରର ସମସ୍ତ ଦୋଷ ଦୁର୍ବଳତାକୁ ନେଇ ବିଧାନସଭା ହୁଏ ରଣାଙ୍ଗନ। ବନ୍ଦ ପାଳନ, ଧର୍ମଘଟ ଓ ସତ୍ୟାଗ୍ରହ ମାଧ୍ୟମରେ ଜନତାଙ୍କ ମନରେ ପ୍ରତ୍ୟୟ ସୃଷ୍ଟିର ପ୍ରୟାସ କରାଯାଏ ଯେ ସରକାର ଅପାରଗ, ଜନସ୍ୱାର୍ଥ ବିରୋଧୀ, ଦୁର୍ନୀତିଗ୍ରସ୍ତ ଓ ଆଇନ ଶୃଙ୍ଖଳା ରକ୍ଷା କରିବାରେ ଅସମର୍ଥ। ଆମ ଦଳ କ୍ଷମତାକୁ ଆସିଲେ ରାଜ୍ୟ ତଥା ଜନତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ। ଆଇନ ଶୃଙ୍ଖଳା ସହ ଦୁର୍ନୀତିର ଶୂନ୍ୟ ସହନଶୀଳତାକୁ ପ୍ରାଧାନ୍ୟ ଦିଆଯିବ। ସମୟ ଚକ୍ର ଘୂରିଯାଏ। କାଲି ଯେ ବିରୋଧୀ ଭାବେ ସରକାର ବିରୋଧରେ ବିଷୋଦ୍‌ଗାର କରୁଥିଲେ ଆଜି ସରକାରୀ ଆସନରେ। ଆମେ ଜାଣିଛେ ଯେ ବିକ୍ରମାଦିତ୍ୟଙ୍କ ବତ୍ରିଶ ସିଂହାସନର ବିଶେଷତ୍ୱ ଥିଲା ଏହାକୁ ଯେ ଆରୋହଣ କରୁଥିଲେ ସେ ଯେତେ ଅନ୍ୟାୟୀ ହୋଇ ଥିଲେ ମଧ୍ୟ କେବଳ ସତ୍ୟଧର୍ମ ଓ ନ୍ୟାୟ ହିଁ ଆଚରଣ କରୁଥିଲେ। କିନ୍ତୁ ଆଜିର ଯୁଗରେ ରାଜନୀତି ସିଂହାସନର ମାହାତ୍ମ୍ୟ ହେଉଛି, ଏହାକୁ ଯେ ଦଖଲ କରିବ ସତ୍ୟ, ଧର୍ମ ଓ ନ୍ୟାୟ ତା'ଠାରୁ ଅନ୍ତର୍ହିତ ହୋଇ ସମସ୍ତ ବିପରୀତ ଗୁଣର ଅଧିକାରୀ ହେବ।

ଓଡ଼ିଶା ପରିପ୍ରେକ୍ଷୀରେ ଆଲୋଚନା ପ୍ରାସଙ୍ଗିକ ମନେହୁଏ। ଓଡ଼ିଶାରେ କଂଗ୍ରେସ ସରକାର ଅମଳରେ ନିଶ୍ଚିତ ଭାବେ ଅନୁଗୋଳ ନାଲ୍‌କୋ ପ୍ରକଳ୍ପ, ତାପଜ ବିଦ୍ୟୁତ୍ ଶିଳ୍ପ ପରି ଅନେକ ଲୋକହିତକର କାର୍ଯ୍ୟ ହୋଇଛି। ସମତାଳରେ କିଛି ଅରୁଚିକର ଘଟଣା ମଧ୍ୟ ଘଟିଛି। ଆମ ଲୋକଚରିତ୍ର ବୈଶିଷ୍ଟ୍ୟ ହେଲା– ଆମେ ଶହେ ଭଲକାମକୁ ଭୁଲିଯାଉ ଓ ଗୋଟିଏ ମନ୍ଦ କାମକୁ ଗଣ୍ଠିକରି ଧରୁ। ବିରୋଧୀଙ୍କର ଲକ୍ଷ୍ୟ ହେଲା ସରକାରକୁ ସବୁ କାର୍ଯ୍ୟରେ ବିରୋଧ କରିବା। ନାରୀ ନିର୍ଯାତନା ସବୁ ସରକାର ଅମଳରେ ଘଟେ। ଘଟଣା ଘଟିଲା ପରେ କିଭଳି କାର୍ଯ୍ୟାନୁଷ୍ଠାନ ହେଉଛି ତା' ଉପରେ ସମସ୍ତଙ୍କର ନଜର। କଂଗ୍ରେସ ସରକାର ସମୟରେ ଛବିରାଣୀ ବଳାତ୍କାର ଓ ହତ୍ୟା ଘଟଣା ଚାରିଦଶନ୍ଧି ପରେ ମଧ୍ୟ ଲୋକ ସ୍ମୃତିରେ ଉଜ୍ଜୀବିତ ଅଛି। ସେହିପରି ଅଞ୍ଜନାଙ୍କ ପ୍ରତି ବର୍ବରତା ସବୁ ସୀମା ଟପିଗଲା, ଯାହା ସରକାରର ପତନ ଘଟାଇଲା। ପରେ ଦୀର୍ଘ ୨୪ ବର୍ଷ ବିଜୁ ଜନତା ଦଳ ଓଡ଼ିଶାରେ ଶାସନ କରିବା ପରେ ୨୦୨୪ ନିର୍ବାଚନରେ ପରାସ୍ତ ହୋଇ କ୍ଷମତାରୁ ଓହରି ଯାଇଛି। ବିଜୁ ଜନତା ଦଳର ଭଲ କାମଗୁଡିକର



ତାଲିକା ଯେତିକି ଲମ୍ବା ସମାଲୋଚନାର ଫର୍ଦ୍ଦ ମଧ୍ୟ ସେତିକି ଦୀର୍ଘ। କୁନ୍ଦୁଲି ପୀଡ଼ିତା, ଟିଙ୍କିରି ଘଟଣା, ବେବିନା, ଇତିଶ୍ରୀଙ୍କ ମାର୍ମିକ ବେଦନା, ପରୀ ନିଖୋଜ ଘଟଣା ଓ ସର୍ବୋପରି ମମିତା ମେହେରଙ୍କ ମର୍ମନ୍ତୁଦ ହତ୍ୟା ଘଟଣା ଗୋଟିଏ ଗୋଟିଏ କଳା ଫର୍ଦ୍ଦ। ଲୋକେ ଭୁଲିନାହାନ୍ତି ଫରେଷ୍ଟ ରେଞ୍ଜର ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ହତ୍ୟା ଓ ମାହାଙ୍ଗା ଡବଲ ମର୍ଡର ଘଟଣା। ସବୁଠାରୁ ଚର୍ଚ୍ଚିତ ଘଟଣା ହେଲା ନବ ଦାସଙ୍କ ପରି ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ସ୍ୱଷ୍ଟ ଦିବାଲୋକରେ ହତ୍ୟା କରାଯିବା। ସେତେବେଳର ପ୍ରମୁଖ ବିରୋଧୀ ଦଳ ଭାରତୀୟ ଜନତା ପାର୍ଟିର ସ୍ଲୋଗାନ ଥିଲା ଦଳ କ୍ଷମତାକୁ ଆସିଲେ ଏ ସମସ୍ତ ଘଟଣାର ପର୍ଦ୍ଦାଫାଶ କରାଯାଇ ଦୋଷୀଙ୍କୁ ଦଣ୍ଡ ଦିଆଯିବ ଯେପରି ଆଉ କେହି ଏପରି ଘଟଣା ଘଟାଇବାର ସାହସ କରିବେ ନାହିଁ। ଚକ୍ର ଘୂରିଛି। କାଲିର ବିରୋଧୀ ଆଜିର ସରକାର। ଇତି ମଧ୍ୟରେ ଓଡ଼ିଶାରେ ଭାଜପା ସରକାର ୧ବର୍ଷ ପୂର୍ତ୍ତି ପାଳନ କରିସାରିଛି। କିନ୍ତୁ ଶାସନ ବ୍ୟବସ୍ଥା ସବୁ ଅଧାପନ୍ତରିଆ। ମନ୍ତ୍ରିମଣ୍ଡଳ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇପାରି ନାହିଁ, କର୍ପୋରେଶନଗୁଡ଼ିକର ପଦବୀ ପୂରଣ ହୋଇନାହିଁ। ଆଶା କରାଯାଏ ୨୦୨୫ ଶେଷ ସୁଦ୍ଧା ସେହିସବୁ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଗଲେ ସର୍ବାଦୌ ହିତକର ହେବ। ଅପର ପକ୍ଷେ ନୂତନ ସରକାର କିଛି ଜନକଲ୍ୟାଣ କାର୍ଯ୍ୟ ପ୍ରାକ୍ ନିର୍ବାଚନୀ ପ୍ରତିଶ୍ରୁତି ସ୍ୱରୂପ ସଫଳତାର ସହ କରିପାରିଛି। ଧାନର ବିକ୍ରିମୂଲ୍ୟ ଉପରେ ୮୦୦ଟଙ୍କାର ବୋନସ ପ୍ରଦାନ, ସୁଭଦ୍ରା ଯୋଜନାର ରୂପାୟନ, ୮୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ, ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ଓ ରତ୍ନଭଣ୍ଡାର ମରାମତି ଭଳି କାର୍ଯ୍ୟସମ୍ପନ୍ନ ହୋଇଛି। କିନ୍ତୁ ନୂତନ ସରକାରଠାରୁ ଲୋକେ ଆଶା କରୁଥିଲେ ଯେ ପୂର୍ବ ସରକାରର ଆର୍ଥିକ ଅନିୟମିତତା ଓ ଏଥିରେ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ଲୋକଲୋଚନକୁ ଆଣିବା। ଅବଶ୍ୟ ମାଳ ମାଳ ଅସାଧୁ ସରକାରୀ ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାଯାଇ ବେଆଇନ ଓ ଆୟ ବହିର୍ଭୂତ ସମ୍ପତ୍ତିର ପର୍ଦ୍ଦାଫାଶ କରାଯାଉଛି। ମାତ୍ର ନାରୀ ନିର୍ଯାତନାର ଧାରା ଅବ୍ୟାହତ ରହିଛି। ଆଇନ ଶୃଙ୍ଖଳା ରକ୍ଷା ମଧ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଥିବା ପରି ଲୋକେ ଅନୁଭବ କରିପାରୁନାହାନ୍ତି। ପ୍ରତ୍ୟହ ନାରୀ ନିର୍ଯାତନାର କରୁଣ ଖବର ଗଣମାଧ୍ୟମରେ ପ୍ରକାଶ ପାଇ ଲୋକଙ୍କୁ ବ୍ୟଥିତ କରୁଛି। କିଟ୍‌ସ ବିଶ୍ୱବିଦ୍ୟାଳୟର ନେପାଳୀ ଛାତ୍ରୀ ଦୁହିଁଙ୍କର ଆତ୍ମହତ୍ୟା ବିଶ୍ୱରେ ଓଡ଼ିଶାର ଛବି ମଳିନ କରିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ହେଉ କିମ୍ବା ପୁରୀ ଜିଲା ବଳଙ୍ଗା ନାବାଳିକାଙ୍କୁ ଦହନ ଘଟଣା ପରି ମାଳମାଳ ହୃଦୟ ବିଦାରକ ଘଟଣା ସମାଜ ପ୍ରତି ଗୋଟିଏ ଗୋଟିଏ ଆହ୍ୱାନ।

ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ପୁରୀ ରାଜଭବନର ବରିଷ୍ଠ କର୍ମଚାରୀଙ୍କୁ ମାଡମାରି ଲହୁଲୁହାଣ କରିବା ପରି ଘଟଣା ଲୋକଲୋଚନ ଅଗୋଚରରେ ରହିଗଲା। ସରକାର କେବଳ ତଦନ୍ତ ନିର୍ଦ୍ଦେଶ ଦେଇ ନୀରବ ରହୁଛନ୍ତି। ପୂର୍ବ ଅଭିଜ୍ଞତାରୁ ଆମେ ଜାଣୁ ଯେ ଓଡ଼ିଶାରେ ବିଭିନ୍ନ ସମୟରେ ଯେଉଁସବୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ତା'ର ରିପୋର୍ଟ କେବେହେଲେ ସାର୍ବଜନୀନ ହୋଇନାହିଁ। ତଦନ୍ତ ନିର୍ଦ୍ଦେଶ ଏକ ଏପରି ଜିନିଷ ଯାହା କୌଣସି ସରକାରକୁ ଆସନ୍ନ ପ୍ରତିକୂଳ ପରିସ୍ଥିତିରୁ ରକ୍ଷା କରିବାର ଏକ ଶାଣିତ ଅସ୍ତ୍ର। ସବୁ ସରକାର ସମୟରେ ଯେତେସବୁ ଅଘଟଣ ଘଟିଛି ସରକାର ପ୍ରତିରକ୍ଷାତ୍ମକ ବ୍ୟବସ୍ଥା ମୁତାବକ ତଦନ୍ତ ନିର୍ଦ୍ଦେଶ ଦେଇ ଲୋକମତକୁ ପ୍ରଶମିତ କରିବାକୁ ଉଦ୍ୟମ କରିଛନ୍ତି। ସେପରି କୌଣସି ତଦନ୍ତ ରିପୋର୍ଟ ପ୍ରାୟତଃ ସାର୍ବଜନୀନ ହୋଇନାହିଁ। ସତୁରି ଦଶକଠାରୁ ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ପୁରୀ ଶ୍ରୀମନ୍ଦିର ସଂକ୍ରାନ୍ତରେ ୧୮ଟି ନ୍ୟାୟିକ କମିଶନ ବସାଯାଇଥିଲେ ମଧ୍ୟ ତା'ର ନିର୍ଯାସ ସାର୍ବଜନୀନ କରାଯାଇନାହିଁ। କିମ୍ବା କେହି ଦୋଷୀସାବ୍ୟସ୍ତ ହୋଇ ଦଣ୍ଡ ପାଇଥିବାର ସେପରି କୌଣସି ଉଦାହରଣ ସୃଷ୍ଟି କରାଯାଇନାହିଁ। ତତ୍କାଳୀନ ରାଜ୍ୟପାଳ ଭାଗବତ ଦୟାଳ ଶର୍ମାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ନୀତି କାନ୍ତିକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଢ଼ାଯାଇଥିଲା, ଯାହାର ରିପୋର୍ଟ ମଧ୍ୟ ସାର୍ବଜନୀନ ହୋଇପାରିଲା ନାହିଁ। ଏଥିରୁ ସ୍ୱଷ୍ଟ ଯେ କୌଣସି ଦୁର୍ଘଟଣା ବା ଅନିୟମିତ କାର୍ଯ୍ୟାବଳୀ ବିରୋଧରେ ଜନମତକୁ ବିଭ୍ରାନ୍ତ କରିବା ପାଇଁ ଏକମାତ୍ର ଅସ୍ତ୍ର ହେଲା ତଦନ୍ତ କମିଶନ ନିଯୁକ୍ତି। କିନ୍ତୁ ତଦନ୍ତ ରିପୋର୍ଟ କାଳେ କାଳେ ଅପ୍ରକାଶିତ। ତଦନ୍ତ ସମ୍ବନ୍ଧରେ ଓଡ଼ିଶାର ସୁପ୍ରତିଷ୍ଠିତ କବି ତଥା ସମାଲୋଚକ ଗୋଦାବରୀଶ ମହାପାତ୍ରଙ୍କ ଉକ୍ତି ପ୍ରଣିଧାନ ଯୋଗ୍ୟ – ଓଡ଼ିଶାର ଚାରିଆଡ଼େ ଚାଲିଛି ତଦନ୍ତ –ତଦନ୍ତ ରିପୋର୍ଟ କିନ୍ତୁ ବିଗଳିତ ଦନ୍ତ। କାମୁଡ଼ିଲେ କାଟୁ ନାହିଁ ସତେକି ଚୁମ୍ବନ – ଜନତା ଆଖିକୁ ଦିଶେ ମହାବିଡ଼ମ୍ବନ। ଫସଲର ବାଡ଼ ଏଠି ପାଲଟିଛି ଗୋରୁ – ଯେ ଜଗୁଛି ସେ ଚୋର ଚୋର ଧରୁ । ସବୁ ସରକାର ସମାନ। କିନ୍ତୁ ଜନମତ ପ୍ରତି ଉଦାସୀନ ନ ରହି ଗୋଟିଏ ଜନପ୍ରିୟ ସରକାରର ଦାୟିତ୍ୱ ହେଲା ଜନସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ। ସରକାର ଜନସ୍ୱାର୍ଥ ପ୍ରତି ସଚେତନ ହେଲେ ଦୀର୍ଘ ସ୍ଥାୟୀ ହେବ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ:୯୯୩୭୪୫୦୫୪୦**

# କଟକର ସାହିବାସିନ୍ଦା



ସୁଧାଂଶୁ ରଞ୍ଜନ ଦାସ

ଓଡ଼ିଶାର ସାଂସ୍କୃତିକ ଓ ବ୍ୟବସାୟିକ ରାଜଧାନୀ କଟକର ସାହିବାସିନ୍ଦାମାନେ ଆଜି ଅନେକ ସମସ୍ୟା ଭିତରେ ଗତିକରୁଛନ୍ତି। ଶହ ଶହ ବର୍ଷଧରି ଏହି ଏମାନେ କଟକର ଉନ୍ନତ ସାଂସ୍କୃତିକ ଓ ସାମାଜିକ ପରମ୍ପରାକୁ ବଞ୍ଚାଇ ରଖିବା ସହ କଟକରେ ବ୍ୟବସାୟ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଆସିଛନ୍ତି। ତେବେ ଭେଜାଲ ଖାଦ୍ୟ, ଖୋଲା ଜାଗାର ଅଭାବ, ଖୋଲା ନାଳ, କଂକ୍ରିଟ ଜଙ୍ଗଲର ବୃଦ୍ଧି, ଯାନବାହନ ସଂଖ୍ୟାରେ ଅତ୍ୟଧିକ ବୃଦ୍ଧି, ଜଳାଶୟଗୁଡିକର ବିଲୁପ୍ତୀକରଣ, ଫୁଟ୍‌ପାଥ୍‌ଗୁଡିକର ଅବରୋଧ, ଲୋକସଂଖ୍ୟାରେ ବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ଅବନତି ଇତ୍ୟାଦି କଟକର ସ୍ଥାୟୀ ବାସିନ୍ଦାମାନଙ୍କୁ ହନ୍ତସନ୍ତ କରିଦେଲାଣି। ଯଦି ଏହି ସମସ୍ୟାଗୁଡିକର ସ୍ଥାୟୀ ସମାଧାନ ନ ହୁଏ କଟକ ଆଉ ମନୁଷ୍ୟ ରହିବା ଉପଯୋଗୀ ହେବନାହିଁ।

ଯଦିଓ କଟକରେ ଭେଜାଲ ଖାଦ୍ୟ ଓ ଅନ୍ୟାନ୍ୟ ଭେଜାଲ ବସ୍ତୁ ତିଆରି କରୁଥିବା କମ୍ପାନୀଗୁଡ଼ିକ ଉପରେ ସରକାର ମଝିରେ ମଝିରେ ଚଢ଼ାଉ କରୁଛନ୍ତି, କିନ୍ତୁ ଏହି ଭେଜାଲ ବସ୍ତୁଗୁଡ଼ିକର ବିକ୍ରି ଦିନକୁ ଦିନ ବଢ଼ି ଚାଲିଛି। ସାଧାରଣ ଲୋକ ଏହି ଭେଜାଲ ଖାଦ୍ୟ ଖାଇ ରୋଗରେ ପଡୁଛନ୍ତି। ଏଇସିଏମ୍‌ଆର୍‌ର ଏକ ସର୍ଭେ ଅନୁସାରେ ଭାରତର ସବୁ ସହର ମଧ୍ୟର କଟକର ଲୋକମାନେ ସର୍ବାଧିକ ଷ୍ଟ୍ରୋକ୍‌ର ଶିକାର ହୋଇଥାନ୍ତି। ଯକୃତ ଓ ବୃକ୍କ ରୋଗରେ କଟକର ଅନେକ ଲୋକ ମଧ୍ୟ ଆକ୍ରାନ୍ତ ହୋଇଥାନ୍ତି। କଟକକୁ ଭେଜାଲ ମୁକ୍ତ କରିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବା ଉଚିତ।

କଟକର ବିଡ଼ାନାସୀ ଓ କ୍ୟାଣ୍ଟନମେଣ୍ଟ ରୋଡ୍ ଅଞ୍ଚଳଗୁଡିକ ଛାଡିଦେଲେ କଟକର ଅନ୍ୟ ସବୁ ସାହିରେ ଖୋଲା ଜାଗା, ଖେଳ ପଡ଼ିଆ, ଜଳାଶୟ ଓ ସବୁଜିମା ପ୍ରାୟ ଲୋପ ପାଇଗଲାଣି। ଫଳରେ ଯୁବପିଢ଼ି ଖେଳକୁଦର ସୁଯୋଗ ପାଇ ସ୍ମାର୍ଟ ଫୋନ, କମ୍ପ୍ୟୁଟର ଗେମ୍ ଓ ମାନସିକ ବ୍ୟାଧିର ଶିକାର ହେଉଛନ୍ତି। ଚିନ୍ତା, ମେଣ୍ଟାଲ ଷ୍ଟ୍ରେସ୍ ଓ ଶାରୀରିକ ବ୍ୟାୟାମର ଅଭାବ ମସ୍ତିଷ୍କ ଆଘାତର ଏକ ପ୍ରମୁଖ କାରଣ ବୋଲି କୁହାଯାଏ। କର୍ତ୍ତୃପକ୍ଷ ପୂର୍ବ ଓ ଉତ୍ତର କଟକରେ ପ୍ରତି ୨୦୦୦ ପରିବାର ପାଇଁ ଗୋଟିଏ ସାର୍ବଜନୀନ ଖେଳପଡିଆର ପ୍ରାବଧାନ କରିବା ଦରକାର।

ଦରଦାମ୍ ବୃଦ୍ଧି ଓ ବେରୋଜଗାର କଟକବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କଟକର ସ୍ଥାହିବାସିନ୍ଦା ଶହ ଶହ ବର୍ଷ ଧରି ନିଜ ଭିତରେ ଅନେକ କୌଶଳ ବିକାଶ କରିଛନ୍ତି। ରୁପା ତାରକସି କାମ, ମାଟି ମୂର୍ତ୍ତି କାମ, ଶିଙ୍ଗ କାମ ଓ ଅନେକ ସୁସ୍ୱାଦୁ ଖାଦ୍ୟ ତିଆରି କରିବାର କୌଶଳ



କଟକକୁ ସାରା ଭାରତରେ ପ୍ରସିଦ୍ଧ କରିଛି। ଏହି କୌଶଳଗୁଡ଼ିକର ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଏହାର ବିକ୍ରି ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ହେଲେ ଅନେକ ରୋଜଗାର ସୃଷ୍ଟି ହେବ।

ସାହିବାସିନ୍ଦାଙ୍କ ଭିତରେ ବିଭିନ୍ନ କୌଶଳର ବିକାଶ, ଉନ୍ନତ କର୍ମ ସଂସ୍କୃତି, ଶୃଙ୍ଖଳା, ବ୍ୟବସାୟ କୌଶଳ ଓ ନିଜ ନିଜ ଭିତରେ ଭ୍ରାତୃଭାବ କଟକବାସୀଙ୍କ ପାଇଁ ଅନେକ ଆର୍ଥିକ ଗତିବିଧିର ସୁଯୋଗ ସୃଷ୍ଟି କରିବ। କଟକର ବିଭିନ୍ନ ସ୍ଥାନରେ ଥିବା ଜଳାଶୟଗୁଡିକର ସୁରକ୍ଷା କରାଯାଇ ସେଠାରେ ମାଛଚାଷ କରାଯିବା ସଙ୍ଗେ ସଙ୍ଗେ ପର୍ଯ୍ୟଟନର ବିକାଶ କରାଯାଇପାରିବ। ବାରବାଟୀ ଦୁର୍ଗର ଚାରିପାର୍ଶ୍ୱରେ ଥିବା ଗଡ଼ଖାଇ ଏକ ମନୋରମ ପର୍ଯ୍ୟଟନ ସ୍ଥଳ ହୋଇପାରିବ। ପର୍ଯ୍ୟଟନସ୍ଥଳଗୁଡ଼ିକର ବିକାଶ କଲାବେଳେ ଏହାର ପ୍ରାକୃତିକ ପରିବେଶକୁ ସୁରକ୍ଷିତ ରଖିବା ସହ ଏହି ସ୍ଥାନଗୁଡିକୁ ଅଦରକାରୀ କଂକ୍ରିଟ ଢାଞ୍ଚାରୁ ମୁକ୍ତ କରାଯିବା ଦରକାର। ସହରରେ ଥିବା ପୁରାତନ ମଠ ମନ୍ଦିରଗୁଡିର ପୁନରୁଦ୍ଧାର ହେବା ଉଚିତ ନୁହେଁ। କଟକର ସାମାଜିକ, ସାଂସ୍କୃତିକ ଓ ବ୍ୟବସାୟିକ ପରିବେଶର ବିକାଶ ପାଇଁ ସ୍ୱଚ୍ଛତାର ଆବଶ୍ୟକତା ଅଛି।

ପ୍ରଥମେ କର୍ତ୍ତୃପକ୍ଷ କଟକର ସାହିଗୁଡ଼ିକରେ ଥିବା ନାଳସବୁ ଠିକ୍ ଭାବରେ ମରାମତି କରି ଏହା ଉପରେ ସିମେଣ୍ଟ ସ୍ଲାବ ପକାଇବା ଦରକାର। ନିଜ ସାହିଗୁଡ଼ିକରେ କିପରି ଉତ୍ତମ ରାସ୍ତା ଓ ସ୍ୱଚ୍ଛ ପରିବେଶ ସୃଷ୍ଟିହେବ ସେଥିପାଇଁ ସାହିମୁରବିମାନେ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବା ସଙ୍ଗେ ସଙ୍ଗେ ସାହିବାସିନ୍ଦାମାନଙ୍କୁ ମାର୍ଗଦର୍ଶନ ଦେବା ଉଚିତ। ସାହିଗୁଡ଼ିକରେ ଥିବା ମନ୍ଦିର, ଖୋଲା ଜାଗା ଓ ଜଳାଶୟଗୁଡିକର ଯେପରି ଅପବ୍ୟବହାର ନ ହୁଏ ସେଥିପାଇଁ କର୍ତ୍ତୃପକ୍ଷ ଓ ସାହିମୁରବିମାନେ ସଜାଗ ରହିବା ଉଚିତ। ରାସ୍ତା ତିଆରି ବେଳେ ରାସ୍ତା ଉଚ୍ଚା କରାଯିବାରୁ ଅନେକ ସାହିରେ ଲୋକଙ୍କ ଘରେ ନଳା ପାଣି ପଶୁଛି। ରାସ୍ତା କଣ୍ଟ୍ରାକ୍ଟରମାନେ ରାସ୍ତା ଉଚ୍ଚା ନ କରି ପ୍ରଥମେ ରାସ୍ତାକୁ ଖୋଳି ଏହା ଉପରେ ପିଚୁ ରାସ୍ତା କରିବା ଉଚିତ। କେବଳ ଛୋଟ ଛୋଟ ଅଣଓସାରିଆ ଗଳିଗୁଡ଼ିକରେ ଟାଇଲ୍ ପକାଯାଇ ରାସ୍ତା କରାଯିବା ଦରକାର। କଟକରେ ଅନେକ ଟାଇଲ୍ ରାସ୍ତା ବର୍ଷେ ଭିତରେ ନଷ୍ଟ ହୋଇଯାଉଥିବାର ଦେଖାଯାଉଛି। ଟିକସଦାତାଙ୍କ ଅର୍ଥକୁ ଉପଯୁକ୍ତ ବିନିଯୋଗ କରିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। କଟକବାସୀଙ୍କ ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ଏହି ଲୋକମାନଙ୍କର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ। ଓଡ଼ିଶାର ବିଭିନ୍ନ ଗାଁରୁ ଲୋକମାନେ କଟକକୁ ରୋଜଗାର ପାଇଁ ଅନେକ ହଜାର ସଂଖ୍ୟାରେ ଆସୁଥିବାର ଦେଖାଯାଉଛି। ଗାଁଗୁଡିକରେ ରୋଜଗାର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରାଗଲେ ଲୋକେ ନିଜ ଗାଁ ଛାଡି ଆଉ ସହରମୁଖା ହେବେନାହିଁ।

**ମୋ:୭୭୦୨୩୮୩୮୦**

## ଏଇ ଭାରତରେ

ଗୁରୁଗ୍ରାମସ୍ଥିତ ଏକ ଆଶ୍ରୟସ୍ଥଳୀରେ ୧,୨୦୦ ଅସହାୟ ଲୋକଙ୍କୁ ରଖି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି ଜାସ୍ କାଲ୍‌ରା। ଏହା ସହ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ମଧ୍ୟ ସେ ପୂରଣ କରୁଛନ୍ତି। ବର୍ତ୍ତମାନ ଜାସ୍‌ଙ୍କ ବୟସ ୨୫। ସେ ରାସ୍ତାକଡ଼ରେ ଅସହାୟ ଭାବେ ଜୀବନ ବିତାଉଥିବା ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀକୁ ଆଣୁଛନ୍ତି। ଏଠାରେ ୫,୦୦୦ ଲୋକ ରହିବା ଭଳି ବ୍ୟବସ୍ଥା ରହିଛି। ଏହା ବିଶ୍ୱର ସବୁଠୁ ବଡ଼ ମାଗଣାରେ ସେବା ଯୋଗାଉଥିବା ଆଶ୍ରୟସ୍ଥଳୀ। ଏହା 'ଆର୍ଥ ସର୍ଭାଇବର ଫାଉଣ୍ଡେଶନ' ଅଧୀନରେ ଚାଲୁଛି, ଯାହାର ମୁଖ୍ୟ ହେଉଛନ୍ତି ଜାସ୍। ଏହି ସଂସ୍ଥା ମାଧ୍ୟମରେ ମଧ୍ୟ ହସ୍ପିଟାଲ କିମ୍ବା ରାସ୍ତାରେ ମୃତ୍ୟୁ ଘଟୁଥିବା ପରିଚୟହୀନ ମୃତଦେହ ଦାହ କରାଯାଉଛି। ତେବେ ଜାସ୍ ଉଦ୍ଧାର କରୁଥିବା ବ୍ୟକ୍ତିଙ୍କ ପରିଚୟ ଖୋଜି ଅନେକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରୁଛନ୍ତି। ଏବେ ସୁଦ୍ଧା ୩୦୦୦ରୁ ଅଧିକ ଲୋକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇ ସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୭୬

- ଆନ୍ନା ଆର୍. ମାଲହୋତ୍ରାଙ୍କ କେନ୍ଦ୍ର କୃଷି ମନ୍ତ୍ରଣାଳୟର ପ୍ରଥମ ମହିଳା ଅତିରିକ୍ତ ଶାସନ ସଚିବ ରୂପେ ଦାୟିତ୍ୱ ଗ୍ରହଣ।
- ପ୍ରସିଦ୍ଧ ଉର୍ଦ୍ଦୁ କବି ତଥା ଚଳଚ୍ଚିତ୍ର ପ୍ରଯୋଜକ ଜାନ ନିସାର ଅଖତରଙ୍କ ପରଲୋକ।
- ଭୀଷଣ ବର୍ଷାରେ ନୂଆଦିଲ୍ଲୀର ଏକ କୋଠାଘର ଭୁଶୁଡ଼ି ପଡ଼ିବାରୁ ୧୧ ମୃତ।

## ଚିରନ୍ତନୀ

ପଉଷ ଉଷା ଜିଣି ଶୀତ ତା'ର ପରଶଟି
କୁହେଳି ସମ ଛାୟା
ରଚି ମାୟା ଆସେ ଘୋଟି ।
ବହୁତ ସାଧନାର ଅଧରର ହାସ ଟିକ
ନିଭାଇ ଦେବା ପାଇଁ
ଆସେ ଧାଇଁ ସଜନି ଗୋ !
–(ମରଣ ପାଲି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଭୋଟ ଚୋରି ଓ କ୍ଷମତା ରାଜନୀତି

ମହାଶୟ,

ଦେଶ ଓ ରାଜ୍ୟଗୁଡ଼ିକର ସାଧାରଣ ନିର୍ବାଚନ ସମୟରେ ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ବହୁମତ ହାସଲ କରି କ୍ଷମତା ସିଂହାସନ ଦଖଲ କରିବା ପାଇଁ କଳାଧନ ଓ ବାହୁବଳର ପ୍ରୟୋଗ କରିବା ସହିତ ଭୋଟ ଚୋରି ମଧ୍ୟ କରୁଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସପ୍ରମାଣ କେନ୍ଦ୍ର ସରକାରଙ୍କ ବିରୋଧରେ ଭୋଟ ଚୋରିର ଅଭିଯୋଗ ଲଗାଇଛନ୍ତି, ଯାହାକି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଏହା ସତ୍ୟ ପ୍ରମାଣିତ ହୁଏ, ତେବେ ଦୁର୍ନୀତିଗ୍ରସ୍ତ ନେତ୍ରୀନେତାଙ୍କର ଅବସ୍ଥା ସାଙ୍ଘାତିକ ହୋଇଯିବ। ବର୍ତ୍ତମାନ ଦେଶର ବହୁଦେଶୀୟ କମ୍ପାନୀଗୁଡ଼ିକର ମାଲିକମାନେ କେତେକ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡିକୁ ସାଧାରଣ ନିର୍ବାଚନ ସମୟରେ ଅନେକ ହଜାର କୋଟି ଟଙ୍କାର କଳାଧନ ଦେଇ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରାଉଛନ୍ତି ଓ ସରକାର ଗଠନ ପରେ ଜନସାଧାରଣଙ୍କୁ ତତ୍କାଳୀନ ଶୋଷଣ କରୁଛନ୍ତି। ବର୍ତ୍ତମାନ ଦେଶର ନିର୍ବାଚନ କମିଶନ ସଂପୂର୍ଣ୍ଣ ନିରପେକ୍ଷ ଭାବେ କାର୍ଯ୍ୟ କରୁନାହିଁ ବୁଲି ଦେଶର ଜାତୀୟ କଂଗ୍ରେସ ଭାଜପା ସରକାର ବିରୋଧରେ ଅଭିଯୋଗ କରିବା ଉଦ୍‌ବେଗଜନକ। ସୁତରାଂ, ଦେଶର କେନ୍ଦ୍ର ସରକାର ଭାରତବର୍ଷର ସମସ୍ତ ଜନସାଧାରଣଙ୍କୁ ଏନେଇ ତୁରନ୍ତ ସ୍ୱଷ୍ଟୀକରଣ ଦେବା ଉଚିତ। ଦେଶର ସର୍ବୋଚ୍ଚ ଅଦାଲତ ମଧ୍ୟ ଲୋକ ସଭାର ବିରୋଧୀ ଦଳ ନେତାଙ୍କ ଭୋଟ ଚୋରି ଅଭିଯୋଗର ତର୍ଜମା କରିବା ଦରକାର।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିର୍‌ହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 1 | | | | | | |
| | | | 6 | | | | 3 | 5 |
| | 7 | | | 8 | | | | |
| | 6 | 2 | | | | | 9 | |
| | | | | | 7 | | | |
| 9 | | | | 2 | 5 | 4 | | |
| | 2 | 9 | | | 4 | | 5 | |
| | | | | | | | | |
| | | | 7 | 1 | | 6 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 1 | 4 | 9 | 6 | 8 | 5 | 7 |
| 5 | 7 | 6 | 2 | 8 | 3 | 9 | 1 | 4 |
| 9 | 8 | 4 | 7 | 5 | 1 | 6 | 3 | 2 |
| 8 | 5 | 3 | 6 | 7 | 4 | 2 | 9 | 1 |
| 1 | 6 | 9 | 5 | 3 | 2 | 4 | 7 | 8 |
| 2 | 4 | 7 | 8 | 1 | 9 | 3 | 6 | 5 |
| 4 | 1 | 2 | 3 | 6 | 7 | 5 | 8 | 9 |
| 7 | 3 | 8 | 9 | 2 | 5 | 1 | 4 | 6 |
| 6 | 9 | 5 | 1 | 4 | 8 | 7 | 2 | 3 |

ଗତକାଲିର ଉତ୍ତର

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ସୁଚିସ୍ମିତା



@ ମିଟୁ



@ ଶିବା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୂର୍ଯ୍ୟମନ୍ଦିରରେ ଖୁବ୍‌ଶୀଘ୍ର ନୂଆ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପର୍ଯ୍ୟଟନ ସଚିବ

କୋଣାର୍କ,୧୯।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଉନ୍ନୟନ କାର୍ଯ୍ୟ, ସୂର୍ଯ୍ୟମନ୍ଦିର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ, ଯାତ୍ରୀନିବାସ ମରାମତି, କୋଣାର୍କ ଅର୍ବାନ ହାଟ ପୁନରୁଦ୍ଧାର ନିମନ୍ତେ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ ମଙ୍ଗଳବାର ଅପରାହ୍ନରେ ସମୀକ୍ଷା କରିଛନ୍ତି। ସୂର୍ଯ୍ୟମନ୍ଦିର ଦକ୍ଷିଣ-ପୂର୍ବ ପାର୍ଶ୍ୱରେ ୮ଟି ଅତ୍ୟାଧୁନିକ ପ୍ରୋଜେକ୍ଟର ମାଧ୍ୟମରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ତିନୋଟି ଭାଷାରେ ପର୍ଯ୍ୟଟକମାନେ ଏହାକୁ ଉପଭୋଗ କରିବେ। ୩୦୦ରୁ ଅଧିକ ପର୍ଯ୍ୟଟକ ବସିବା ଭଳି ଚେୟାର ବ୍ୟବସ୍ଥା କରାଯିବ। ସନ୍ଧ୍ୟା ୬ଟା ୩୦ରୁ ୭ଟା ୧୦ ଏବଂ ୭ଟା ୩୦ରୁ ୮ଟା ୧୦ ପର୍ଯ୍ୟନ୍ତ ଦୁଇଟି ଶୋ' ଚାଲିବ। ଗ୍ରୀଷ୍ମଦିନରେ ସମୟ ପରିବର୍ତ୍ତନ କରାଯିବ। ଏହା ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରହିଛି। ପ୍ରଥମେ ଯାତ୍ରୀନିବାସ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିଥିଲେ। ପରେ ଅର୍ବାନ୍ ହାଟ ପୁନରୁଦ୍ଧାର ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଅର୍ବାନ୍ ହାଟକୁ କିଭଳି ପର୍ଯ୍ୟଟକମାନେ ଆସି ଅଧିକ ସମୟ ଅତିବାହିତ କରିବେ, ସେନେଇ ଉନ୍ନୟନ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ସରୋଜ କୁମାର ସ୍ୱାଇଁ, ଏଏସ୍ଆଇ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଡି. ବି. ଗଡ଼ନାୟକ, ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପାଇଁ ପିଆଇଏଲ୍

କଟକ,୧୯।୮ (କାର୍ତ୍ତିକ ସାହୁ)

ଓଡ଼ିଶାରେ କ୍ରମାଗତ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀ ବଢ଼ୁଛନ୍ତି। ସେମାନଙ୍କୁ ତୁରନ୍ତ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇନଜୀବୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ମଙ୍ଗଳବାର ରୁଜୁ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟରେ ଦିନକୁ ଦିନ ବଢ଼ିଚାଲିଥିବା ବେଆଇନ ବାଲାଂଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ରୋକ୍ ଲଗାଇବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଟାସ୍କଫୋର୍ସ ଗଠନ କରି ସେମାନଙ୍କ ଆଧାର କାର୍ଡ, ଭୋଟର କାର୍ଡ, ରାଶନ୍ କାର୍ଡ ଆଦି ଯାଞ୍ଚ କରିବା ସହ ତୁରନ୍ତ ସେମାନଙ୍କୁ ଚିହ୍ନଟ କରାଯିବାକୁ ଆବେଦନରେ ଦର୍ଶାଯାଇଛି। ବାଲାଂଦେଶୀ ଅନୁପ୍ରବେଶକାରୀମାନେ ବେଆଇନ ଭାବେ ଓଡ଼ିଶାରେ ପ୍ରବେଶ କରି ବସବାସ କରୁଛନ୍ତି। ସେମାନେ ବେଆଇନ ଭାବେ ଆଧାର କାର୍ଡ, ଭୋଟର କାର୍ଡ, ରାଶନ୍ କାର୍ଡ ଆଦି କରାଇ ସମସ୍ତ ସରକାରୀ ସୁବିଧା ସୁଯୋଗ ହାତେଇବାରେ ସଫଳ ହେଉଛନ୍ତି। ରାଜ୍ୟ ସରକାର ବାଂଲାଦେଶ ହାଇକମିଶନରଙ୍କ ସହ ସମନ୍ୱୟ ରଖି ତୁରନ୍ତ ସେମାନଙ୍କୁ ଚିହ୍ନଟ କରନ୍ତୁ। ସେମାନଙ୍କୁ ଅସ୍ଥାୟୀ ରହଣି କେନ୍ଦ୍ରରେ ରଖି ସେମାନଙ୍କ କାଗଜପତ୍ର ଯାଞ୍ଚ କରି ତାଙ୍କ ଦେଶକୁ ପଠାଇବାର ବନ୍ଦୋବସ୍ତ କରନ୍ତୁ। ଏଥିସହ ଭବିଷ୍ୟତରେ ବେଆଇନ ବାଂଲାଦେଶୀ ଅନୁପ୍ରବେଶ ରୋକିବାକୁ ରାଜ୍ୟ ସରକାର ସାମୁଦ୍ରିକ ତଟ ଓ ସୀମାରେ କୋଷ୍ଟ ଗାର୍ଡ, ବିଏସ୍ଏଫ୍ ଫୋର୍ସ ମୁତୟନ କରନ୍ତୁ। ଏଥିସହ ଦେଶ ସୁରକ୍ଷାରେ ନିୟୋଜିତ କର୍ମଚାରୀମାନଙ୍କୁ ସଜାଗ ରହିବାକୁ ମେରାଇନ୍ ଥାନାଗୁଡ଼ିକୁ ଆଦେଶ ଦିଅନ୍ତୁ ବୋଲି ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଛି। ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ, ପୋଲିସ୍ କମିଶନର୍ ଏବଂ ବୈଦେଶିକ ବିଭାଗ ସଚିବ ପ୍ରମୁଖଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ଜଳବାୟୁ ପରିବର୍ତ୍ତନ ଯୋଗୁ ମରୁଛନ୍ତି ଜେଲିଫିସ୍

## ଉଦ୍‌ବେଗ ପ୍ରକାଶ କଲେ ପରିବେଶବିତ୍

କୋଣାର୍କ,୧୯।୮ (ଜ୍ୟୋତିରାଜ ମହାନ୍ତି)

ସାମୁଦ୍ରିକ ପରିସଂସ୍ଥା ଉପରେ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବରୁ ପରିସଂସ୍ଥା ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ଜେଲିଫିସ୍‌ଗୁଡ଼ିକ ମରି ଯାଉଛନ୍ତି। କୋଣାର୍କ ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ମୁହାଣ ମୁହଁ ନିକଟସ୍ଥ ଇକୋ ରିଟ୍ରିଟ୍ ସମୁଦ୍ର କୂଳରେ ଲକ୍ଷାଧିକ ସଂଖ୍ୟାର ବିରଳ ବ୍ଲୁ ବଟମ ଜେଲିଫିସ୍ ମରିପଡ଼ିଥିବା ଦେଖିବାକୁ ମିଳିଛି। ଅଲିଭ୍‌ରିଡ୍‌ଲେ ଓ ତିମି ଭଳି ଜଳ ଜୀବଙ୍କର ଏହି ଜେଲିଫିସ୍‌ଗୁଡ଼ିକ ମୁଖ୍ୟ ଆହାର ହୋଇଥାଏ। ଅଲିଭ ରିଡ୍‌ଲେ ସଂଖ୍ୟା କମିଲେ ତଥା ସମୁଦ୍ରରେ ଖାଦ୍ୟ ଶୃଙ୍ଖଳ ବିଗିଡ଼ିଗଲେ ଏମାନେ ଲହଡ଼ିରେ ଭାସି ଆସିଥାନ୍ତି। ଏହି ଜେଲିଫିସଗୁଡ଼ିକ ମଣିଷଙ୍କ ସଂସ୍ପର୍ଶରେ ଆସିଲେ ଚର୍ମ ରୋଗ ହୋଇଥାଏ ଓ ସଂକ୍ରମଣ ହୋଇଥାଏ ବୋଲି ଡାକ୍ତର କୁହନ୍ତି। ଅନେକ ମାନବକୃତ କାରଣ ପାଇଁ ସାମୁଦ୍ରିକ ପରିବେଶ ପ୍ରଦୂଷିତ ହେବା ସହିତ ପ୍ରବଳ ଗରମ ହେବା ଫଳରେ ସମୁଦ୍ର ଜଳ ଉତ୍ତପ୍ତ ହେବାକୁ ଲାଗିଛି। ଫଳରେ ଏହି ବିରଳ ଜେଲିଫିସ୍‌ଗୁଡ଼ିକ ମରିଯାଉଛନ୍ତି। ଅସ୍ତରଙ୍ଗ ଅଞ୍ଚଳର ଜାତିସଂଘ ପୁରସ୍କାରପ୍ରାପ୍ତ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ ଏନେଇ ଗଭୀର ଉଦ୍‌ବେଗ ପ୍ରକାଶ କକରିଛନ୍ତି। ପୂର୍ବରୁ ଅନେକ ଥର ଚନ୍ଦ୍ରଭାଗା ସମୁଦ୍ରକୂଳରେ ଏଭଳି ଅଘଟଣ ଘଟିଥିଲା ବେଳେ ପୁଣିଥରେ ଉକ୍ତ ଘଟଣାର ପୁନରାବୃତ୍ତି ହୋଇଛି।



ଇକୋ ରିଟ୍ରିଟ୍ ସମୁଦ୍ରକୂଳରେ ମରିପଡ଼ିଥିବା ଜେଲିଫିସ୍।

# ପିଲାଙ୍କୁ ଦିଆଯିବ ୧୧ ଦିନର ଚାଉଳ ସହ ଟଙ୍କା

## ସ୍ୱତନ୍ତ୍ର ଦିବସରେ ମଧ୍ୟାହ୍ନ ଭୋଜନ ନ ମିଳିବା ପ୍ରସଙ୍ଗ

ଭୁବନେଶ୍ୱର,୧୯।୮ (ସୁଚିସ୍ମିତା ସାହୁ)

ରାଜ୍ୟର ସମସ୍ତ ଶିଶୁ(ବାଲ)ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୧୧ଦିନର ଚାଉଳ ସହ ରନ୍ଧନ ବାବଦ ଟଙ୍କା ପ୍ରଦାନ କରାଯିବ। ପ୍ରଧାନ ଶିକ୍ଷକମାନେ ତୁରନ୍ତ ପିଲାଙ୍କୁ ଏହା ବଣ୍ଟନ କରି ସରକାରଙ୍କୁ ଜଣାଇବେ। ଏଥିପ୍ରତି ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳ ଗୁରୁତ୍ୱ ଦେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଏପ୍ରିଲ୍ ୨୩ରୁ ମେ' ୫ ପର୍ଯ୍ୟନ୍ତ ଗ୍ରୀଷ୍ମଛୁଟିରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ନ ମିଳିବା ଅଭିଯୋଗ ଆସିବା ପରେ ଏହାକୁ ନେଇ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ମଧ୍ୟାହ୍ନଭୋଜନ ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ଜିଲା ସ୍ତରରୁ ତଥ୍ୟ ଲୋଡ଼ିଥିଲେ। ଏହାକୁ ଆଧାର କରି ସରକାରଙ୍କ ପକ୍ଷରୁ ୧୧ ଦିନର ଚାଉଳ ସହ ରନ୍ଧନ ବାବଦ ଅର୍ଥ ଛାତ୍ରୀଛାତ୍ରଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ମଧ୍ୟାହ୍ନଭୋଜନ ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ସବୁ ଜିଲାପାଳଙ୍କୁ ପତ୍ର ଲେଖିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ଚାଉଳ ବଣ୍ଟନ କରିବେ। ସେହିପରି ରନ୍ଧନ ଦ୍ରବ୍ୟ ବାବଦ ଅର୍ଥକୁ ଛାତ୍ରୀଛାତ୍ର ବା ସେମାନଙ୍କ ଅଭିଭାବକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଡିବିଟି ମୋଡ୍‌ରେ ପ୍ରଦାନ କରାଯିବ।


## ADMISSION NOTICE-2025

Centre for Distance and Online Education (CDOE)
(D.D.C.E., UTKAL UNIVERSITY)
BHUBANESWAR-751010
NAAC A+

Centre for Distance & Online Education (DDCE, Utkal University)

Management & Computer Science Courses
(NOC from AICTE, New Delhi)

- Bachelor of Business Administration (3 Years)
- Master of Business Administration (2 Years)
- Master of Computer Application (2 Years)

(Contact MBA / BBA- 9437103110 / MCA - 9437074110 during office hour )

POST GRADUATE COURSES

- M.Com.
- M.S.W.
- M.A. in Odia
- M.A. in Hindi
- M.A. in History
- M.A. in English
- M.A.in Public Administration
- M.A. in Political Science
- M.A. in Economics
- M.A. in Sanskrit
- M.A. in Sociology
- M.A. in Education

(For more contact - 9437156110 during office hour )

Salient Features.

- Online Admission Process
- Free Registration & No charges for appearing admission test for Mgt. & Comp. Sc. Courses.
- Provision for Online verification of forms & online payment

For Course details, availability of seats, eligibility, fees structure, selection process and important date lines visit our website : www.ddceutkal.ac.in

Last Date of Admission Extended to : 20.09.2025

DIRECTOR


# ୧ରେ ସରିବ ବିଶ୍ୱ ଦକ୍ଷତା କେନ୍ଦ୍ରର ଅନ୍‌ଲାଇନ ନାମଲେଖା ଆବେଦନ

ଭୁବନେଶ୍ୱର,୧୯।୮ (ସୁଚିସ୍ମିତା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ରରେ ସେପ୍ଟେମ୍ବର ସେସନର ନାମଲେଖା ପାଇଁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଜାରି ରହିଛି। ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମରେ ତାଲିମ ନେବା ଲାଗି ଆଗ୍ରହୀ ପ୍ରାର୍ଥୀମାନେ ସେପ୍ଟେମ୍ବର ୧ ସୁଦ୍ଧା ଆବେଦନ କରିପାରିବେ। ଏଠାରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ' ବିଭାଗ ଅଧୀନରେ ମୋଟ ୭ଟି ବୃତ୍ତିଗତ ବିଷୟରେ ଛାତ୍ରୀଛାତ୍ରଙ୍କୁ ଫିନିଶିଂ ସ୍କୁଲ ଢାଞ୍ଚାରେ ପ୍ରଶିକ୍ଷଣ ଦିଆଯାଉଛି। ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ, ଏୟାର କଣ୍ଡିଶନିଂ ଆଣ୍ଡ ରେଫ୍ରିଜେରେଶନ, ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ ଏବଂ ପ୍ରିସିସନ ଇଞ୍ଜିନିୟରିଂ ଭଳି ୫ଟି ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ କରିପାରିବେ। ଏଥିପାଇଁ ଆଗ୍ରହୀ ପ୍ରାର୍ଥୀ କୌଣସି ସରକାରୀ ବା ଘରୋଇ ଅନୁଷ୍ଠାନରୁ ଯେ କୌଣସି ବିଷୟରେ ୨ବର୍ଷିଆ ଆଇଟିଆଇ ବା ୩ବର୍ଷିଆ ଡିପ୍ଲୋମା କରିଥିବା ଆବଶ୍ୟକ। ସେହିପରି 'ବ୍ୟୁଟି ଆଣ୍ଡ ୱେଲନେସ୍' ପାଠ୍ୟକ୍ରମ ପାଇଁ ପ୍ରାର୍ଥୀ ଯୁକ୍ତ୨ କିମ୍ବା ସମ୍ପୃକ୍ତ ବିଷୟରେ ଆଇଟିଆଇ ଓ କୌଣସି ବିଷୟରେ ଡିପ୍ଲୋମା କରିଥିବା ଆବଶ୍ୟକ।

ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଅନ୍ୟ ରାଜ୍ୟର ପ୍ରାର୍ଥୀମାନେ ମଧ ଆବେଦନ କରିପାରିବେ। ସେମାନଙ୍କ ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସିଟ୍ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ସେହିପରି ହଷ୍ଟେଲ, ଖାଇବା ବ୍ୟବସ୍ଥା, ୟୁନିଫର୍ମ ଏବଂ ଯାତାୟାତ ଲାଗି ବସ୍ ସୁବିଧା ଆଦି ମାଗଣାରେ ଦିଆଯାଉଛି। ଶିକ୍ଷା ଓ ତାଲିମ ଶେଷ ହେବା ପରେ ଛାତ୍ରୀଛାତ୍ରମାନେ କିପରି ଦେଶ ବିଦେଶର ବିଭିନ୍ନ ପ୍ରମୁଖ ସଂସ୍ଥାରେ ନିଯୁକ୍ତି ପାଇପାରିବେ ସେଥିପାଇଁ 'ପ୍ଲେସ୍‌ମେଣ୍ଟ' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟ www.worldskill-center.org ମାଧ୍ୟମରେ ଆବେଦନ କରିପାରିବେ। ଅଧିକ ସୂଚନା ପାଇଁ ୧୮୦୦ ୨୬୬ ୬୦୦୨ ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଛି।

# 'ପୁରସ୍କାରପ୍ରାପ୍ତ ସାହିତ୍ୟିକମାନେ ନୂଆ ଲେଖକଙ୍କ ପାଇଁ ପ୍ରେରଣା'

## ସେକ୍ ଅନୱର ହୁସେନଙ୍କୁ 'ଅମ୍‌ଜଦ୍ ନଜ୍‌ମୀ', ଅବଦୁଲ ହକ୍ ବେତାବଙ୍କୁ 'ଡ. କରାମତ ଅଲ୍ଲୀ କରାମତ୍' ଏବଂ ସମିଉଲ୍ ହକ୍ ଶାକିରଙ୍କୁ 'ରଶ୍ମିକାନ୍ତ ରାହି' ପୁରସ୍କାର



କାର୍ଯ୍ୟକ୍ରମରେ ଜଣେ ସାହିତ୍ୟିକଙ୍କୁ ବାଚସ୍ପତି ସୁରମା ପାଢ଼ୀ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୯।୮ (ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତ ବିଭାଗ ଅଧୀନ ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ୨୦୨୩ ବର୍ଷ ପାଇଁ ୩ଜଣ ଲେଖକଙ୍କୁ ମଙ୍ଗଳବାର ସଂସ୍କୃତି ଭବନର ସମ୍ମିଳନୀ କକ୍ଷରେ ପୁରସ୍କାର ପ୍ରଦାନ କରାଯାଇଛି। ଭଦ୍ରକର ଜନାବ ସେକ୍ ଅନୱର ହୁସେନଙ୍କୁ 'ଅମ୍‌ଜଦ୍ ନଜ୍‌ମୀ' ପୁରସ୍କାର ଦିଆଯାଇଛି। ପୁରସ୍କାର ବାବଦକୁ ତାଙ୍କୁ ୩ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି କଟକର ଜନାବ ଅବଦୁଲ ହକ୍ ବେତାବଙ୍କୁ 'ଡ. କରାମତ ଅଲ୍ଲୀ କରାମତ୍' ପୁରସ୍କାର ପ୍ରଦାନ କରାଯିବା ସହିତ ୨ ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯାଇଛି। କଟକର ଜନାବ ସମିଉଲ୍ ହକ୍ ଶାକିରଙ୍କୁ 'ରଶ୍ମିକାନ୍ତ ରାହି' ପୁରସ୍କାର ପ୍ରଦାନ ସହ ୧ ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯାଇଛି।

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବାଚସ୍ପତି କହିଥିଲେ ଯେ, ଉର୍ଦ୍ଦୁ ଏକ ମଧୁର ଭାଷା। ବହୁ ଲେଖକ ଓ କବି ନିଜର ସାହିତ୍ୟ ସର୍ଜନା ମାଧ୍ୟମରେ ଉର୍ଦ୍ଦୁ ଭାଷାକୁ ପରିପୁଷ୍ଟ କରିଛନ୍ତି। ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକମାନେ ଆଗାମୀ ଭବିଷ୍ୟତର ଉର୍ଦ୍ଦୁ ଲେଖକଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ବାଚସ୍ପତି କହିଛନ୍ତି। ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ଚନ୍ଦ୍ରଶେଖର ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏକାଡେମୀର ସଚିବ ଶୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ଏକାଡେମୀର ସଭାପତି ଜନାବ୍ ଖାଲିଦ୍ ରହିମ୍ ସଭାପତିତ୍ୱ କରିଥିବାବେଳେ ଉପସଭାପତି ଜନାବ ନଫିସ୍ ମଞ୍ଜର ହସନ୍ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଶାମ୍-ଏ-ଗଜଲ ପରିବେଷଣ କରାଯାଇଥିଲା।


DSPL-214

## ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0028/2526

**ହାତୀ ଭାଙ୍ଗିଲା ମନ୍ଦିର ପାଚେରି**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଗୋଡା ଗ୍ରାମସ୍ଥିତ ଶିବପୀଠ ବାବା ଲୋକନାଥ ଦେବଙ୍କ ମନ୍ଦିର ପାଚେରିରେ ହାତୀ ସୋମବାର ବିଳମ୍ବିତ ରାତ୍ରିରେ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଚାଲିଆସୁଥିବା ବେଳେ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହେଉଛି। ବନ ବିଭାଗ କର୍ମଚାରୀ ହାତୀଙ୍କ ଗତିବିଧି ଉପରେ ନଜର ରଖି ସେମାନଙ୍କୁ ଅଞ୍ଚଳରୁ ତଡିବା ସହିତ ଜନ ସାଧାରଣଙ୍କ ଧନଜୀବନ ରକ୍ଷା କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ୫୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୧୯।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିବାରେ ଲାଗିଛି। ମଙ୍ଗଳବାର ଖୋର୍ଦ୍ଧା ଅବକାରୀ ୟୁନିଟ୍ ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ବଜାରରୁ ୫୩ଗ୍ରାମ ବ୍ରାଉନ୍‌ସୁଗାର ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଆଦର୍ଶ ଥାନା ଗୁରୁଜଙ୍ଗ ଟାଙ୍ଗି ସାହିର ଅଜୟ ସୁନ୍ଦରା(୩୮)। ଏସଂକ୍ରାନ୍ତରେ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇ ଅଜୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାପ୍ରକାରେ କୌଣସି ସୂତ୍ରରୁ ଖବରପାଇ ଏକ ଟିମ୍ ସାଦା ପୋଷାକରେ ଛକରେ ଛକିଥିଲେ। ଅଭିଯୁକ୍ତ ବେପାରୀ, ଗ୍ରାହକ ଅପେକ୍ଷାରେ ଥିବାବେଳେ ଅବକାରୀ ଟିମ୍ ଗ୍ରାହକ ବେଶରେ ଯାଇ ତାଙ୍କୁ ଧରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲେ।

### ୨୪ ଚୋରା ମୋବାଇଲ ଫେରାଇଲା ପୋଲିସ

ଖୋର୍ଦ୍ଧା,୧୯।୮(ପ୍ରଭାତ ପାଣିଗ୍ରାହୀ)

ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ମୋବାଇଲ ଫେରସ୍ତ ମେଳା ଆୟୋଜନ କରାଯାଇଛି। ଜିଲାର ବିଭିନ୍ନ ଥାନାରେ ଚୋରି ହୋଇଥିବା ମୋବାଇଲକୁ ଉଦ୍ଧାରକରି ଲୋକଙ୍କୁ ପୋଲିସ ଫେରାଇଛି। ଏସ୍‌ପି ସାଗରିକା ନାଥ ବିଭିନ୍ନ କମ୍ପାନୀର ୨୪ଟି ଜବତ ମୋବାଇଲ ସଂପୃକ୍ତ ମାଲିକଙ୍କୁ ଫେରାଇଛନ୍ତି। ଏହି ଅବସରରେ ଏସ୍‌ପି କହିଲେ, ପୋଲିସ ଲୋକଙ୍କ ସାଥିରେ ଅଛି। ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ସାଇବର ଠକେଇ ଠାରୁ ଚୋରି ମୋବାଇଲ ଖୋଜି ଉଦ୍ଧାର କରିବା ଦିଗରେ ଖୋର୍ଦ୍ଧା ପୋଲିସ ପ୍ରୟାସ ଜାରି ରହିଛି। କୌଣସି ସମୟରେ ଠକାମିର ଶିକାର ହେଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କଲେ ପୋଲିସ ଦ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇପାରିବ ବୋଲି ଏସ୍‌ପି ନାଥ କହିଛନ୍ତି।

### ମହାବୀର ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଶୋକସଭା

ଟାଙ୍ଗୀ,୧୯।୮(ରଘୁନାଥ ସାହୁ)

ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପୂର୍ବତନ ଉପସଭାପତି ଦିଲୀପ କୁମାର ମହାନ୍ତିଙ୍କ (୭୧) ପରଲୋକ ଘଟିଛି। ତାଙ୍କ ବିୟୋଗରେ ମହାବୀର ଆଥଲେଟିକ ଆସୋସିଏଶନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ହୃଷୀକେଶ ପ୍ରଧାନଙ୍କ ପୌରୋହିତ୍ୟରେ ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା। ଅମର ଆତ୍ମାର ସଦ୍‌ଗତି କାମନା ସହିତ ତାଙ୍କ ପରିବାରକୁ ପ୍ରଭୁ ମହାବୀର ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ କହିଥିଲେ। ଶୋକସଭାରେ ଉପ ସଭାପତି ରାଜକିଶୋର ବୈରିଗଞ୍ଜନ, ସହ ସମ୍ପାଦକ ରମେଶ ନାଇଡୁ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ସଚ୍ଚିଦାନନ୍ଦ ପ୍ରଧାନ, ଆନନ୍ଦ ରାଓ, ହରିବନ୍ଧୁ ସାମନ୍ତରାୟ, ରତ୍ନାକର ସାମନ୍ତରାୟ, ବିଭୂତି ଚମ୍ପତି, କେଦାର ପତାଳସିଂହ, ବିପିନ ଉଦୟସିଂହ, ଲଳିତ ମୋହନ ବରାଳ, ହେମନ୍ତ ଜେନା, ସଞ୍ଜୟ ସ୍ୱାଇଁ, ବାବୁଲା ପାତ୍ର, ଲକ୍ଷ୍ମୀକାନ୍ତ ଦଳାଇ ଓ ସିଲୁ ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଥିଲେ।

# ପ୍ରତ୍ୟେକ ବିଦ୍ୟାଳୟରେ ଏ୧ ଗ୍ରେଡ୍ ଫଳାଫଳ ସୁନିଶ୍ଚିତ କର

## ବିଦ୍ୟାଳୟ ଶିକ୍ଷା ଯୋଜନାର ସମୀକ୍ଷା

ଖୋର୍ଦ୍ଧା,୧୯।୮(ପ୍ରଭାତ ପାଣିଗ୍ରାହୀ)



ସମୀକ୍ଷା ବୈଠକରେ ଉପସ୍ଥିତ ଜିଲାପାଳ ଅମ୍ରିତ୍ ଋତୁରାଜଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ଶିକ୍ଷା ଯୋଜନା ସମୀକ୍ଷା ସହ 'ଆସ ସ୍କୁଲ ଯିବା' ଯୋଜନାର ଜିଲାସ୍ତରୀୟ ବୈଠକ ଆୟୋଜିତ ହୋଇଯାଇଛି। ଜିଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ବିଶେଷକରି ଜିଲାରେ ଶତପ୍ରତିଶତ ସଫଳତା ସହ ପ୍ରତ୍ୟେକ ବିଦ୍ୟାଳୟରେ ଏ୧ ଗ୍ରେଡ୍ ଫଳାଫଳ ସୁନିଶ୍ଚିତ କରିବା ଉପରେ ଜିଲାପାଳ ଋତୁରାଜ ଗୁରୁତ୍ୱ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ବୈଠକର ଆଭିମୁଖ୍ୟ, ପୂର୍ବ ବୈଠକର ନିଷ୍ପତ୍ତି ଏବଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ କହିଥିଲେ। ଖର୍ଚ୍ଚ ବିନିଯୋଗ ପ୍ରମାଣ ପତ୍ର, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା ଆପତ୍ତି ଅଭିଯୋଗ ସମାଧାନ, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନିଯୁକ୍ତି, ପିଏମ୍‌ଶ୍ରୀ ବିଦ୍ୟାଳୟ ଗୁଡ଼ିକରେ ସିଭିଲ କାର୍ଯ୍ୟ ଓ ଭିତ୍ତିଭୂମିର ଅଗ୍ରଗତି, 'ଆସ ସ୍କୁଲ ଯିବା' ଅଭିଯାନର ସ୍ଥିତି ତଥା ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟସ୍ରୋତରେ ସାମିଲ କରିବା ଆଦି ଶୈକ୍ଷିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଗୁଡ଼ିକର ଜିଲାପାଳ ସମୀକ୍ଷା କରିଥିଲେ।

ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳ, ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ସମସ୍ତ ୧୦ ଗୋଟି ବ୍ଲକର ୧୬ଗୋଟି ଉଚ୍ଚ ବିଦ୍ୟାଳୟର ମରାମତି କାର୍ଯ୍ୟ, ଖେଳ ପଡ଼ିଆ, କ୍ରୀଡ଼ା, ସୌନ୍ଦର୍ଯ୍ୟକରଣ,ଏଲଇଡି ଲାଇଟ୍, ସେଲ୍ଫି ପଏଣ୍ଟ, ସାଇନ୍ ବୋର୍ଡ ତଥା ସାଇନେଜ୍ ଆଦି କାର୍ଯ୍ୟର ଅଗ୍ରଗତି ସନ୍ଦର୍ଭରେ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମରେ ୨୦୨୫-୨୬ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ପ୍ରତ୍ୟେକ ବିଦ୍ୟାଳୟରେ ଶତକଡା ଶତ ପ୍ରତିଶତ ଫଳାଫଳ ପାଇଁ ଖସଡ଼ା ପ୍ରସ୍ତୁତ କରିବା ସହ ୧୮ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ତଥା ଜିଲା ନିଯୁକ୍ତି ଅଧିକାରୀଙ୍କ ସହ ଆଲୋଚନା କରି ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ଦେବା ନିମନ୍ତେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ତାପସ କୁମାର ନାୟକ, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରିବାଳା ଜେନା, ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା, ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲା ଦକ୍ଷତା ବିକାଶ ତଥା ଜିଲା କର୍ମ ନିୟୋଜନ ଅଧିକାରୀ ସୁବାସ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ସିଡିପିଓ, ସିଆର୍‌ସିସି, ବିଆର୍‌ସିସି, ସମସ୍ତ ପଲିଟେକନିକ୍ ଅନୁଷ୍ଠାନର ଅଧକ୍ଷାଅଧ୍ୟକ୍ଷ ଓ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ସମ୍ମାନ ଉତ୍ସବ

ଟାଙ୍ଗୀ,୧୯।୮(ରଘୁନାଥ ସାହୁ)

ଚାନ୍ଦପୁରସ୍ଥିତ ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଗତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧, ଏ-୨ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ବିଷ୍ଣୁପ୍ରିୟା ସାହୁ, ଆୟୁଷ୍ମାନ ସାହୁ, ଦିବ୍ୟାଂଶୁ ସାହୁ, ସୁଶ୍ରୀ ସମୀକ୍ଷା, ମନୋଜ କୁମାର ପ୍ରଧାନ, ସବ୍ୟସାଚୀ ବିଶୋଇ, ବର୍ଷାରାଣୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ଚେୟାରମ୍ୟାନ ବଦ୍ରିନାରାୟଣ ଚୌଧୁରୀ, ପୂର୍ବତନ ସମିତିସଭ୍ୟ ସନ୍ତୋଷ କୁମାର ନାୟକ, ସାଧନ କେନ୍ଦ୍ର ସଂଯୋଜକ ପବିତ୍ର ପ୍ରଧାନ, ମୋ ସ୍କୁଲ କମିଟି ସଭ୍ୟ ପ୍ରଦୀପ କୁମାର ସାହୁ, ଶିବ ପ୍ରସାଦ ସାହୁ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଉନ୍ନତି କାମନା କରିଥିଲେ। ଶିକ୍ଷୟିତ୍ରୀ ପ୍ରେମଲତା ଜାଲି ଅତିଥି ପରିଚୟ ପ୍ରଦାନ ଓ ରଞ୍ଜିତା ପ୍ରଧାନ ଉଦେଶ୍ୟ ଜ୍ଞାପନ କରିଥିଲେ। ମେଧାବୀ ଛାତ୍ରୀଛାତ୍ରମାନଙ୍କ ସହିତ ସେମାନଙ୍କ ମାତାପିତାମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଯଶୋଧା ମଧ୍ୟ ଇରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ବଦ୍ରି ନାରାୟଣ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ।

# ଫଟୋଗ୍ରାଫି ଏକ ପେସା ନୁହେଁ, ଏକ ଚ୍ୟାଲେଞ୍ଜ



ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଯୋଗଦେଇଥିବା ଫଟୋଗ୍ରାଫରମାନେ।

ଖୋର୍ଦ୍ଧା,୧୯।୮(ପ୍ରଭାତ ପାଣିଗ୍ରାହୀ)

## ବିଶ୍ୱ ଫଟୋଗ୍ରାଫି ଦିବସ

ଖୋର୍ଦ୍ଧା ଜିଲା ଫଟୋଗ୍ରାଫର ସଂଘ ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବିଶ୍ୱ ଫଟୋଗ୍ରାଫି ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରବୀର କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦିବସରେ ଏକାଧିକ ଷ୍ଟୁଡିଓ ଫଟୋଗ୍ରାଫର ଯୋଗ ଦେଇଥିଲେ। ଏହି ଅବସରରେ ଏକ ପରିବେଶ ସ୍ୱଚ୍ଛତା ଅଭିଯାନର ଆୟୋଜନ କରାଯାଇଥିଲା।

ଆୟୋଜିତ ବୈଠକରେ ଫଟୋଗ୍ରାଫରମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା କରାଯାଇଥିଲା। ଫଟୋଗ୍ରାଫି ଏକ ପେସା ନୁହେଁ ବରଂ ଏହା ପ୍ରତିଟି ଫଟୋଗ୍ରାଫର ପାଇଁ ଏକ ଚ୍ୟାଲେଞ୍ଜ ବୋଲି ବରିଷ୍ଠ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଆଖି ସାମ୍ନାରେ ଘଟି ଯାଉଥିବା ଘଟଣାକୁ କିଛି ସେକେଣ୍ଡରେ ନିଜ କ୍ୟାମେରା ଲେନ୍ସରେ କଏଦ କରିବା ସହଜ କଥା ନୁହେଁ, ଏହା ଏକ ପ୍ରତିଭା। ଆଜିର ସୋସିଆଲ ମିଡିଆ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେଣ୍ଟ(ଏଆଇ) ଯୁଗରେ ନିଜ ପ୍ରତିଭାକୁ ଅଧିକ କ୍ରିୟାଶୀଳ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଜିଲାର ବରିଷ୍ଠ ଫଟୋଗ୍ରାଫର ଦୁର୍ଯ୍ୟୋଧନ ଜେନାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ସନ୍ଦୀପ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ସାମନ୍ତରାୟ, ସାଧାରଣ ସମ୍ପାଦକ ଗଗନ ବିହାରୀ ମହାପାତ୍ର, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାପାତ୍ର, ଉପସଭାପତି ଦିଲୀପ କୁମାର ବିଧାର ପ୍ରମୁଖ ପରିଚାଳନା କରିଥିବାବେଳେ ଶ୍ରୀକାନ୍ତ ଜଗଦେବ, ନାଲୁ ମହାରଣା, ବିଷ୍ଣୁ ମୋହନ ପଟ୍ଟନାୟକ, ମନୋଜ ରାୟସିଂ ପ୍ରମୁଖ ସହଯୋଗ କରିଥିଲେ।

# କଂସାରୀ ନଈରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ବାଲୁଗାଁ,୧୯।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ବାଙ୍କିଆପଲ୍ଲୀସ୍ଥିତ କଂସାରୀ ନଈରେ ଭାସିଯାଇ ନିଖୋଜ ଯୁବକଙ୍କ ମୃତଦେହ ବାଲୁଗାଁ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ଜବତ କରିଛି। ମୃତ ଯୁବକ ବାଙ୍କିଆପଲ୍ଲୀ ଗ୍ରାମର ସ୍ୱର୍ଗତ ବାବୁଲା ବେହେରାଙ୍କ ପୁତ୍ର ଆଶୀର୍ବାଦ ବେହେରା (୨୦)। ସୂଚନା ଥାଉକି, ସୋମବାର ସକାଳେ ଆଶୀର୍ବାଦ ସାଙ୍ଗମାନଙ୍କ ସହିତ କଂସାରୀ ନଈକୁ ଗାଧୋଇବା ପାଇଁ ଯାଇଥିଲେ। ଲଘୁଚାପ ଜନିତ ବର୍ଷା ଯୋଗୁ ନଈରେ ପାଣିର ବେଗ ଅଧିକ ରହିଥିବା ବେଳେ ଅସାବଧାନତାରୁ ଆଶୀର୍ବାଦ ଭାସିଯାଇ ନିଖୋଜ ହୋଇଯାଇଥିଲେ। ମଙ୍ଗଳବାର ବାଙ୍କିଆପଲ୍ଲୀ ନଈଠୁଠାରୁ ଏକ କି.ମି. ଦୂର ଏକ ବୁଦା ମୂଳେ ଆଶୀର୍ବାଦଙ୍କ ମୃତଦେହ ଅଗ୍ନିଶମ ବାହିନୀ ଠାବ କରିଥିଲେ। ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆଶୀର୍ବାଦଙ୍କ ବାପାଙ୍କ କିଛି ମାସ ତଳେ ଦେହାନ୍ତ ହୋଇଥିବା ବେଳେ ଅସହାୟ ପରିବାରକୁସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ

ବୋଲଗଡ଼,୧୯।୮(ଦେବବ୍ରତ ହୋତା)

**ନିଷ୍ଠାପର ଉଦ୍ୟମ ଦ୍ୱାରା ଶ୍ରେଷ୍ଠତା ପ୍ରତିପାଦନ କର**

ବୋଲଗଡ ଶିକ୍ଷା ବ୍ଲକ କଳାଙ୍ଗ ପଞ୍ଚାୟତସ୍ଥିତ କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟରେ ଦିବାକର ହୋତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମେଧାବୀ ବିଦ୍ୟାର୍ଥୀମାନଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ସଭଗୃହରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ଯୋଚିନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ହରିବନ୍ଧୁ ସାହୁ ଯୋଗଦେଇ ନିଷ୍ଠାପର ଉଦ୍ୟମ ଦ୍ୱାରା ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତ ଭାବେ ପ୍ରଫେସର ଡାକ୍ତର ଶରତଚନ୍ଦ୍ର ଜୟସିଂହ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କୈଳାସଚନ୍ଦ୍ର ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ କେଶବ ରାଉତରାୟ ଓ ଶିକ୍ଷାବିତ ଗୋପାଳ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଅର୍ପିତା ହୋତା, ପ୍ରିୟଦର୍ଶିନୀ ସୁବୁଦ୍ଧି, ଶୁଭସ୍ମିତା ଗୁରୁ, ସୁଶ୍ରୀ ସଙ୍ଗୀତା ସ୍ୱାଇଁ ଓ ସ୍ୱରୂପାନନ୍ଦ ବେହେରାଙ୍କୁ ପ୍ରଶଂସା ପତ୍ର, ଟ୍ରଫି ଓ ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟର ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତକୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶିଶୁ ନୃତ୍ୟଶିଳ୍ପୀ ସୌମ୍ୟକାନ୍ତ 'ଆହେ ନୀଳଶୈଳ' ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

# ବେସରକାରୀ ଅଧ୍ୟାପକ କର୍ମଚାରୀଙ୍କ ଧାରଣା

ନିରାକାରପୁର,୧୯।୮
(ମାନସ ଚନ୍ଦ୍ର ପଟ୍ଟନାୟକ)

୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ଅଧାପକ କର୍ମଚାରୀମାନଙ୍କୁ ଅନୁଦାନ ଦାବିରେ ବେସରକାରୀ ଅଧ୍ୟାପକ କର୍ମଚାରୀମାନେ ଭୁବନେଶ୍ୱର ଲୋୟର ପିଏମଜିଠାରେ ଧାରଣା ଦିଆଯାଇଛି। ଏଥିସହ ନିଜ କଲେଜର ମୁଖ୍ୟ ଫାଟକ ସମ୍ମୁରେ ଧାରଣ ଦେବା ସହିତ କଲମ ଛାଡ ଆନ୍ଦୋଳନ ଗତ ୧୬ ତାରିଖରୁ ଜାରି ରଖିଛନ୍ତି। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କମଲ ଛାଡ କରାଯିବା ପାଇଁ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ସାମିଲ ହୋଇ ନିରାକାରପୁରଠାରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ବ୍ୟାନର ଲଗାଇ ବେସରକାରୀ କର୍ମଚାରୀ ଅଧ୍ୟାପକ ଧାରଣା ଦେଇଥିବା ଦେଖିବାକୁ ମିଳିଛି।

# ସ୍ୱାମୀ ପ୍ରଣବାନନ୍ଦ ପାଠାଗାର ଉଦ୍‌ଘାଟିତ

ବେଗୁନିଆ,୧୯।୮(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପରିଛଳସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳ ପରିସରରେ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ ଗ୍ରନ୍ଥାଗାର ଉଦ୍‌ଘାଟିତ ହୋଇଯାଇଛି। ଗୁରୁକୂଳ ଆଶ୍ରମର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବେଙ୍ଗାଲୁରୁସ୍ଥିତ କମ୍ୟୁଅମ ନେଟୱାର୍କର ଉପସଭାପତି ବିଜୁ କୁଞ୍ଜୁକୁଞ୍ଜୁ ମୁଖ୍ୟଅତିଥି, ନେଟୱାର୍କର ବରିଷ୍ଠ ନିର୍ଦ୍ଦେଶକ ସନ୍ଦୀପ କୁମାର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାର୍ଥୀମାନେ ପୁସ୍ତକ ଅଧ୍ୟୟନ ଦାରା ଉତ୍ତମ ଜ୍ଞାନ ଆହରଣ କରି ପାରିବେ ବୋଲି ମତ ପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ସମ୍ପାଦକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ଚଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଟ୍ରଷ୍ଟି ପ୍ରବୀର୍ ମଲ୍ଲିକ, ରତିକାନ୍ତ ସୁନ୍ଦରାୟ ଓ ସାଧକ ଗୋପାଳ ଜୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଅଧ୍ୟକ୍ଷ ପ୍ରତାପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍ବଣ ଋତୁ ପାଇଁ ତତ୍ପର ମୂର୍ତ୍ତି କାରିଗର



ଜଣେ କାରିଗର ମୂର୍ତ୍ତି ତିଆରିରେ ନିମଗ୍ନ ଅଛନ୍ତି।

ଜଟଣୀ,୧୯।୮(ରବୀନ୍ଦ୍ରନାଥ ମହାକୁଡ଼)

ଦିନ କେଇଟା ପରେ ଆରମ୍ଭ ହେବ ପାର୍ବଣ ଋତୁ। ଏଥିପାଇଁ ଜଟଣୀର ମୂର୍ତ୍ତି କାରିଗରମାନେ ବ୍ୟସ୍ତ ରହିଥାନ୍ତି। ପାର୍ବଣ ଋତୁ ଆସିଲେ ଅନେକ ପଶ୍ଚିମବଙ୍ଗ ଏବଂ ଓଡ଼ିଆ କାରିଗର ଜଟଣୀ ସହରରେ ବିଭିନ୍ନ ସ୍ଥାନରେ ମୂର୍ତ୍ତି ନିର୍ମାଣ ପାଇଁ ଡେରା ପକାଇଥାନ୍ତି। ଜଟଣୀ ଗଣେଶ ପୂଜା ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିବାରୁ ଭଲ ଦି ପଇସା ରୋଜଗାର ଆଶାରେ ମୂର୍ତ୍ତି କାରିଗରମାନେ ମୁଖ୍ୟତଃ ଜଟଣୀ ଗଣେଶ ପୂଜାକୁ ଚାହିଁ ରହିଥାନ୍ତି।

ଜଟଣୀ ମୂର୍ତ୍ତି ବଜାର ଉପରେ ପାଖଆଖ ଜିଲା ସହିତ ପଡୋଶୀ ଆନ୍ଧ୍ରପ୍ରଦେଶର ବ୍ୟବସାୟୀ ଏବଂ ସାଧାରଣ ଲୋକେ ନିର୍ଭର କରୁଥିବା କହିଛନ୍ତି ବରିଷ୍ଠ ମୂର୍ତ୍ତି କାରିଗର ନିଶିକାନ୍ତ ପଟ୍ଟନାୟକ। ପାର୍ବଣ ଋତୁରେ ୪ ମାସ ଜଟଣୀ ମୂର୍ତ୍ତି ବଜାରରେ ବିକ୍ରିବଟା ହୋଇଥାଏ। ଚଳିତବର୍ଷ ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ବେଶ ଯାକଜମକରେ ପାଳନ ହେବାକୁ ଥିବାବେଳେ ବିଭିନ୍ନ ସାହି ବସ୍ତି, କ୍ଲବ ଏବଂ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକାର ମୂର୍ତ୍ତି ଅର୍ଡର କରାଯାଇଥିବା ଜଣାପଡିଛି। ଚଳିତବର୍ଷ ଅନେକ ଡିଜାଇନର ଗଣେଶଙ୍କ ମୂର୍ତ୍ତି ନିର୍ମାଣ ହେଉଥିଲା ବେଳେ ଟେଡି ବାଲ ଗଣେଶ, ଛତ୍ରପତି ଶିବାଜୀ ଗଣେଶ, ଅନନ୍ତ ଶୟନ ଗଣେଶ, ବାହୁବଳୀ ଗଣେଶଙ୍କ ମୂର୍ତ୍ତି ଭଳି ବିଭିନ୍ନ ଡିଜାଇନର ମୂର୍ତ୍ତି ଅର୍ଡର ମୁତାବକ ନିର୍ମାଣ କରାଯାଉଛି। ୩ଫୁଟରୁ ଆରମ୍ଭ କରି ୩୫ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚତାର ମୂର୍ତ୍ତି ନିର୍ମାଣ ଚାଲିଛି। ମୂର୍ତ୍ତିଗୁଡ଼ିର ଦର ୩ ହଜାରରୁ ଆରମ୍ଭ କରି ୬୦ ହଜାର ପର୍ଯ୍ୟନ୍ତ ରହିଥିବା କହିଛନ୍ତି ମୂର୍ତ୍ତି କାରିଗର ଶୁଭଙ୍କର ଜେନା (ଭୋଳା)।

## ସେମାନେ ଯାହା କୁହନ୍ତି...

"ଲୋକଙ୍କ ଚାହିଦା ମୁତାବକ ମୂର୍ତ୍ତି ଗଢ଼ା ଚାଲିଛି। ମୂର୍ତ୍ତି ପାଇଁ କଞ୍ଚା ମାଟି ଏବଂ ନଡ଼ା ବାଉଁଶ ଆଦି ଜଟଣୀ ପାଖଆଖ ସ୍ଥାନରୁ ଆସୁଥିବା ବେଳେ ମୂର୍ତ୍ତି ସାଜସଜା ପାଇଁ ଲୁଗା, ମୁକୁଟ ଏବଂ ଅଳଙ୍କାର ସବୁ କୋଲକାତା ବଜାରରୁ ଆଣିବାକୁ ପଡୁଛି। ୩ଫୁଟରୁ ଆରମ୍ଭ କରି ୩୫ଫୁଟରୁ ଊର୍ଦ୍ଧ ମୂର୍ତ୍ତି ତିଆରି ହେଉଛି।

- ଅଶୋକ ପଟ୍ଟନାୟକ, ଶିଳ୍ପୀ, ୱେଷ୍ଟ ବେଙ୍ଗଲ

"ଚଳିତବର୍ଷ ପୂଜାକୁ ଉପଭୋଗ କରିବା ପାଇଁ ସମସ୍ତେ ଚାହିଁ ରହିଛନ୍ତି। ଆମ କୁଦିଆରୀ ହରିହର କ୍ଲବରେ ଦୀର୍ଘ ୫୦ବର୍ଷରୁ ଅଧିକ ସମୟ ଧରି ମୂର୍ତ୍ତି ନିର୍ମାଣ କାର୍ଯ୍ୟ ହେଉଛି। ଜିଲା ଏବଂ ରାଜ୍ୟ ବାହାରକୁ ଏଠାରୁ ଲୋକେ ଆସି ମୂର୍ତ୍ତି ନିଅନ୍ତି। ଖୁସି ଏବଂ ଗର୍ବ ଅନୁଭବ କରୁଛୁ ଯେ ଆମ ଅଞ୍ଚଳରୁ ମୂର୍ତ୍ତି ବିଭିନ୍ନ ସ୍ଥାନକୁ ଯାଉଛି। ଏପଟେ ଜଟଣୀ ଏବଂ ଆମ ଗ୍ରାମର ଏକାଧିକ ସ୍ଥାନରେ ଶିଳ୍ପୀ ଏବଂ କାରିଗର ବିଭିନ୍ନ ବଜାର ଏବଂ ସାହି ବସ୍ତି କ୍ଲବ ପାଇଁ ମୂର୍ତ୍ତି ନିର୍ମାରେ ଦିନରାତି ବ୍ୟସ୍ତ ରହିଥିବା ଦେଖିବାକୁ ମିଳୁଛି।

- ସୁଦର୍ଶନ ସୁନ୍ଦରାୟ, ଜଟଣୀ ବ୍ୟବସାୟୀ ମହାସଂଘ ସଭାପତି ତଥା କୁଦିଆରୀ ଅଧିବାସୀ, ଜଟଣୀ

"ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମୁଁ ୱେଷ୍ଟ ବେଙ୍ଗଲରୁ ଆସି କୁଦିଆରୀ ହରିହର କ୍ଲବରେ ମୂର୍ତ୍ତି ନିର୍ମାଣ କରିଆସୁଛି। ଅନେକ ପୂଜା ମୁଁ ଦେଖିଛି। ପୂର୍ବ ଭଳି ପରିସ୍ଥିତି ଆଉ ନାହିଁ। ବର୍ତ୍ତମାନ କମ୍ପିଟିସନ ବଜାର। ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ଏବଂ ଲେବର ପେମେଣ୍ଟ ପାଇଁ ଅନେକ ଅସୁବିଧା ହେଉଛି। ପରିଶ୍ରମ ମୁତାବକ ପାରିଶ୍ରମିକ ମିଳୁନି। ଏହି ବୃତ୍ତିରେ ଜୀବନ ବିତିଲାଣି, ଲସ ହେଉ ଲାଭ ହେଉ କରୁଛୁ।

- ନିଶିକାନ୍ତ ପଟ୍ଟନାୟକ, ମୂର୍ତ୍ତି କାରିଗର, କୁଦିଆରୀ, ଜଟଣୀ

"ଚଳିତ ବର୍ଷ ବହୁ ଡିଜାଇନର ମୂର୍ତ୍ତି ଅର୍ଡର ଆସିଛି। ଅର୍ଡର ମୁତାବକ ମୂର୍ତ୍ତି ନିର୍ମାଣ କରୁଛୁ। ୩ ଫୁଟରୁ ଆରମ୍ଭ କରି ୩୫ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚର ମୂର୍ତ୍ତି ନିର୍ମାଣ ଚାଲିଛି। ୩ ହଜାରରୁ ୬୦ ହଜାର ପର୍ଯ୍ୟନ୍ତ ମୂର୍ତ୍ତି ଦର ରହିଛି।

- ଶୁଭଙ୍କର ଜେନା, ମୂର୍ତ୍ତି କାରିଗର, କୁଦିଆରୀ, ଜଟଣୀ

ଜଟଣୀ ଗଣେଶ ପୂଜା ବଜାର ସଜ ବାଜ ଆରମ୍ଭ ହେଉଥିଲା ସମୟରେ ମୂର୍ତ୍ତି ଗଢ଼ା ଖୁବ ଜୋଦାର ଚାଲିଛି। ମୂର୍ତ୍ତି ଗଢ଼ାରେ ବ୍ୟସ୍ତ କାରିଗର ଠାରୁ ଆରମ୍ଭକରି ଶିଳ୍ପୀ।

# ଫୁଟ୍‌ବଲ ଲିଗ୍: କେରଙ୍ଗ ବିଜୟୀ

ଖୋର୍ଦ୍ଧା,୧୯।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଶରଧାପୁର ଫୁଟ୍‌ବଲ ଲିଗ୍‌ରେ ମଙ୍ଗଳବାର କେରଙ୍ଗ ବିଜୟ ହାସଲ କରିଛି। ଦୁଇ ଭେଟେରାନ ଦଳ କେରଙ୍ଗ ବନାମ ମର୍ନିଂ କ୍ଲବ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆରମ୍ଭରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିଲା। କେରଙ୍ଗ ଦଳରୁ ସୋହେଲ ଖାଁ ଗୋଟିଏ ଗୋଲ୍ କରିଥିବାବେଳେ ଶେଷ ୧୦ମିନିଟ୍‌ରେ ବିପକ୍ଷ ଦଳ ଗୋଟିଏ ଗୋଲ ଦେଇ ୧-୧ ବ୍ୟବଧାନ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କେରଙ୍ଗ ପଟୁ ଆକ୍ରମଣାତ୍ମକ ଭଙ୍ଗୀରେ ଖେଳ ଆରମ୍ଭ କରିଥିଲେ। ଦଳ ପକ୍ଷରୁ ସୋହେଲ ଏବଂ ଅଲତାଫ ଖାଁ ପ୍ରଥମ ୧୦ମିନିଟ୍ ମଧ୍ୟରେ ଗୋଟିଏ ଲେଖାଏ ଗୋଲ ଦେଇ ୩-୧ ବ୍ୟବଧାନଧିରେ ଦଳକୁ ବିଜୟ ଭେଟି ଦେଇଥିଲେ। ଆଜିର ମ୍ୟାଚ ରେଫରି ଭାବେ ସାଗିର ଅହମ୍ମଦ ଦାୟିତ୍ୱ ନେଇଥିବାବେଳେ ତାଙ୍କୁ ସହଯୋଗୀ ରେଫରି ଭାବେ ଇଜାକ ହୁସେନ ଓ ମକବୁଲ ଅହେମ୍ମଦ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ନୂତନ ନିବେଶ ସହ ଅଧିକ ନିଯୁକ୍ତି ସୃଷ୍ଟି ଆମ ଲକ୍ଷ୍ୟ: କନକବର୍ଦ୍ଧନ

## ସିଆଇଆଇ ପୂର୍ବ ଭାରତ ସମ୍ମିଳନୀ

ଭୁବନେଶ୍ୱର,୧୯।୮(ଅନୁରାଧା ମହାରଣା)

ମୁମ୍ବାଇରେ ଅନୁଷ୍ଠିତ ଚତୁର୍ଥ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ), ପୂର୍ବ ଭାରତ ସମ୍ମିଳନୀ-୨୦୨୫ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇଛନ୍ତି। ଭାରତୀୟ ଶିଳ୍ପ ମହାସଂଘର ପୂର୍ବ ଭାରତ ସମ୍ମିଳନୀ ପୂର୍ବ ଭାରତର ବିଶାଳ ଆର୍ଥିକ ସମ୍ଭାବନାକୁ ଉନ୍ମୁକ୍ତ କରିବା ଉପରେ କେନ୍ଦ୍ରିତ ଏକ ପ୍ରମୁଖ ପଦକ୍ଷେପ। ଏହି ସମ୍ମିଳନୀରେ ନିବେଶକ ଓ ସରକାରୀ ପ୍ରତିନିଧିମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ରାଜ୍ୟ ଅଧିବେଶନ, ଗୋଲଟେବୁଲ ନୀତି ନିର୍ଦ୍ଧାରଣ ସହ ଆଲୋଚନା କରାଯାଇଛି। ସିଂଦେଓ କହିଛନ୍ତି, ଓଡ଼ିଶାର ଖଣିଜ ସମ୍ପତ୍ତି, ବନ୍ଦର, ରେଳ ଓ ରାସ୍ତା ସଂଯୋଗୀକରଣ, ଜମି, ପ୍ରାକୃତିକ ସମ୍ବଳ ସହିତ ଏକ ନିବେଶଯୋଗ୍ୟ ସ୍ଥାନ। ଓଡ଼ିଶା ସମନ୍ୱିତ ଶିଳ୍ପ ଇକୋସିଷ୍ଟମ, ରପ୍ତାନିମୁଖୀ ଉତ୍ପାଦନ କରିଡର ନିର୍ମାଣ କରୁଛି, ଯାହା ଲଜିଷ୍ଟିକ୍ ଏବଂ ବଜାର ପ୍ରବେଶକୁ ଆହୁରି ସୁଗମ ଓ ସହଜ କରିବ। ଉନ୍ନତ ପ୍ରଯୁକ୍ତିବିଦ୍ୟା, ଗ୍ରୀନ୍ ଫିଲ୍ଡ ପ୍ରୋଜେକ୍ଟ, ବନ୍ଦର-ନେତୃତ୍ୱାଧୀନ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶା ନିବେଶ ଗ୍ରହଣ ପାଇଁ ପ୍ରସ୍ତୁତ। ଆମ ସରକାର ରେକର୍ଡସଂଖ୍ୟକ ୫୬ଟି ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ କରିଛି, ଯାହା ୧.୭୮ ଲକ୍ଷ କୋଟି ନିବେଶକୁ ପ୍ରତିନିଧିତ୍ୱ କରୁଛି ଏବଂ ୧.୧୧ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ନୂତନ ନିବେଶ ସହ ଆହୁରି ଏକ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିବା ଆମର ଲକ୍ଷ୍ୟ ରଖିଛି ବୋଲି ସିଂଦେଓ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଶିଳ୍ପମନ୍ତ୍ରୀ ନୀତିଶ ମିଶ୍ର, ଛତିଶଗଡ଼ ଅର୍ଥମନ୍ତ୍ରୀ ପି. ଚୌଧୁରୀ, ସିଆଇଆଇ ପୂର୍ବକ୍ଷେତ୍ରର ଚେୟାରମ୍ୟାନ୍ ଶାଶ୍ୱତ ଗୋଏଙ୍କା, ସିଆଇଆଇ ପଶ୍ଚିମ କ୍ଷେତ୍ରର ଚେୟାରମ୍ୟାନ୍ ରିଷି କୁମାର ବାଗ୍‌ଲା, ଓଡ଼ିଶାର ଏମ୍ଏସ୍ଏମ୍ଇ ବିଭାଗ କମିଶନର-ତଥା-ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀଙ୍କ ସମେତ ବିହାର, ଛତିଶଗଡ଼, ପଶ୍ଚିମବଙ୍ଗର ପ୍ରଶାସନିକ ଅଧିକାରୀ, ନିବେଶକ, ଶିଳ୍ପପତି ଏବଂ ଉଦ୍ୟୋଗୀ ପ୍ରମୁଖ ଉପସ୍ଥିତ ଥିଲେ।



ସିଆଇଆଇ ପୂର୍ବ ଭାରତ ସମ୍ମିଳନୀରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ଅନ୍ୟମାନେ।

# ପୂର୍ବତନ ଜିଲା ପରିଷଦ ସଦସ୍ୟଙ୍କ ସମେତ ୩ ଗିରଫ


କୁନାଲ ରାଉତ


ଆକାଶ ବେହେରା


ଆଲୋକ ଗୌଡ଼

## ଡମଣାରେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣା

ଭୁବନେଶ୍ୱର,୧୯।୮(ସତ୍ୟଜିତ୍ ରାଉତ)

ଡମଣା ଛକଠାରେ ଚିକେନ ବ୍ୟବସାୟୀ ସୁଦର୍ଶନ ସାହୁଙ୍କୁ ଆକ୍ରମଣ ଘଟଣାରେ ଚନ୍ଦ୍ରଶେଖରପୁର ପୋଲିସ ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଓଲ୍ଡ ଟାଉନରେ ରହୁଥିବା ଗଞ୍ଜାମ ରମ୍ଭା ଅଞ୍ଚଳର ଆକାଶ ବେହେରା (୨୦), ଆଲୋକ ଗୌଡ଼ (୧୮) ଏବଂ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅଞ୍ଚଳର ପୂର୍ବତନ ଜିଲା ପରିଷଦ ସଦସ୍ୟ କୁନାଲ ରାଉତ (୩୮)। ସେମାନଙ୍କ ପାଖରୁ ଆକ୍ରମଣରେ ବ୍ୟବହୃତ ୨ଟି ଲୁହାରଡ୍ ଜବତ କରାଯାଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଖୋଜାଖୋଜି ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ରବିବାର ଦିନ ସମୟରେ କୁନାଲ ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ପଠାଯାଇଥିବା ଗୁଣ୍ଡାମାନେ ସୁଦର୍ଶନ ଏବଂ ଦୋକାନୀ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଦୋକାନ ଖାଲି କରିବା ଲାଗି କହିଥିଲେ। ଦୋକାନ ଖାଲି ନ କଲେ ସେମାନେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ରାତିରେ ସେମାନେ ମାରଣାସ୍ତ୍ର ଧରି ଆସି ଡମଣା ଛକସ୍ଥିତ ଦୋକାନ ନିକଟରେ ପାର୍କିଂ ହୋଇଥିବା କାର୍‌ରେ ସୁଦର୍ଶନ ଓ ଅନ୍ୟମାନେ ଥିବାବେଳେ ଗାଡ଼ି କାଚ ଭାଙ୍ଗି ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଅଭିଯୁକ୍ତମାନେ କେତେଜଣ ନିର୍ଦ୍ଦିଷ୍ଟ ଲୋକଙ୍କ ନାମ ଉଚ୍ଚାରଣ କରିଥିଲେ। ଏହି ଆକ୍ରମଣରେ ସୁଦର୍ଶନଙ୍କ ସମେତ ୪ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସୁଦର୍ଶନଙ୍କ ଭାଇବୋହୂ ମନ୍ଦାକିନୀଙ୍କ ଏତଲାକୁ ଆଧାର କରି ପୋଲିସ ସୋମବାର ଏକ ମାମଲା (ନଂ.୪୮୭/୨୦୨୫) ରୁଜୁକରି ତଦନ୍ତ କରୁଛି।

# ବିଭିନ୍ନ ୱାର୍ଡରେ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୧୯।୮(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଉଚ୍ଛେଦ କାର୍ଯ୍ୟକ୍ରମ ଜାରି ରହିଛି। ଗତ ସପ୍ତାହରେ ବିଏମ୍‌ସି ୩ଟି ଜୋନ୍‌ର ବିଭିନ୍ନ ୱାର୍ଡରେ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ସେଗୁଡିକ ମଧ୍ୟରେ ଡ୍ରେନ କାମ ପାଇଁ କାର୍ଗିଲ ରୋଡ୍, ଭିଏସ୍ଏସ୍ ନଗର, ନିଳାଦ୍ରୀ ବିହାର ବୁଦ୍ଧପାର୍କ, ଧିରକୁଟି ବସ୍ତି, ପାନବରଜ ଫିସେରି ଲେନ୍, ବଡ଼ଗଡ଼ କେନାଲ ରୋଡରେ ଥିବା ଲକ୍ଷ୍ମୀବିହାର ଫେଜ-୧, ଘାଟିକିଆ, କପିଳପ୍ରସାଦଠାରୁ ଜଟଣୀ ରୋଡ, ପଳାଶୁଣି ପ୍ରାଚୀ ବିହାର, ଚିର୍ ଗୋଲାଟୋଲ, କାର୍ଗିଲ ରୋଡସ୍ଥିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପାଖରେ ଥିବା ବସ୍ତି ଆଦିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ସବୁ ଅଞ୍ଚଳରେ ରାସ୍ତା ଓ ଡ୍ରେନ୍‌କୁ ଲୋକେ ଜବରଦଖଲ କରିଥିଲେ। ସମ୍ପୃକ୍ତ ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ସହରର ସୌନ୍ଦର୍ଯ୍ୟକରଣ, ନାଗରିକଙ୍କ ଚଳାଚଳ, ପରିଚ୍ଛନ୍ନତା ଏବଂ ବାସୋପଯୋଗୀ ସୂଚକାଙ୍କକୁ ଆଗକୁ ନେବା ପାଇଁ କିଛି ବେଆଇନ ଦଖଲକୁ ହଟାଇବା ଜରୁରୀ ହୋଇପଡିଛି। ସେହିପରି ସାମୂହିକ ଉନ୍ନତି ପାଇଁ ଆଗାମୀ ଦିନରେ ଜବରଦଖଲ କାର୍ଯ୍ୟ ଜାରି ରହିବ ବୋଲି ବିଏମ୍‌ସି କମିଶନର ଚଞ୍ଚଳ ରାଣା ସୂଚନା ଦେଇଛନ୍ତି।


ସୂଚନାଭବନରେ ମଙ୍ଗଳବାର 'ଭବିଷ୍ୟତ ନିର୍ମାଣର ସୂତ୍ରଧର ଟ୍ରଷ୍ଟ' ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ଅବସରରେ ଆୟୋଜିତ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୯।୮ (ବନ୍ଦନା ସେଠୀ)

ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ ମଙ୍ଗଳବାର ରାଜ୍ୟ ସଂଗ୍ରହାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ 'ଲିପିତତ୍ତ୍ୱ : ଇତିହାସ ରଚନାରେ ଏକ ମୂଳ ଉପାଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପଦ୍ମଶ୍ରୀ ରାଜଗୁରୁଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଲିପିତତ୍ତ୍ୱ ଜଗତରେ ପଦ୍ମଶ୍ରୀ ରାଜଗୁରୁ ଓଡ଼ିଶାର ଜନକ ଭାବେ ପରିଚିତ। ଏଥିସହ ଓଡ଼ିଶାର ଶିଳାଲେଖ ଓ ତାମ୍ରଲେଖ ଉପରେ ପ୍ରକାଶିତ ଅନେକ ପୁସ୍ତକ ରଚନା ଉପରେ ସେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ରାଜଗୁରୁଙ୍କ ରଚିତ ଅଭିଲେଖ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ସୁବ୍ରତ କୁମାର ଆଚାର୍ଯ୍ୟ ରାଜଗୁରୁଙ୍କ ସମ୍ପର୍କରେ ଆଲୋଚନା କରିବା ସହିତ ରାଜଗୁରୁ ଓଡ଼ିଶା ଇତିହାସର ଏକ ଜ୍ୱଳନ୍ତ ନିଦର୍ଶନ ଭାବେ ପରିଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉପନିର୍ଦ୍ଦେଶିକା ଦେବଯାନୀ ଭୂୟାଁ ଯୋଗଦେଇ ରାଜଗୁରୁଙ୍କ ବିଭିନ୍ନ କାର୍ଯ୍ୟ ଏବଂ କୃତି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପରିଚାଳନା କରିଥିଲେ।

# ସେପ୍ଟେମ୍ବରରେ 'ସୁସ୍ଥ ଓଡ଼ିଶା ବିକଶିତ ଓଡ଼ିଶା: ୨୦୩୬-୨୦୪୭' ସମ୍ମିଳନୀ


ଖବରଦାତା ସମ୍ମିଳନୀରେ ବିଶ୍ୱ ଓଡ଼ିଆ ପରିବାରର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୯।୮(ବନ୍ଦନା ସେଠୀ)

ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଓଡ଼ିଶା ଭିଜନ୍‌କୁ ବାସ୍ତବ ରୂପ ଦେବା ନିମନ୍ତେ ସେପ୍ଟେମ୍ବରରେ ଦୁଇଦିନିଆ 'ସୁସ୍ଥ ଓଡ଼ିଶା ବିକଶିତ ଓଡ଼ିଶା: ୨୦୩୬-୨୦୪୭' ସମ୍ମିଳନୀ ଆୟୋଜନ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଅନୁଷ୍ଠାନ ପକ୍ଷରୁ ସଜ୍ଜନ ଶର୍ମା ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଚିକିତ୍ସକ, ମେଡିକାଲ କଲେଜ, ଗବେଷଣାରତ ଅନୁଷ୍ଠାନ, ପାରା ମେଡିକାଲ ଶିକ୍ଷା ସଂସ୍ଥା, ସରକାରୀ ଓ ଘରୋଇ ହସ୍‌ପିଟାଲ, ଫାର୍ମା କମ୍ପାନୀ, ସର୍ଜିକାଲ ଓ ମେଡିକୋ ଉପକରଣ କମ୍ପାନୀ, ନିଦାନ ସଂସ୍ଥା, ସ୍ୱାସ୍ଥ୍ୟବୀମା କମ୍ପାନୀ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଫ୍ଟୱେର କମ୍ପାନୀମାନେ ଅଂଶୀଦାର ଭାବେ ସାମିଲ ହୋଇ ମତାମତ ରଖିବେ ବୋଲି ସୂଚନା ଦିଆଯାଇଛି।

## ଗଣେଶ ପୂଜା ପ୍ରସ୍ତୁତି ବୈଠକ

# ମୂର୍ତ୍ତି କଦର୍ଯ୍ୟ ନ କରିବାକୁ ନିଷ୍ପତ୍ତି

ବାରଙ୍ଗ,୧୯।୮(ଲିଙ୍ଗରାଜ ରାଉତ)

ଆସନ୍ତା ୨୭ରେ ଗଣେଶ ପୂଜା ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ବାରଙ୍ଗ ପୋଲିସ ପକ୍ଷରୁ ତ୍ରିଶୂଳିଆ ବଜାର ନିକଟ ଏକ ଘରୋଇ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭସାଣିକୁ ସମ୍ପୂର୍ଣ୍ଣ ଭାବେ ଡିଜେମୁକ୍ତ, ନିଶାମୁକ୍ତ ଓ ଗଣେଶ ମୂର୍ତ୍ତିଗୁଡ଼ିକୁ କଦର୍ଯ୍ୟ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୋଲିସ ଓ ବାରଙ୍ଗ ଶାନ୍ତି କମିଟିର ମିଳିତ ଉଦ୍ୟମରେ ଆୟୋଜିତ ବୈଠକରେ ବାରଙ୍ଗ ଅଞ୍ଚଳର ସମସ୍ତ ପୂଜା କମିଟିର ସଦସ୍ୟ ଯୋଗଦେଇଥିଲେ। ପୂଜା ଓ ଭସାଣିକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନେଇ କମିଶନରେଟ୍ ପୋଲିସ ପକ୍ଷରୁ ବିଭିନ୍ନ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିସହ ଭସାଣି ଉତ୍ସବକୁ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ପୂଜା ପରଠାରୁ ପଡୁଥିବା ୩ଟି ରବିବାର ମଧ୍ୟରେ ମୂର୍ତ୍ତିଗୁଡ଼ିକ ବିସର୍ଜନ କରିବା ପାଇଁ ସ୍ଥିର କରାଯାଇଛି। ପୂଜାମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୋଲିସଠାରୁ ଅନୁମତି ନେବାକୁ ଅନୁରୋଧ କରାଯାଇଛି। ସେହିପରି ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତିଗୁଡ଼ିକ ବିସର୍ଜନ କରିବାକୁ କୁହାଯାଇଛି। ଶାନ୍ତି କମିଟି ସମ୍ପାଦକ ସୁରେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟି ସଭାପତି ବିଜୟ ପଣ୍ଡା, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ସଂଗ୍ରାମ କେଶରୀ ମହାପାତ୍ର, ଜୋନ୍ ଏସିପି ଶଶିକାନ୍ତ ରାଉତ, ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ, ରବିନାରାୟଣ ପରିଡ଼ା, ସଞ୍ଜୟ କୁମାର ହାଂସଦା, ଜ୍ୟୋତ୍ସ୍ନା ପଟ୍ଟନାୟକ, ଅଶୋକ କୁମାର ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଏସ୍ଆଇ ରବିନାରାୟଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

# 'ଫଟୋଗ୍ରାଫି ଏକ ସୁନ୍ଦର କଳା'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଭୁବନେଶ୍ୱର, ୧୯।୮(ବନ୍ଦନା ସେଠୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ଅବସରରେ ବ୍ୟାବହାରିକ କଳା ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କୁଳସଚିବ ଅନାମିକା ଅଧିକାରୀଙ୍କ ସଭାପତିତ୍ୱରେ 'ଫଟୋଗ୍ରାଫିରେ ଐତିହ୍ୟ ଓ ମନ୍ଦିର ସ୍ଥାପତ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଫଟୋଗ୍ରାଫି କଳାର ବିକାଶ ନିମନ୍ତେ ସମସାମୟିକ ଯୁବପିଢ଼ି ନିୟମିତ ପ୍ରୟାସ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ। ଫଟୋଗ୍ରାଫି ଗବେଷକ ତଥା ଶିକ୍ଷାବିତ୍ ଦାମୋଦର ଦାଶ ସମ୍ମାନିତ ବକ୍ତାଭାବେ ଯୋଗଦେଇ ଫଟୋଗ୍ରାଫିକୁ ଏକ ସୁନ୍ଦର କଳା ଭାବେ ଅଭିହିତ କରିବା ସହ ଏ ସଂକ୍ରାନ୍ତ କଳା ଓ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଫଟୋ ସାମ୍ବାଦିକ ପ୍ରୀତମ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଗଣମାଧ୍ୟମରେ ଫଟୋଗ୍ରାଫିର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଯୋଗଦେଇ ଫଟୋଗ୍ରାଫିର ବିକଶିତ ଓ ପରିବର୍ତ୍ତନର ଦିଗ ବିଷୟରେ ବକ୍ତବ୍ୟ ରଖିଥିଲେ। ଫଟୋ ପ୍ରଦର୍ଶନୀରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର କୁମାରୀ ଦୀପଶିଖା ରଣା ଓ ଦିବ୍ୟଜ୍ୟୋତି ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ।

# ସ୍ୱତନ୍ତ୍ର ମୁହୂର୍ତ୍ତକୁ କାହାଣୀରେ ପରିଣତ କରେ ଫଟୋଗ୍ରାଫି

ଭୁବନେଶ୍ୱର,୧୯।୮(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଫଟୋଗ୍ରାଫି କ୍ଲବ ପକ୍ଷରୁ କୁନ୍ତଳା କୁମାରୀ ସାବତ ପାଠାଗାରରେ ମଙ୍ଗଳବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଫଟୋଗ୍ରାଫି ଏକ ଶକ୍ତିଶାଳୀ ମାଧ୍ୟମ, ଯାହା ସ୍ୱତନ୍ତ୍ର ମୁହୂର୍ତ୍ତକୁ କଏଦ୍ କରି କାହାଣୀରେ ପରିଣତ କରିଥାଏ। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଡ. ଅମ୍ବିକା ଶଙ୍କର ମିଶ୍ର ଏବଂ ପ୍ରଫେସର ନରସିଂହ ମାଝୀ, ଉଦ୍ଭିଦ ବିଜ୍ଞାନର ଡ. ରେବତୀ ମହାରଣା, କମ୍ପ୍ୟୁଟର ବିଜ୍ଞାନର ପ୍ରଫେସର ବିବୁଧେନ୍ଦୁ ପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ ସମେତ ଅନ୍ୟ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ଭେରାଇଟି ଷ୍ଟୋର ଜଳିଗଲା

ତ୍ରିଶୂଳିଆ, ୧୯।୮(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ନରାଜ ମଝିସାହି ଗ୍ରାମର ରଶ୍ମିତା ନାୟକଙ୍କ ଭେରାଇଟି ଷ୍ଟୋର ଅଗ୍ନିକାଣ୍ଡରେ ଜଳିଯାଇଛି। ଏଥିରେ ଥିବା ଚପଲ, ଟେସନେରି, ବିସ୍କୁଟ, ଫ୍ୟାନ୍, ବଲ୍‌ବ ସମେତ ପ୍ରାୟ ୫୦ ହଜାର ଟଙ୍କା ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୋମବାର ରାତିରେ ରଶ୍ମିତା ଦୋକାନ ବନ୍ଦ କରି ଯାଇଥିଲେ। ମଙ୍ଗଳବାର ସକାଳେ ଦୋକାନରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ରଶ୍ମିତାଙ୍କୁ ଜଣାଇଥିଲେ। ରଶ୍ମିତା ପହଞ୍ଚି ଦୋକାନ ଖୋଲିବା ପରେ ଭିତରେ ସାମଗ୍ରୀ ଜଳୁଥିବା ଦେଖିବାକୁ ପାଇଥିଲେ। ଯୁବ ସାମାଜିକ କର୍ମୀ ସୁରେଶ ଶତପଥୀ ଓ ସ୍ଥାନୀୟ ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।



ଜୟଦେବ ଭବନରେ ମଙ୍ଗଳବାର ସାରସ୍ୱତ ସମାଜ ଓଡ଼ିଶାର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ବିଏମ୍‌ସି ପକ୍ଷରୁ ପାତ୍ରପଡ଼ା ଅଞ୍ଚଳରେ ଚାରାରୋପଣ

ଭୁବନେଶ୍ୱର, ୧୯।୮ (ବନ୍ଦନା ସେଠୀ)

ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର ଏବଂ ସ୍ୱାସ୍ଥ୍ୟକର ସହରରେ ପରିଣତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପାତ୍ରପଡ଼ା ଅଞ୍ଚଳରେ ଚାରାରୋପଣ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ପାତ୍ରପଡା ଅନ୍ତର୍ଗତ ମହାରାଜା ଖେଳପଡ଼ିଆ ନିକଟରେ ବିଭିନ୍ନ ପ୍ରଜାତିର ଶତାଧିକ ଚାରାରୋପଣ କରାଯାଇଛି। ମେୟର ସୁଲୋଚନା ଦାସ ଏହାକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ 'ମା ପାଇଁ ଗଛଟିଏ'ର ଅଂଶସ୍ୱରୂପ ନିଜ ମାଆଙ୍କ ନାମରେ ଚାରାରୋପଣ କରିବାକୁ ନିବେଦନ କରିଥିଲେ। ସେହିପରି ଭୁବନେଶ୍ୱରକୁ ସବୁଜ, ସୁନ୍ଦର ଓ ସ୍ୱାସ୍ଥ୍ୟକର ସହରରେ ପରିଣତ କରିବା ଲାଗି ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ନାଗରିକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ସେମାନଙ୍କ ଆଖପାଖରେ ଥିବା ପଡ଼ିଆ ଜମିରେ ଚାରାରୋପଣ କରିବାକୁ ମେୟର ଅନୁରୋଧ କରିଥିଲେ। ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ସିଟି ଡିଏଫ୍ଓ ବିଶ୍ୱରାଜ ପଣ୍ଡା, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଢ଼ଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଗତବର୍ଷ ବିଏମ୍‌ସି ସେହି ସ୍ଥାନରେ ଫଳଗଛ, ଔଷଧୀୟ, ସୌନ୍ଦର୍ଯ୍ୟ ଏବଂ ଚିରହରିତ୍ ପ୍ରଜାତିର ୮୦୦୦ ଚାରା ରୋପଣ କରିଥିବାବେଳେ ଏଥର ୩୦୦୦ରୁ ଅଧିକ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛି।


ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

# ୱାର୍ଡେନମାନେ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାର ଆତ୍ମା

ଭୁବନେଶ୍ୱର,୧୯।୮(ସୁଚିସ୍ମିତା ସାହୁ)

ନ୍ୟାଶନାଲ ଏଜୁକେଶନ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟସ୍ ଏବଂ ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି ସହଯୋଗରେ ଓଡ଼ିଶାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରାବାସ ୱାର୍ଡେନଙ୍କ ପାଇଁ ଚାରିଦିନିଆ ଦକ୍ଷତା ବିକାଶ କର୍ମଶାଳା ମଙ୍ଗଳବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ମାନସୀ ଗୋସ୍ୱାମୀ ଉଦ୍‌ଘାଟନ କରି କହିଛନ୍ତି, ୱାର୍ଡେନମାନେ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାର ଆତ୍ମା। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ପରିଚାଳନା, ଶୃଙ୍ଖଳା ଓ ମଙ୍ଗଳ ସୁନିଶ୍ଚିତ କରିବାରେ ୱାର୍ଡେନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଛନ୍ତି।


କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଏହି ଅବସରରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟିର ଭାରପ୍ରାପ୍ତ ଅଧିକାରୀ ପ୍ରଣତି ପାତ୍ର ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରିଥିଲେ। ସେ ଛାତ୍ରାବାସରେ ପିଲାଙ୍କ ଭାବପ୍ରବଣତା ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନଙ୍କ ଶୈକ୍ଷିକ ଓ ବ୍ୟକ୍ତିଗତ ବିକାଶର ଏହା ଏକ ଅବିଚ୍ଛେଦ୍ୟ ଉପାଦାନ ବୋଲି ସେ କହିଥିଲେ। କର୍ମଶାଳାକୁ ବି. କେ. ମହାନ୍ତି ପରିଚାଳନା କରି କହିଥିଲେ ଯେ, ୱାର୍ଡେନ୍‌ଙ୍କ ବୃତ୍ତିଗତ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଏହି କର୍ମଶାଳା ଆୟୋଜନ କରାଯାଇଛି, ଯାହା ଆବାସିକ ବିଦ୍ୟାଳୟରେ ଜନଜାତି ଛାତ୍ରୀଛାତ୍ରଙ୍କ ବିକାଶ ଦିଗରେ ଅଧିକ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ୬୦ ଜଣ ଛାତ୍ରାବାସ ୱାର୍ଡେନ୍ ଯୋଗଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୮।୨୦୨୫

| | |
|---|---|
| ୪,୪୨,୫୮୯ ଟଙ୍କା | |
| ସୁନା | ୧୩୦ ମିଲିଗ୍ରାମ୍ |
| ରୁପା | ୧୧୫.୧୮୦ ଗ୍ରାମ୍ |

# ଶ୍ରୀମନ୍ଦିରରେ କାଳୀୟଦଳନ ବେଶ, ଧେନୁକାସୁର ବଧ ନୀତି

ପୁରୀ,୧୯।୮ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥି ମଙ୍ଗଳବାର ଶ୍ରୀମନ୍ଦିରରେ ରତ୍ନସିଂହାସନ ଉପରେ ଶ୍ରୀବିଗ୍ରହଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିର ନିକଟସ୍ଥ ମାର୍କଣ୍ଡେୟ ପୁଷ୍କରିଣୀ କୂଳରେ କାଳୀୟଦଳନ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଯମୁନା ନଦୀରେ କୃଷ୍ଣରୂପରେ କାଳୀୟ ସର୍ପର ଗର୍ବ ଖଣ୍ଡନ କରି ଗୋପପୁରକୁ ରକ୍ଷା କରିଥିବାରୁ ତାହାର ସ୍ମାରକ ରୂପେ ଏହି ବେଶ ଓ ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ଚଳନ୍ତି ପ୍ରତିମା ମଦନମୋହନ ଓ ରାମକୃଷ୍ଣ ଭିତରକୁ ବିଜେ କରିଥିଲେ। ସେଠାରୁ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ମଦନମୋହନ ଓ ରାମକୃଷ୍ଣଙ୍କୁ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିଙ୍କୁ ବିଜେ କରାଇଥିଲେ। ଠାକୁରଦ୍ୱୟ ସେବକଙ୍କ ଗହଣରେ ଦକ୍ଷିଣ ଦ୍ୱାରଦେଇ ନଗର ପରିକ୍ରମା କରି ଲୋକନାଥ ରୋଡ଼ ନିକଟ ଭିତର ସେବାୟତ ନିଯୋଗ ନିକଟରେ ପହଞ୍ଚିଥିଲେ। ସେଠାରେ ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଲବଣୀଖିଆ ମଣ୍ଡପରେ ବିଜେ କରାଯାଇଥିଲା। ସେଠାରେ ଭିତରଚ୍ଛ ସେବକ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ଶୀତଳ ଭୋଗ ମଣୋହି କରିଥିଲେ। ଭୋଗଲାଗି ହେବା ପରେ ବନ୍ଦାପନା ଅନୁଷ୍ଠିତ ହୋଇ କାଳୀୟଦଳନ ନୀତି ନିମନ୍ତେ ମଦନମୋହନ ଓ ରାମକୃଷ୍ଣ ମାର୍କଣ୍ଡପୋଖରୀ ପାଖକୁ ବିଜେ କରିଥିଲେ।



କାଳୀୟ ଦଳନ ନୀତି ପାଇଁ ଗରୁଡ଼ ନୀତି ସମ୍ପନ୍ନ କରୁଛନ୍ତି।

ସେଠାରେ କାଳୀୟଦଳନ ନୀତି ସମ୍ପନ୍ନ ହୋଇଥିଲା।

ସରୋବରସ୍ଥିତ ଦୀପଦାଣ୍ଡି ମୁଣ୍ଡରେ ରୂପକାରଙ୍କ ଦ୍ୱାରା କାଷ୍ଠନିର୍ମିତ ଏକ କାଳୀୟନାଗକୁ ସଜ୍ଜିତ କରି ରଖାଯାଇଥିଲା। ସେହି କାଳୀୟଦଳନ କରିବା ପାଇଁ ଜଣେ ସେବାୟତ କୃଷ୍ଣବେଶରେ ଓ ଅନ୍ୟଜଣେ ଗରୁଡ଼ ବେଶରେ ପ୍ରସ୍ତୁତ ହୋଇ ନୀତି ଆରମ୍ଭ ହୋଇଥିଲା। ଭାଗବତ ବର୍ଣ୍ଣିତ ଅନୁଯାୟୀ କାଳୀୟଦଳନର ମଧ୍ୟକାଳେ କାଳୀୟ ଦ୍ୱାରା କବଳିତ ହୋଇ ଶ୍ରୀକୃଷ୍ଣ ଗରୁଡ଼ଙ୍କୁ ସ୍ମରଣ କରିଥାନ୍ତି। ଗରୁଡ଼ ବେଶରେ ଥିବା ବ୍ୟକ୍ତି ଜଣକ ଆବିର୍ଭାବ ହୋଇ ଶ୍ରୀକୃଷ୍ଣଙ୍କୁ କାଳୀୟର ବନ୍ଧନରୁ ମୁକ୍ତ କରିବା ସହ ବିଷମୁକ୍ତ ହେବା ନିମନ୍ତେ ତାଙ୍କ ପାଟିରେ ଅମୃତ ଲଡୁ ଦେଇଥାନ୍ତି। ଏହି ନୀତି ସମ୍ପନ୍ନ ହେବା ପରେ ଠାକୁର ପଞ୍ଚ ଉପଚାରରେ ଶୀତଳ ଭୋଗ ମହୋଣି ହୋଇ ବନ୍ଦାପନା ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁ କାଳୀୟଦଳନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ସମ୍ପନ୍ନ ହେବା ପରେ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୋଇ ବେଶ ଆରମ୍ଭ ହୋଇଥିଲା। ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ୭ଟି ଫଣାଥିବା ଗୋଟିଏ କଳାନାଗ ଉପରେ ନୃତ୍ୟ କରୁଥିବା ପରି ପ୍ରଦର୍ଶିତ କରାଯାଇଥିଲା। କାଳୀୟ ନାଗଟିକୁ ରୂପକାରମାନେ ବେତ, କଳାକନା ଓ ସୂତାରେ ଦରଜିମାନଙ୍କ ସହାୟତାରେ ନିର୍ମାଣ କରିଥିଲେ। ଏହି ବେଶ ପାଇଁ ଜଗନ୍ନାଥ ଓ ବଳଭଦ୍ରଙ୍କ ବିଗ୍ରହରେ କାଷ୍ଠ ନିର୍ମିତ ହସ୍ତ ପଦଯୁକ୍ତ କରାଯାଉଥିବା ବେଳେ ସୁଭଦ୍ରାଙ୍କ ବିଗ୍ରହରେ ବିଶେଷ କିଛି ପରିବର୍ତ୍ତନ କରାଯାଇ ନ ଥିଲା। ବଳଭଦ୍ର ହସ୍ତଦ୍ୱୟରେ ହଳ ଓ ମୁଷଳ ଧାରଣ କରିଥିବା ବେଳେ ତାଙ୍କ ସମ୍ମୁଖରେ କାଷ୍ଠନିର୍ମିତ ଗାଈ ଓ ବାଛୁରୀ ରହିଥିଲେ। ସେହିପରି ଶ୍ରୀଜଗନ୍ନାଥଙ୍କ ପାଦ କାଳୀୟର ମସ୍ତକ ଉପରେ ଥିବାବେଳେ ବାମହାତରେ କାଳୀୟର ଲାଞ୍ଜ ଓ ସୋଲ ନିର୍ମିତ ଶିଙ୍ଗା ଧରିଥିଲେ। ଅନ୍ୟହାତରେ ସୋଲ ନିର୍ମିତ ପ୍ରସ୍ଫୁଟିତ ପଦ୍ମ ଫୁଲଟିଏ ଧରିଥିଲେ। କାଳୀୟଦଳନ କରୁଥିବା ଜଗନ୍ନାଥଙ୍କ ଦୁଇପାର୍ଶ୍ୱରେ କାଷ୍ଠନିର୍ମିତ ଦୁଇଟି ନାଗୁଣୀ ମୂର୍ତ୍ତି ପ୍ରାର୍ଥନା କରୁଥିବା ଭଙ୍ଗୀରେ ରହିଥିଲେ। ସେହିପରି କୃଷ୍ଣଲୀଳା କ୍ରମରେ ସୁଆରସାହି ପକ୍ଷରୁ ଧେନୁକା ଅସୁରବଧ ନୀତି ଆଗତ ହୋଇଥିଲା। ଜଣେ ବ୍ୟକ୍ତି ଧେନୁକା ଅସୁର ବେଶରେ ନଗର ପରିକ୍ରମା କରି ଶ୍ରୀମନ୍ଦିର ଯାଇଥିଲେ। ପରେ ଧେନୁକାସୁର ବଧ ନୀତି ସମ୍ପନ୍ନ ହୋଇଥିଲା।

### ଆଜି ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ବେଶ



ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଅପେକ୍ଷାରେ ସୁସଜ୍ଜିତ ଓଟମାନେ ।

## ସଂକ୍ଷେପରେ

### ମାର୍‌ପିଟ ଘଟଣାରେ ୩ ଗିରଫ
#### ୧୦ଜଣଙ୍କ ବିରୋଧରେ ମାମଲା ରୁଜୁ

ନିମାପଡ଼ା,୧୯।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଅରିକ୍ଷଣ୍ଡ ଗ୍ରାମରେ ଜାଗାବାଡି ବିବାଦକୁ କେନ୍ଦ୍ରକରି ସୋମବାର ଦୁଇ ପରିବାର ମଧ୍ୟରେ ମାର୍‌ପିଟ, ଗଣ୍ଡଗୋଳ, ରକ୍ତାକ୍ତ ସଂଘର୍ଷ ସୃଷ୍ଟି ହୋଇଥିଲା। ଏହି ସଂଘର୍ଷରେ ଉଭୟ ପରିବାରର ସଦାଶିବ ବିଶ୍ୱାଳ, ଶଙ୍କର ବିଶ୍ୱାଳ, ବାଲୁଙ୍କି ବିଶ୍ୱାଳ, ଡମ୍ବରୁ ବିଶ୍ୱାଳ ପ୍ରମୁଖ ୪ଜଣ ଗୁରୁତର ହୋଇ ନିମାପଡ଼ା ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଏହି ମାର୍‌ପିଟ ଘଟଣାରେ ପୋଲିସ ମଙ୍ଗଳବାର ଉଭୟ ପରିବାରର ବାଲୁଙ୍କି ବିଶ୍ୱାଳ, ସଦାଶିବ ବିଶ୍ୱାଳ, ଶଙ୍କର ବିଶ୍ୱାଳ ପ୍ରମୁଖ ଗଣ୍ଡଗୋଳକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଗୋଟିଏ ପରିବାରର ସଂଯୁକ୍ତା ବିଶ୍ୱାଳ ଗଣ୍ଡଗୋଳକାରୀ ସଦାଶିବ ବିଶ୍ୱାଳ, ବିଷ୍ଣୁମୋହନ ବିଶ୍ୱାଳ, ସୁମିତ୍ରା ବିଶ୍ୱାଳ, ଜାନକୀ ବିଶ୍ୱାଳ ପ୍ରମୁଖ ୪ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ବେଳେ ଅନ୍ୟ ପରିବାରର ଜାନକୀ ବିଶ୍ୱାଳ ଗଣ୍ଡଗୋଳକାରୀ ଡମ୍ବରୁ ବିଶ୍ୱାଳ, ବାଲୁଙ୍କି ବିଶ୍ୱାଳ, ସଂଯୁକ୍ତା ବିଶ୍ୱାଳ, ଟିକିନା ଭଟ, ଚୁଳିଆ ଭଟ, କଣ୍ଢେଇ ଆଦି ୬ ଜଣଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ୧୦ଜଣଙ୍କ ବିରୋଧରେ କେସ୍ ନଂ. ୨୬୨/୨୫, ୨୬୩/୨୫ରେ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏସ୍‌ଆଇ ଦିଲୀପ କୁମାର ପଣ୍ଡା ଏହି ସଙ୍ଗିନ ମାମଲାର ତଦନ୍ତ କରୁଛନ୍ତି।

# ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଅସ୍ତରଙ୍ଗ,୧୯।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପଶ୍ଚିମ କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ପବନର ବେଗ ମଧ୍ୟ ଅଧିକ ରହିବ। ଏଥିପାଇଁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ସମୁଦ୍ର ଯିବାକୁ ବାରଣ କରାଯାଇଛି। ଏହା ସହ ଯେଉଁମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି, ସେମାନେ ତୁରନ୍ତ ଫେରିଆସିବା ପାଇଁ ମଧ୍ୟ ସାଗର ମିତ୍ରମାନେ ସଚେତନ କରିଛନ୍ତି। ସମୁଦ୍ରକୁ ଯିବା ପାଇଁ ବାରଣ ରହିଥିବାରୁ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ବିଶେଷ ପ୍ରଭାବ ପଡ଼ିଛି। ସେମାନେ ସମୁଦ୍ର ଭିତରକୁ ମାଛ ମାରିବା ପାଇଁ ଯାଇପାରୁନାହାନ୍ତି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୨୨ଖଣ୍ଡ ମତ୍ସ୍ୟଜୀବୀ ଗାଁ ରହିଛି। ନଗର, କାଳିଆକଣ, ବାଲିଡିଆ, ନୂଆ କାଳିଆକଣ, ବାଲିପନ୍ତାଳ, ଦକ୍ଷିଣ ପନ୍ତାଳ, ବିରୁଡ଼ିପନ୍ତାଳ, ଆଳସାହି, ପାଟସୁନ୍ଦରପୁର, ନୂଆଗଡ଼, ମଧୁପୁର, ବିଲୁଆମଣ୍ଡୁଳି, ଝାଡ଼ଲିଙ୍ଗ, ଛୁରିଆନା, ଗୁଣ୍ଡଲବା, ଅଣକଣା, ଡାଲୁଅକଣି, ବଳଭଦ୍ରପୁର, ସୁନ୍ଦିକେଶର, କୁସୁମ୍ବର, ଆଇସିଣିଆ ଓ ସହନ ଆଦି ଅଞ୍ଚଳର ମତ୍ସ୍ୟଜୀବୀମାନେ ସମୁଦ୍ର ଅଶାନ୍ତ ହେବା ଯୋଗୁ ସମୁଦ୍ରକୁ ମାଛ ମାରିବା ପାଇଁ ବାରଣ କରାଯାଇଛି। ଏ ନେଇ ନୂଆଗଡ଼ ସମେତ ବିଭିନ୍ନ ଗାଁ ଓ ସମୁଦ୍ରକୂଳରେ ସାଗର ମିତ୍ରମାନେ ମତ୍ସ୍ୟଜୀବୀମାନଙ୍କୁ ସଚେତନ କରିଛନ୍ତି। ଅନ୍ୟପଟେ ଏହାର ପ୍ରଭାବ ସିଧାସଳଖ ମତ୍ସ୍ୟଜୀବୀମାନଙ୍କ ଉପରେ ପଡୁଛି। ମାଛ ଧରି ଆଣି ବିକ୍ରି କଲେ ସେମାନଙ୍କ ପରିବାର ଚଳେ। ତେଣୁ ସରକାର ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

### ଲଘୁଚାପ ପାଇଁ ସମୁଦ୍ର ଅଶାନ୍ତ

# ଠିକ୍ ଆଧାରକାର୍ଡ ସମସ୍ତଙ୍କ ପାଇଁ ଜରୁରୀ

ପୁରୀ,୧୯।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ମଙ୍ଗଳବାର ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ବର୍ତ୍ତମାନ ସମସ୍ତ କାର୍ଯ୍ୟରେ ଆଧାରର ବ୍ୟାପକ ବ୍ୟବହାର ହେଉଥିବାରୁ ଏକ ସଠିକ୍ ଓ ନିର୍ଭୁଲ୍ ଆଧାରକାର୍ଡ ସମସ୍ତଙ୍କ ପାଇଁ ଜରୁରୀ। ତେଣୁ ଜନ୍ମଠାରୁ ସମସ୍ତ ବ୍ୟକ୍ତିଙ୍କ ଆଧାରକାର୍ଡ ପ୍ରସ୍ତୁତି ସମୟରେ ସତର୍କତା ଅବଲମ୍ବନ କରିବା ଓ ସମସ୍ତେ ଆଧାର କାର୍ଡ କରିବାକୁ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ସ୍ୱତନ୍ତ୍ର କ୍ୟାମ୍ପ ଓ ବ୍ୟାପକ ସଚେତନତା ମାଧ୍ୟମରେ ଯେଉଁ ବ୍ୟକ୍ତି ବା ଶିଶୁମାନଙ୍କର ଆଧାର ହୋଇନାହିଁ, ତାହା ଶେଷ କରିବାକୁ ସମ୍ପୃକ୍ତ ଏଜେନ୍ସିଗୁଡ଼ିକୁ ପରାମର୍ଶ ଦେଇଥିଲେ। ସାଧାରଣତଃ ଜନ୍ମ ପରେ ପରେ ଆଧାର ହେବା ଜରୁରୀ ହୋଇଥାଏ। ତେଣୁ ଜନ୍ମରୁ ୫ବର୍ଷର ଶିଶୁ, ୫ରୁ ୭ ବର୍ଷ ବୟସର ଶିଶୁମାନଙ୍କ କ୍ଷେତ୍ରରେ ମାତାପିତା, ଅଭିଭାବକ, ଅଙ୍ଗନୱାଡି କର୍ମୀ ଓ ଶିକ୍ଷା ବିଭାଗ ଏହାକୁ ଗୁରୁତ୍ୱ ଦେଇ ଆଧାର କରାଇନେବାର ଆବଶ୍ୟକତା ରହିଛି। ୧୦ ବର୍ଷ ପରେ ବାୟୋମେଟ୍ରିକ୍ସ ଅପଡେଟ୍ କରିବା ଦ୍ୱାରା ଆଧାର ଡାଟାବେସ୍ ସବୁବେଳେ ସତେଜ ଓ ସଠିକ୍ ତଥ୍ୟ ରହିବାକୁ ସୁନିଶ୍ଚିତ କରେ। ପ୍ରତି ୧୦ ବର୍ଷରେ ଅପଡେଟ୍ କରିବା ଫଳରେ ଭୁଲ୍ ରିଜେକ୍ସନ୍ କମିଥାଏ ଏବଂ ସେବା ପ୍ରଦାନ ଅଧିକ ସମସ୍ୟାହୀନ ହୋଇଥାଏ ବୋଲି ୟୁଆଇଡିଏଆଇ ରାଜ୍ୟ କାର୍ଯ୍ୟାଳୟର ପ୍ରତିନିଧି ସହାୟକ ପ୍ରବନ୍ଧକ ଆଦର୍ଶ ପଟ୍ଟନାୟକ ଅବଗତ କରାଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ, ଜିଲା ଇ-ଗଭର୍ନାନ୍ସ ମ୍ୟାନେଜର ପୀୟୂଷ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆଧାର ମନିଟରିଂ କମିଟି ବୈଠକ

## ୫୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୧୯।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିବାରେ ଲାଗିଛି। ମଙ୍ଗଳବାର ଖୋର୍ଦ୍ଧା ଅବକାରୀ ୟୁନିଟ ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ବଜାରରୁ ୫୩ଗ୍ରାମ ବ୍ରାଉନ୍‌ସୁଗାର ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେହେଲେ ଆଦର୍ଶ ଥାନା ଗୁରୁଜଙ୍ଗ ଟାଙ୍ଗି ସାହିର ଅଜୟ ସୁନ୍ଦରା(୩୮)। ଏସଂକ୍ରାନ୍ତରେ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇ ଅଜୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ବାର୍‌ହା ଫସଲ ଖାଉଥିବା ନେଇ ଜଙ୍ଗଲ ବିଭାଗର ପରିଦର୍ଶନ

ବଲଙ୍ଗା,୧୯।୮ (କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା କାଶିଆ ଗ୍ରାମରେ ବାର୍‌ହା ପଲ ଫସଲ ନଷ୍ଟ କରୁଥିବା ନେଇ ଗ୍ରାମବାସୀ ଜଙ୍ଗଲ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ସୋମବାର ବିଳମ୍ବିତ ରାତିରେ କାଶିଆ ଗ୍ରାମରେ ଥିବା ଜଙ୍ଗଲବୁଦା ଭିତରେ ଦିନରେ ଲୁଚି ରହିଥିବା ବେଳେ ରାତି ହେଲାମାନେ ବାହାରି ନିକଟରେ ଥିବା ନଡ଼ିଆ ଗଛ ନଷ୍ଟ କରିବା ସହିତ ଧାନ ଲାଗିଥିବା ଜମିର ହିଡ଼ ଖୋଳି ଦେଉଛନ୍ତି। ରେସିଙ୍ଗା, କାଶିଆ, ଧନୁଆ, ବାଲିପଦା ଅଞ୍ଚଳରେ ବାର୍‌ହା ବୁଲୁଥିବା ନେଇ ସ୍ଥାନୀୟ ଲୋକମାନେ ଦେଖିଥିବା ବେଳେ ଚିନ୍ତା ପ୍ରକଟ କରିଛନ୍ତି। ଚଳିତବର୍ଷ ଫସଲ କେମିତି ସୁରକ୍ଷିତ ରହିବ ଜଙ୍ଗଲ ବିଭାଗକୁ ଜଣାଇବାରେ ମଙ୍ଗଳବାର ଅପରାହ୍ନରେ ପୁରୀ ଜିଲା ଗୋପ ବନଖଣ୍ଡ କାର୍ଯ୍ୟାଳୟ ତରଫରୁ ବନବିଭାଗ କର୍ମଚାରୀ ବଳଭଦ୍ର ନାୟକ, ଗୀତାଞ୍ଜଳି ବେହେରା, ସନ୍ତୋଷ କୁମାର ଜେନା, ରୁଦ୍ରନାରାୟଣ ବେହେରା ଘଟଣାସ୍ଥଳରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିବା ସହିତ ପାଦଚିହ୍ନ ଦେଖିବା ପରେ ଏହା ବଣୁଆ ଘୁଷୁରି ବୋଲି ପ୍ରକାଶ କରିଛନ୍ତି।

# କାଳୀୟଦଳନ ବେଶରେ ଦର୍ଶନ ଦେଲେ ଶ୍ରୀସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୧୯।୮ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ପରମ୍ପରାକ୍ରମେ ଠାକୁରଙ୍କ କାଳୀୟଦଳନ ପର୍ବ ଓ ଦେବନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀସାକ୍ଷୀଗୋପାଳ ଠାକୁର କାଳୀୟଦଳନ ବେଶରେ ସଜ୍ଜିତ ହୋଇଥିଲେ। ଠାକୁରଙ୍କ ଛନ୍ଦାଚରଣ ଓ ଶ୍ରୀଭୁଜକୁ ଲୁଚାଇ ସୋଲରେ ତିଆରି ଖଞ୍ଜା ଶ୍ରୀପୟର, ଚତୁର୍ଭୁଜ ଖଞ୍ଜା ଯାଇଥିଲା। ଦର୍ଜି ଓ ମଣ୍ଡଣି ସୁଆଁସିଆ ସେବକ ପ୍ରସ୍ତୁତ କରିଥିବା କାଳୀୟନାଗ ଠାକୁରଙ୍କ ଚତୁଃପାର୍ଶ୍ୱରେ ଲଗାଯାଇଥିବା ବେଳେ ସପ୍ତଫେଣି ନାଗ ଉପରେ ଠାକୁର ଦଣ୍ଡାୟମାନ ହୋଇ ଗୋଟିଏ ହାତରେ ସର୍ପର ଲାଞ୍ଜ ଧରିଥିବା ଦେଖିବାକୁ ମିଳିଥିଲା।

ଗୋଧନ ବାହୁଡ଼ା ଭୋଗପରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନମୋହନ ଓ ଲବଣିଚୋରା ଠାକୁର ବିମାନରେ ରଙ୍ଗଣିସାହିସ୍ଥିତ ଲବଣିଖିଆ ମଣ୍ଡପକୁ ବିଜେ କରିଥିଲେ। ମହାଭୋଇ କୁଳର କୁଳବଧୂମାନେ ଠାକୁରଙ୍କୁ ବନ୍ଦାପନା କରିଥିଲେ। ଏହି ବିଧି ସମ୍ପନ୍ନ ପରେ ଠାକୁର ବିମାନ ଯୋଗେ ରାଧାକୁଣ୍ଡକୁ ବିଜେ କରିଥିଲେ। ସେଠାରେ ପଂକ୍ତିଭୋଗ, ଆଳତି, ଉପଚାର ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କର ଏହି ଲୀଳାରେ ଜଣେ ସେବାୟତ ଶ୍ରୀକୃଷ୍ଣ ବେଶରେ, ମଣ୍ଡଣି ସୁଆଁସିଆ ସେବକ କାଳୀୟ ନାଗ ବେଶରେ ଓ ଅନ୍ୟଜଣେ ବିଶୋଇ ସେବକ ଗରୁଡ଼ ବେଶ ଧାରଣ କରିଥିଲେ। ପୁଷ୍କରିଣୀରେ ଦେବନୀତି ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିଲା। ବିଳମ୍ବିତ ରାତିରେ ଠାକୁର ମନ୍ଦିରକୁ ଫେରିବା ପରେ ଶ୍ରଦ୍ଧାଳୁମାନେ ସାକ୍ଷୀଗୋପାଳ ଠାକୁରଙ୍କର କାଳୀୟଦଳନ ବେଶ ଦର୍ଶନ କରିଥିଲେ। ପରେ ପରେ ପ୍ରତ୍ୟେକ ଏକାଦଶୀ ଭଳି ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଇଥିଲା।

# ପ୍ରଶାସନିକ ଅଧିକାରୀ, ପୋଲିସ ଯୋଗୁ ପର୍ଯ୍ୟଟକ ହଟହଟା

ଗୋପ,୧୯।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ମଙ୍ଗଳବାର ଛତିଶଗଡ଼ରୁ ପୁରୀ, କୋଣାର୍କ ବୁଲି ଆସିଥିବା କେତେଜଣ ପର୍ଯ୍ୟଟକ ପ୍ରଶାସନିକ ଅଧିକାରୀ ଓ ପୋଲିସ ଦ୍ୱାରା ହଟହଟା ହୋଇଥିବା ସମୟରେ ଆଉ କେବେ ବି ଓଡ଼ିଶା ଆସିବେ ନାହିଁ ବୋଲି କହିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ସପ୍ତାହକ ତଳେ ଛତିଶଗଡ଼ ଅଞ୍ଚଳରୁ ୨ଟି ଗାଡ଼ିରେ ୧୨ ଜଣ ଯୁବ ପର୍ଯ୍ୟଟକ ଓଡ଼ିଶାର ଦର୍ଶନୀୟ ସ୍ଥାନ ବୁଲିବା ପରେ ମଙ୍ଗଳବାର ସକାଳେ ପୁରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି କୋଣାର୍କର ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ବୁଲିଥିଲେ। ପୂର୍ବାହ୍ନରେ ଏହି ପର୍ଯ୍ୟଟକମାନେ ଭୁବନେଶ୍ୱର ଫେରୁଥିଲେ। ଗୋପ-କୋଣାର୍କ ରାସ୍ତାରେ ଆସୁଥିବା ବେଳେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ କୋଣାର୍କରୁ ଗୋପ ବ୍ଲକକୁ ତାଙ୍କ ସରକାରୀ ଗାଡ଼ିରେ ଆସୁଥିଲେ। ବିଡିଓଙ୍କ ସରକାରୀ ଗାଡ଼ିକୁ ଛତିଶଗଡ଼ର ଏହି ୨ଟି ଗାଡ଼ି ଅତିକ୍ରମ କରି ଆସିବା ସହିତ ସାଇଡ୍ ଦେଇ ନ ଥିଲେ। ରାସ୍ତା ନ ମିଳିବାରୁ ବିଡିଓ ଗୋପ ଥାନାକୁ ସଙ୍ଗେ ସଙ୍ଗେ ଫୋନ୍ କରିଥିଲେ। ଏପରି ଏକ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଗୋପ ଥାନା ଏସ୍‌ଆଇ ବୁଦ୍ଧରାୟ ମାଝୀ ଘଟଣାସ୍ଥଳରେ ପହଞ୍ଚି ଏହି ରାସ୍ତାର କେଉଡୁଙ୍ଗା ନିକଟରୁ ପର୍ଯ୍ୟଟକଙ୍କ ଗାଡ଼ିକୁ ଥାନାକୁ ଆଣିଥିଲେ। ପୋଲିସ ପହଞ୍ଚିବା ପରେ ପର୍ଯ୍ୟଟକମାନେ ଶୀଘ୍ର ଫେରିବାକୁ ଚାହୁଁଥିବାରୁ ଦ୍ରୁତଗତିରେ ଯିବା ସହିତ କ୍ଷମା ପ୍ରାର୍ଥନା ମାଗିଥିଲେ। ମାତ୍ର ପୋଲିସ ପର୍ଯ୍ୟଟକଙ୍କ କୌଣସି କଥା ନ ଶୁଣି ଥାନାକୁ ଆଣିଥିଲେ। ଗୋପ ପୋଲିସ ଚାପର ବଶବର୍ତ୍ତୀ ହୋଇ ନିଜପଟୁ ବେପରୁଆ ଗାଡ଼ିଚାଳନା, ମଦ୍ୟପାନ ଅଭିଯୋଗରେ ଥାନା ମୋକଦ୍ଦମା ନଂ. ୨୬୭/୨୫ରେ ମାମଲା ରୁଜୁ କରି ପର୍ଯ୍ୟଟକଙ୍କ ଗାଡ଼ି (ନଂ. ସିଜି-୦୯-ଜେପି-୪୯୨୧)କୁ ଜବତ କରି ଗାଡ଼ିଚାଳକ ମୁକେଶ ପଟେଲଙ୍କୁ ଗିରଫ କରି ବେଲ୍‌ବଣ୍ଡରେ ଛାଡ଼ିଛି। ଏଠାରେ ପ୍ରଶ୍ନ ଉଠେ, ଖୋଦ୍ ପର୍ଯ୍ୟଟନ ମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ଅଞ୍ଚଳରେ ଯଦି ପର୍ଯ୍ୟଟକମାନଙ୍କୁ ଏପରି କରାଯାଏ, ତା'ହେଲେ ପର୍ଯ୍ୟଟନର ବିକାଶ କିପରି ହେବ ତାହା ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପର୍ଯ୍ୟଟକମାନଙ୍କୁ ପଚାରିବାରେ ଆମେମାନେ ଓଡ଼ିଶା ବୁଲିବାକୁ ଆସିଥିଲୁ। କିନ୍ତୁ ଆଉ କେବେ ବି ଓଡ଼ିଶା ସହିତ ପୁରୀ, କୋଣାର୍କ ଆସିବୁ ନାହିଁ ବୋଲି କହିଥିଲେ। ଏପରି ଏକ ଅଭିଯୋଗରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀଙ୍କୁ ପଚାରିବାରେ, ପର୍ଯ୍ୟଟକମାନେ ମଦ୍ୟପାନ କରିବା ସହିତ ବେପରୁଆ ଗାଡ଼ିଚାଳନାକୁ ନେଇ ମାମଲା ରୁଜୁ କରାଯାଇଛି। ଏନେଇ ବିଡିଓ ସାହୁଙ୍କୁ ଯୋଗାଯୋଗ କରିବାରେ ତାହା ସମ୍ଭବ ହୋଇପାରି ନ ଥିଲା। ଏପରି ଏକ ଘଟଣା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେବା ସହ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।



ଗୋପ-କୋଣାର୍କ ରାସ୍ତାର କେଉଁଡୁଙ୍ଗା ଛକ ନିକଟରେ ପର୍ଯ୍ୟଟକଙ୍କ ଗାଡ଼ିକୁ ଅଟକାଇ ପୋଲିସ ତଦନ୍ତ କରୁଛି ।

### ଆଉ ଆସିବୁନି କୋଣାର୍କ: ପର୍ଯ୍ୟଟକ

## ଫଟୋରେ ଖବର



କୁଣ୍ଡାଇବେଣ୍ଟ ସାହି ପକ୍ଷରୁ ଧେନୁକାସୁର ନୀତି ସମ୍ପନ୍ନ ପାଇଁ ଯାଉଛନ୍ତି।



ଲବଣିଖିଆ ମଣ୍ଡପରେ ମଦନ ମୋହନଙ୍କ ସହ ରାମକୃଷ୍ଣ ନୀତି କରାଯାଉଛି।




ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ପୁରୀ ବେଳାଭୂମି ଫଟୋଗ୍ରାଫର୍ ଆସୋସିଏଶନ ପକ୍ଷରୁ ବେଳାଭୂମି ସଫେଇ କରାଯାଇଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ମୁଗଭଙ୍ଗା ଗ୍ରାମରେ ନନ୍ଦୋତ୍ସବ ଉପଲକ୍ଷେ ପ୍ରବଚନ**

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ସିଏମ୍‌ସି ୫୮ ନଂ. ୱାର୍ଡ ଅନ୍ତର୍ଗତ ମୁଗଭଙ୍ଗା ଗ୍ରାମରେ ଜନ୍ମାଷ୍ଟମୀ ଏବଂ ନନ୍ଦୋତ୍ସବ ଉପଲକ୍ଷେ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ପ୍ରବକ୍ତା ଭାବେ ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜି ଏବଂ ଗଣ୍ଡରପୁର ରାଧାଗୋବିନ୍ଦ ଆଶ୍ରମର ପୁରୋଧା ଅଶୋକ ବାବା ଯୋଗଦେଇ କୃଷ୍ଣ ଜନ୍ମ ଉପରେ ତତ୍ତ୍ୱମୂଳକ ଆଲୋଚନା କରିଥିଲେ। ନବକିଶୋର ଦଳାଇଙ୍କ ମୁଖ୍ୟ ଅଧକ୍ଷତାରେ କାର୍ଯ୍ୟକ୍ରମରେ ହେମନ୍ତ ଦଳାଇ, ଶରତ ଚନ୍ଦ୍ର ଦଳାଇ, ସଚିନ୍ଦ୍ର ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଦ୍ୟଯନ୍ତ୍ରରେ ରବିନାରାୟଣ ଅଧିକାରୀ ଏବଂ କୃଷ୍ଣଚନ୍ଦ୍ର ସ୍ୱାଇଁ ସହଯୋଗ କରିଥିଲେ।

# ବର୍ଷାରେ ସାହାରା ମେଡିକାଲ ବାରଣ୍ଡା

କଟକ,୧୯।୮(ଶିଲ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଆଶ୍ରୟସ୍ଥଳୀ ନିଅଣ୍ଟ ପଡୁଥିବାରୁ ରୋଗୀ ଓ ସମ୍ପର୍କୀୟ ବର୍ଷାରେ ଏଣେତେଣେ ଆଶ୍ରୟ ନେଉଥିବା ନଜରକୁ ଆସିଛି। ଡାକ୍ତରଙ୍କୁ ଦେଖାଇବାକୁ ରୋଗୀ ଧାଡିରେ ରହି ହଇରାଣ ହେଉଥିବାବେଳେ ରାତିରେ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ମେଡିକାଲ ବାରଣ୍ଡା ପ୍ରକାରର ସାହାରା ପାଲଟୁଛି। ଆଶ୍ରୟସ୍ଥଳୀରେ ଯାଗା ନ ହେବାରୁ କିଏ ମଶାରୀ ଟାଙ୍ଗି ବାହାରେ ଶୋଉଛି ତ କିଏ ଖଣ୍ଡିଏ ଚାଦର ବିଛାଇ ଆଶ୍ରୟସ୍ଥଳୀ ସମ୍ମୁଖରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି। ବର୍ଷା ଦିନ ଥିବାରୁ ମଶାଙ୍କର ପାଦୁର୍ଭାବ ବଢ଼ିବାରେ ଲାଗିଥିବାବେଳେ ଏଭଳି ବାହାରେ ଶୋଇବାରୁ ରୋଗୀ ଓ ସମ୍ପର୍କୀୟଙ୍କୁ ସଂକ୍ରମଣର ଭୟ ମଧ୍ୟ ଘାରୁଛି। ତେବେ ମେଡିକାଲରେ ନୂଆ ଭାବେ କାର୍ଯ୍ୟକାରୀ ହୋଇଥିବା ଆଶ୍ରୟସ୍ଥଳୀ ମଧ୍ୟ କାମରେ ଆସୁ ନ ଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରିକି ମେଡିକାଲରେ ପୂର୍ବରୁ କରାଯାଇଥିବା ନିୟମକୁ ମଧ୍ୟ ପାଳନ କରାଯାଉ ନ ଥିବାର ସ୍ପଷ୍ଟ ଚିତ୍ର ନଜରକୁ ଆସିଛି।


ଏସ୍‌ସିବି ପରିସର ବାରଣ୍ଡାରେ ଆଶ୍ରୟ ନେଉଛନ୍ତି ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ।

**ଆଶ୍ରୟସ୍ଥଳୀ ବାହାରେ ଆଶ୍ରୟ ନେଉଛନ୍ତି ରୋଗୀ, ସମ୍ପର୍କୀୟ**

ସୂଚନାଥାଉକି, ଏସ୍‌ସିବି ମେଡିକାଲରେ ସ୍ତ୍ରୀ ଓ ପ୍ରସୂତି ରୋଗୀ ବିଭାଗ, ସର୍ଜରି ବିଭାଗ, ଅର୍ଥୋପେଡିକ ବିଭାଗ, ହୃଦରୋଗ ବିଭାଗ, ମାନସିକ ରୋଗ ବିଭାଗ ସମେତ ଅନ୍ୟାନ୍ୟ ବିଭାଗରେ ଆଶ୍ରୟସ୍ଥଳୀର ବ୍ୟବସ୍ଥା ରହିଛି। ଏହାବାଦେ ଗତ ଜାନୁଆରୀରେ ନନ୍ଦ୍ରମା କାଜୁଆଲଟିକୁ ସ୍ଥାନାନ୍ତର କରାଯାଇ ସେହି ସ୍ଥାନରେ ଆଶ୍ରୟସ୍ଥଳୀ କାର୍ଯ୍ୟକାରୀ କରାଯାଇଥିଲା । ନୂତନ ଭାବେ ଖୋଲିଥିବା ଆଶ୍ରୟସ୍ଥଳରେ ୧୫୦ରୁ ଅଧିକ ଲୋକ ଆଶ୍ରୟ ନେବାର ବ୍ୟବସ୍ଥା କରାଯାଇଥିଲା। ଏହାସହ ୬୦ଟି ଚେୟାର ଓ ପଙ୍ଖାର ବ୍ୟବସ୍ଥା କରାଯାଇଥିଲା। ମହିଳାଙ୍କୁ ନଜରରେ ରଖି ସ୍ୱତନ୍ତ୍ର ଭାବେ ଦୁଇଟି ଶୌଚାଳୟ ଓ ଆଶ୍ରୟ ନେବା ସ୍ଥାନ କରାଯାଇଥିଲା। ଏହାବ୍ୟତିତ ପୁରୁଷ ଓ ଅନ୍ୟାନ୍ୟଙ୍କ ପାଇଁ ୮ଟି ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ଏହାସହ ମେଡିକାଲ ପରିସରର କୌଣସି ସ୍ଥାନରେ ଏଣେତେଣେ ଲୋକେ ଆଶ୍ରୟ ନେବା ଦେଖିବା ମାତ୍ରେ ସେମାନଙ୍କୁ ଏହି ଆଶ୍ରୟସ୍ଥଳକୁ ପଠାଇବାକୁ ମେଡିକାଲରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏହି ନିୟମ ଏବେ ପାଣିର ଗାର ସହ ସମାନ ହୋଇଛି। ମେଡିକାଲରେ ଆଶ୍ରୟସ୍ଥଳୀ ଥାଇ ମଧ୍ୟ ରୋଗୀ ଓ ସମ୍ପର୍କୀୟ ଭିତରେ ଯେତିକି ସଂଖ୍ୟାରେ ରହୁଛନ୍ତି, ତାଠାରୁ ଅଧିକ ଆଶ୍ରୟସ୍ଥଳୀ ବାହାରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି। ଏପରି କି ସୁରକ୍ଷା କର୍ମୀ ଉପସ୍ଥିତ ଥାଇ ମଧ୍ୟ ରୋଗୀ ଓ ସମ୍ପର୍କୀୟଙ୍କୁ ଆଶ୍ରୟସ୍ଥଳୀକୁ ଯିବାକୁ କହୁନାହାନ୍ତି। ଏ ସମ୍ପର୍କରେ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନିଆଳି,୧୯।୮(ସୁକାନ୍ତ କୁମାର ସିଂହ)

ନିଆଳି ଥାନା ଅନ୍ତର୍ଗତ ଅଲଣା ପଞ୍ଚାୟତ ଓଳାଶଂ ଗ୍ରାମରେ ମଙ୍ଗଳବାର ସକାଳୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସମ୍ପୃକ୍ତ ଯୁବକ ହେଲେ ଉକ୍ତ ଗ୍ରାମର ପ୍ରତାପ ସ୍ୱାଇଁଙ୍କ ପୁଅ ପରେଶ ସ୍ୱାଇଁ (୨୮)। ପରେଶ ବାହାରେ ରହି କାମ କରୁଥିବାବେଳେ ଗତ କିଛିଦିନ ହେଲା ସେ ଘରକୁ ଆସିଥିଲେ। ସୋମବାର ରାତିରେ ଖାଇ ଘରେ ଶୋଇଥିଲେ। ମଙ୍ଗଳବାର ସକାଳୁ ତାଙ୍କ ବାଡିପଟେ ଥିବା ଏକ ଚାକୁଣ୍ଡା ଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ନିଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡିକାଲକୁ ପଠାଇଛି। ନିଆଳି ପୋଲିସ ଘଟଣାର ତଦନ୍ତ ରଖିଛି।

### ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ଶିବିର

କଣ୍ଟାପଡା,୧୯।୮(ସୁରନାରାୟଣ ସାହୁ)

କଣ୍ଟପଡା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମପଞ୍ଚାୟତସ୍ଥିତ ଦେଉଳୀଠାରେ ଅବସ୍ଥିତ ଦଧିଚି ଶିକ୍ଷା ସମୂହ ଅନୁଷ୍ଠାନରେ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ନାର୍କୋଟିକ୍ସ ବିଭାଗର ବରିଷ୍ଠ ଅଧିକାରୀ ସମୀରନ ପଲ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାଠାରୁ ଦୂରେଇ ରହିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ପୋଲିସ ଏସ୍‌ଆଇ ରାହୁଲ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦଧିଚି ଅନୁଷ୍ଠାନର ମୁଖ୍ୟ ଡ. ମନୋଜ କୁମାର ଦାଶ ଓ ଟ୍ରଷ୍ଟି ବବିତା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ ନିଜକୁ ନିଶାଠାରୁ ଦୂରେଇ ରଖିବା ସହ ଆଖପାଖ ଗ୍ରାମରେ ନିଶାମୁକ୍ତି ଅଭିଯାନ ଚଳାଇବା ପାଇଁ ଶପଥ ନେଇଥିଲେ। ନାର୍କୋଟିକ୍ସ ବିଭାଗ ପକ୍ଷରୁ ଦଧିଚି ଅନୁଷ୍ଠାନ ପରିବେଶକୁ ନିଶାମୁକ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ଖବରଦାତାଙ୍କ ପିତୃବିୟୋଗ

ବାଙ୍କୀ,୧୯।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବାଙ୍କୀ ଅଞ୍ଚଳର ଜଣାଶୁଣା ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ସାହୁଙ୍କ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ବହୁ ବିଶିଷ୍ଟବ୍ୟକ୍ତି ଚର୍ଚ୍ଚିକା ମନ୍ଦିର ନିକଟସ୍ଥ ଗୋପୀନାଥଙ୍କ ବାସଭବନକୁ ଯାଇ ତାଙ୍କ ଶେଷ ଦର୍ଶନ କରିଛନ୍ତି। ଗୋପୀନାଥ ବାଙ୍କୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ଜ୍ୟେଷ୍ଠ ପୁତ୍ର ସତ୍ୟରଞ୍ଜନ ସାହୁ ଧରିତ୍ରୀରେ ବାଙ୍କୀ ଡମପଡ଼ା ଅଞ୍ଚଳ ପାଇଁ କାର୍ଯ୍ୟ କରୁଛନ୍ତି। ଗୋପୀନାଥଙ୍କ ମୃତ୍ୟୁ ଶଯ୍ୟାନିକଟରେ ତାଙ୍କ ଧର୍ମପତ୍ନୀ, ୨ପୁଅ, ବୋହୂ ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ଗୋପୀନାଥଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ବେଣ୍ଟକାରରେ ବିଧାୟକଙ୍କ ଜନଶୁଣାଣି ଶିବିର

କଟକ ସଦର,୧୯।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାରଠାରେ ମଙ୍ଗଳବାର କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ୩୩୦ଟି ଅଭିଯୋଗ ଆସିଥିଲା। ଏହାର ସମାଧାନ ପାଇଁ ବିଧାୟକ ସେଠୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ବିଭାଗର ରେଞ୍ଜ ଅଫିସର ସର୍ବଲିନ ସାହୁ, ଆମ୍ବା ସଭାପତି ରମା ପ୍ରସାଦ ବିଶ୍ୱାଳ, ବିଡିଓ ପ୍ରତୀକ ସାହୁ, ବିଦ୍ୟୁତ୍ ଅଧିକାରୀ ସୌମ୍ୟ ରଞ୍ଜନ ଦାସ, ଡାକ୍ତର ଶୁଭାଶିଷ ଶତପଥୀ, ତହସିଲଦାର ଦେବଦତ୍ତ ପ୍ରଧାନ, ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ଅମିତାଭ ବିଶ୍ୱାଳ, ଅମରେନ୍ଦ୍ର ଦାସ, ପଞ୍ଚାନନ ପଣ୍ଡା ଅମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଆୟୋଜନର ସ୍ଥିତି ପରଖିଲେ ଜିଲାପାଳ

କଟକ,୧୯।୮(କାର୍ତ୍ତିକ ସାହୁ)

**ଗାନ୍ଧିଜୀଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ସମାରୋହ ଆଜି**

ନୂଆବଜାରସ୍ଥିତ କୁଷ୍ଠାଶ୍ରମଠାରେ ଗାନ୍ଧିଜୀଙ୍କ ଆଗମନର ଶତବାର୍ଷିକୀ ସମାରୋହ କଟକ ଜିଲା ପ୍ରଶାସନ, କଟକ ମହାନଗର ନିଗମ ଏବଂ କଟକ ଜିଲା କୁଷ୍ଠ କଲ୍ୟାଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ମହାସମାରୋହରେ ପାଳିତ ହେବ। ଏଥିରେ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏବଂ ସଭାସ୍ଥଳରେ ଜନସମାଗମ ହେବା ଦୃଷ୍ଟିରୁ ପ୍ରସ୍ତୁତିର ସମସ୍ତ କାର୍ଯ୍ୟ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ତଦାରଖ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ବରିଷ୍ଠ ଅଧିକାରୀ, ଯନ୍ତ୍ରୀମାନଙ୍କ ସହ କୁଷ୍ଠାଶ୍ରମ ସଭାସ୍ଥଳ ଏବଂ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବାସ୍ଥଳ ପରିଦର୍ଶନ କରି ଜିଲାପାଳ ସ୍ଥିତି ପରଖିଛନ୍ତି। ବିଶେଷକରି ମଞ୍ଚ ନିର୍ମାଣ ଓ ଏହାର ସୁରକ୍ଷା ଉପରେ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାବାକୁ ସଂପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାକୁ ଦୃଷ୍ଟିରେ ରଖି ସଭା ସ୍ଥଳରେ ବର୍ଷା ଜଳ ପ୍ରବେଶର କୌଣସି ସମସ୍ୟା ନ ଉପୁଜେ ତଥା ନିଷ୍କାସନ ବ୍ୟବସ୍ଥା ନିମନ୍ତେ ସତର୍କତା ଅବଲମ୍ବନ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ କଟକ ମହାନଗର ନିଗମ ଆୟୁକ୍ତ କିରଣ ଦୀପ କୌର ସାହୋତା ଉପସ୍ଥିତ ରହି ମହାନଗର ନିଗମ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ (ଉନ୍ନୟନ) ଇପ୍ସିତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ତଥା ମହାନଗର ନିଗମର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଜିଲା ପୋଲିସ ପକ୍ଷରୁ ଆଇନ ସଚେତନତା



ଆଇନ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୁଣ୍ଟୁଣୀ,୧୯।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ କଟକ ଜିଲା ପୋଲିସ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟୁଣୀ ପୋଲିସ ସହଭାଗୀତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ଶଶୀଭୂଷଣ ମିଶ୍ର ପୌରହିତ୍ୟ କରିଥିଲେ। ଏଥିରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଡିଏସପି ସୁପ୍ରଭା ବାରିକ, ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ, ଉପ ନିରୀକ୍ଷକ ସସ୍ମିତା ପରିଡା, ଜିଲା ଶିଶୁ ହେଲ୍ପ ଲାଇନ ସଂଯୋଜକ ସାଇରାମ ଷଡ଼ଙ୍ଗୀ, କଟକ ଶିଶୁ ମଙ୍ଗଳ ସଦସ୍ୟ ହରିହର ନାୟକ, କଟକ ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ କଂଗ୍ରେସ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ଚାଲାଣ, ଶିଶୁ ଶ୍ରମିକ ବାଲ୍ୟ ବିବାହ, ନିଶା ନିବାରଣ, କନ୍ୟା ଭ୍ରୁଣ ହତ୍ୟା, ଶିଶୁ ଯୌନ ନିର୍ଯାତନା, ଶିଶୁ ଶାରିରୀକ ନିର୍ଯାତନା, ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣ, ମୋଟରଯାନ ଆଇନ, ପୋକ୍‌ସୋ ଆଇନ, ନାର୍କୋ ଆଇନ ଇତ୍ୟାଦି ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଇତିହାସ ବିଭାଗ ମୁଖ୍ୟ ଡ. ମନୋରଞ୍ଜନ ମହାନ୍ତି କର୍ମଶାଳା ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ରାଜନୀତି ବିଜ୍ଞାନର ମୁଖ୍ୟ ଡ. ମନୋରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଚେତନ କାର୍ଯ୍ୟକ୍ରମ ଆମ କଲେଜ–ଆମ ଗୌରବର ସଂଯୋଜକ ତଥା ଇଂଲିଶ ବିଭାଗର ମୁଖ୍ୟ ଅଧ୍ୟାପକ ଜିତେନ୍ଦ୍ର କୁମାର ପ୍ରଧାନ ଏବଂ ଓଡ଼ିଆ ବିଭାଗ ମୁଖ୍ୟ ଅମିତ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଖୁଣ୍ଟୁଣୀ ଥାନା କର୍ମଚାରୀ ବିଶ୍ୱମ୍ଭର ନାୟକ, ପ୍ରେମାନନ୍ଦ ବାରିକ, ଅଧ୍ୟାପକ ପ୍ରକାଶ ସିଂ, ପ୍ରିୟଙ୍କା ରାଉତ, ରିନାଞ୍ଜଳି ପରିଡା, ମାନସୀ ପରିଡା, ଲକ୍ଷ୍ମୀପ୍ରିୟା ବେହେରା, ସୁଜିତ ପ୍ରଧାନ ଓ ସଞ୍ଜୟ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବେସରକାରୀ ଅଧ୍ୟାପକ, କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ଆନ୍ଦୋଳନରତ ଚୌଦ୍ୱାର ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀ।

ଚୌଦ୍ୱାର,୧୯।୮(ଆଶୁତୋଷ ଦାସ)

ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ କଟକ ଜିଲା ଚୌଦ୍ୱାର ମହାବିଦ୍ୟାଳୟରେ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ମହାବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ସୂଚନା ଅନୁଯାୟୀ ପୂର୍ବ ସରକାର ଏକ କମିଟି କରି ଅନୁଦାନ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ସରକାର ପରିବର୍ତ୍ତନ ହେବାର ୧୩ ମାସ ବିତିଯାଇଥିଲେ ମଧ ଲୋକଙ୍କ ସରକାର କୌଣସି କର୍ଣ୍ଣପାତ କରୁନାହାନ୍ତି। ବାରମ୍ବାର ଦାବିପତ୍ର ଓ ଧାରଣା ଦେବା ପରେ ବର୍ତ୍ତମାନ ସରକାର ଯଦି ଅନୁଦାନ ଅନ୍ତର୍ଭୁକ୍ତ ନ କରନ୍ତି ତେବେ ଅଗଷ୍ଟ ୧୬ରୁ ସାରା ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଆନ୍ଦୋଳନରେ ନାରାବାଜି ଦେବା ସହ ନୂତନ ଅନୁଦାନ ନୀତି ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ଆନ୍ଦୋଳନରେ ମହାବିଦ୍ୟାଳୟ ଅଧ୍ୟାପକ ରତିକାନ୍ତ ସ୍ୱାଇଁ, ସୁଚିସ୍ମିତା ମହାନ୍ତି, କର୍ମଚାରୀ ପରେଶ ବେଉରା, ଲୋହରୀ ଲୋପାମୁଦ୍ରା ରାଉତରାୟ, ରଶ୍ମୀ ରଞ୍ଜନ ମଙ୍ଗରାଜ, ଶ୍ରୀକାନ୍ତ ନାୟକ, ପ୍ରଭାସିନୀ ଜେନା, କାହ୍ନୁଚରଣ ବେହେରା ଓ ଲକ୍ଷ୍ମୀଧର ବେଉରା ପ୍ରମୁଖ ସାମିଲ ହୋଇଥିଲେ।

# ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟନ, ଶିଳାନ୍ୟାସ

କଟକ ସଦର,୧୯।୮(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଉପ କେନ୍ଦ୍ରର ଉଦଘାଟନ ଓ ଶିଳାନ୍ୟାସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରାଳ, ଧୂଳିଶର୍‌ଠାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନୂତନ ଗୃହ ବିଧାୟକ ଉଦ୍‌ଘାଟନ କରିଥିବା ବେଳେ ବେଣ୍ଟକାରଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ବହଳପଡ଼ାଠାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଶିଳାନ୍ୟାସ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ବିଡିଓ ପ୍ରତୀକ ସାହୁ, ଆମ୍ବାର ସଭାପତି ରମା ପ୍ରସାଦ ବିଶ୍ୱାଳ, ବ୍ଲକ ଉପାଧକ୍ଷା ଅମ୍ବିକା ପାତ୍ର, ସନାତନି ସେନାର ସଭାପତି ସମୀର ପଣ୍ଡା, ସତ୍ୟଦିପ ସାହୁ, ମଣ୍ଡଳ ସଭାପତି ସୁଧାଂଶୁ ଶେଖର ଦାସ, ପ୍ରିୟରଞ୍ଜନ ଖଟୁଆ, ପ୍ରବେଶ ରାଉତ, ସରପଞ୍ଚ ସୁମିତ୍ରା ଗୋଛାୟତ, ଶିବ ଶଙ୍କର ମଲ୍ଲିକ, ସୁଧାକର ସାହୁ, ନାଏବ ସରପଞ୍ଚ ଅମିତା ସାହୁ ପ୍ରମୁଖ ଯୋଗଦେଇଥିଲେ।

# ବିଧାନସଭାରେ ଉଠିବ ଯକୃତ ପ୍ରତିରୋପଣ ବନ୍ଦ ପ୍ରସଙ୍ଗ: ବିଧାୟିକା ସୋଫିଆ ଫିର୍ଦ୍ଦୋସ


ଏସ୍‌ସିବିର ଯକୃତ ପ୍ରତିରୋପଣ ୟୁନିଟ୍ ପରିଦର୍ଶନ କରୁଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୋସ।

କଟକ,୧୯।୮(ଶିଲ୍ପା ପ୍ରିୟଦର୍ଶିନୀ)

ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏସ୍‌ସିବିର ଯକୃତ ପ୍ରତିରୋପଣ ୟୁନିଟ୍ ପରିଦର୍ଶନ କରିଥିଲେ। ପ୍ରତିରୋପଣ ବନ୍ଦ ହୋଇ ପଡିଥିବାବେଳେ ଏ ବିଷୟରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କ ସହ ଆଲୋଚନା କରିଛନ୍ତି। ବିଷୟରେ ପୂର୍ବ ଭାରତର ଏକମାତ୍ର ମେଡିକାଲ ଭାବେ ଏସ୍‌ସିବିରେ ଯକୃତ ପ୍ରତିରୋପଣ ଆରମ୍ଭ ହୋଇଥିବାବେଳେ ଏହାକୁ ବନ୍ଦ କରିବା ନିନ୍ଦନୀୟ। ଏହି ପ୍ରସଙ୍ଗ ବିଧାନସଭାରେ ଉଠାଯିବ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ସହ ଉକ୍ତ ପ୍ରସଙ୍ଗ ବିଷୟରେ ଆଲୋଚନା କରାଯାଇ ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ସୋଫିଆ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଜେ. କାମେଶ୍ୱର ରାଓ, ସୋନୁ ସ୍ୱାଇଁ, ଅବଦୁଲ ନାସିମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଦେଶସେବାକୁ ଜୀବନର ବ୍ରତ କରିଥିଲେ ସରଳା ଦେବୀ’

କଟକ,୧୯।୮(କାର୍ତ୍ତିକ ସାହୁ)

ଭାରତୀୟ ମୁକ୍ତି ସଂଗ୍ରାମକୁ ସରଳା ଦେବୀଙ୍କ ଅବଦାନ ଅବିସ୍ମରଣୀୟ। ଦେଶ ସେବା ଓ ମାନବ ସେବାକୁ ସରଳା ଦେବୀ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସରଳା ଦେବୀ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ସାରଳା ଭବନଠାରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରସିଦ୍ଧ ଲେଖିକା ଲୌହମାନବୀ ସରଳା ଦେବୀଙ୍କ ୧୨୧ତମ ଜୟନ୍ତୀକୁ ପ୍ରଖ୍ୟାତ ସ୍ନାୟୁଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି।

ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି ଝୁମ୍‌ଝୁମ୍ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ସଂଘମିତ୍ରା ବେହେରା କହିଲେ, ସରଳା ଦେବୀ ଥିଲେ ଜଣେ କ୍ରାନ୍ତିକାରୀ ସାରସ୍ୱତ ସ୍ରଷ୍ଟା ଓ ବିପ୍ଳବିନୀ ନାରୀନେତ୍ରୀ।


ସରଳା ଦେବୀଙ୍କ ଜୟନ୍ତୀ ଅବସରରେ ଅଧ୍ୟାପିକା ଡ. ମୌସୁମୀ ପରିଡ଼ାଙ୍କୁ ସାରଳା ଦେବୀ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଉଛି।

**ଲୌହମାନବୀ ସରଳା ଦେବୀଙ୍କ ୧୨୧ତମ ଜୟନ୍ତୀ ପାଳିତ**

ବିଶିଷ୍ଟ ଅତିଥି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସରଳା ଦେବୀ ରିସର୍ଚ୍ଚ ସେଣ୍ଟରର ଆବାହିକା ଡ. ଜ୍ୟୋତିର୍ମୟୀ ଆଚାର୍ଯ୍ୟ କହିଲେ, ଅସହଯୋଗ ଆନ୍ଦୋଳନରେ ଯୋଗଦେବାରେ ସେ ଥିଲେ ପ୍ରଥମ ଓଡ଼ିଆ ନାରୀ ଓ ଓଡ଼ିଶାର ପ୍ରଥମ ମହିଳା ବିଧାୟିକା। ଗାନ୍ଧିଜୀ ଓ ଗୋପବନ୍ଧୁ ଥିଲେ ସରଳା ଦେବୀଙ୍କ ଆଦର୍ଶ ଓ ପ୍ରେରଣାର ଉତ୍ସ। ବରେଣ୍ୟ ଅତିଥି ଅଧ୍ୟାପକ ନିରଞ୍ଜନ ବେହେରା ଓଡ଼ିଆ ସାହିତ୍ୟକୁ ସରଳା ଦେବୀଙ୍କ ଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତିଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ସାହିତ୍ୟ କ୍ଷେତ୍ରରେ ଅଧ୍ୟାପିକା ଡ. ମୌସୁମୀ ପରିଡ଼ାଙ୍କୁ ସାରଳା ଦେବୀ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ସ୍ମୃତି ସଂସଦ ସମ୍ପାଦକ ଲକ୍ଷ୍ମୀ ପ୍ରସାଦ ମହାପାତ୍ର ବିବରଣୀ ପାଠ କରିଥିଲେ। ଜ୍ଞାନରଞ୍ଜନ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ। ପଦ୍ମାଳୟା ମହାପାତ୍ର ଓ ସାବନା ଆଜିମ୍ ମାନପତ୍ର ପାଠ କରିଥିଲେ। ଜଗନ୍ନାଥ ମହାନ୍ତି ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ। ଆଇନଜୀବୀ ବିଶ୍ୱଜିତ ପାଣି, ବିଭୁ ପ୍ରସାଦ ମହାପାତ୍ର, ଗୀତାଞ୍ଜଳି ବେହୁରା, ପତିତପାବନ ମହାପାତ୍ର, ସି. କସ୍ତୁରୀ, ସୁସ୍ମିତା ପଟ୍ଟନାୟକ, ଦେବୀ ପ୍ରସନ୍ନ ମହାପାତ୍ର ପ୍ରମୁଖ ରମାଦେବୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସରଳାଦେବୀ–ଭାଗିରଥୀ ମହାପାତ୍ର ଟ୍ରଷ୍ଟର ସଭାପତି ଆଡ୍‌ଭୋକେଟ୍ ନିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର



କଟକ ବାରବାଟୀ ଦୁର୍ଗ ସମ୍ମୁଖରେ ମଙ୍ଗଳବାର କଟକ ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ୱାର୍ଲ୍ଡ ଫଟୋଗ୍ରାଫି ଡେ’ ପାଳନ କରାଯାଇଛି।



ଗୁଞ୍ଜନ ଡ୍ୟାନ୍ସ ଏକାଡେମୀରେ କ୍ଲାସିକାଲ କଲଚରାଲ ରିସୋର୍ସ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଗୁରୁ ମୀରା ଦାସଙ୍କ ସହ ଅନ୍ୟମାନେ। (ଫଟୋ: ରାଜକିଶୋରର ମହାନ୍ତି)

# ଥଇଥାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଖୋର୍ଦ୍ଧା,୧୯।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ହଳଦୀପଦା ମୌଜାରେ ଶିଳ୍ପ ସଂସ୍ଥା ପାଇଁ ଆଦିବାସୀ ପରିବାର ବାସ ହରାଇଛନ୍ତି। ଜମି ହରାଇଥିବା ପରିବାରଙ୍କୁ ଜମି ପଟ୍ଟା ଯୋଗାଇଦେବା ଦାବିରେ ୪୫ରୁ ଊର୍ଦ୍ଧ୍ୱ ପରିବାର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଏବଂ ପ୍ରତିବାଦ କରିବା ସହ ଜିଲାପାଳ ଅର୍ପିତ ରଥଙ୍କୁ ଦାବିପତ୍ର ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅର୍ଜୁନପୁର ପଞ୍ଚାୟତ ହଳଦୀପଦା ଗ୍ରାମର ଆଦିବାସୀ ସମ୍ପ୍ରଦାୟ ୪୫ବର୍ଷ ଧରି କାଜୁ ବଗିଚାକୁ ଭୋଗ ଦଖଲ କରି ଆସୁଥିଲେ। ଶିଳ୍ପସଂସ୍ଥା ପ୍ରତିଷ୍ଠା ପାଇଁ ଉକ୍ତ ଆଦିବାସୀଙ୍କୁ ଜବରଦସ୍ତ ଉଚ୍ଛେଦ କରାଯାଇଛି। ଏନେଇ ତହସିଲଦାରଙ୍କଠାରୁ ଉପ

**ଶିଳ୍ପ ସଂସ୍ଥା ପାଇଁ ବାସ ହରାଇଛନ୍ତି ଆଦିବାସୀ**

ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଦିଆଯାଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ବାସ ହରାଇ ସମ୍ପୃକ୍ତ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ପରିବାର ଦିନମଜୁରିଆ ଶ୍ରେଣୀର। ଖଟିଲେ ପରିବାର ଚଳେ। ଏପରି ସ୍ଥଳେ ଉକ୍ତ ପରିବାରଗୁଡ଼ିକୁ ଉଚ୍ଛେଦ କରିଦିଆଗଲେ କେଉଁଠି ରହିବେ, କିପରି ଚଳିବେ ବୋଲି ପ୍ରଶ୍ନ କରିଛନ୍ତି। ଭୋଗ ଦଖଲ ଜମିରୁ ଉଚ୍ଛେଦ ଯୋଗୁ ଏହି ସମ୍ପ୍ରଦାୟ ରାଉରାପ୍ରାଙ୍କୁ ଚାଲି ଆସିଛନ୍ତି। ଏବେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ହନ୍ତସନ୍ତ ହେଉଛନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ଥଇଥାନ କରିବାକୁ ଦାବି କରିଛନ୍ତି। ଏହି ବିକ୍ଷୋଭରେ ହଳଦୀପଦା ଗ୍ରାମବାସୀ ଓ ଏସ୍‌ୟୁସିଆଇ, (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ତଥା ଶ୍ରମିକ ନେତା ପୂର୍ଣ୍ଣଚନ୍ଦ୍ର ବେହେରା, ଆଞ୍ଚଳିକ ସମ୍ପାଦକ ଅଶୋକ ସାହୁ, ସଭ୍ୟ ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ସଂଘମିତ୍ରା ମହାପାତ୍ର, ଅରୁଣ ନାୟକ, ସୁମା ନାୟକଙ୍କ ସମେତ ବହୁ ଜନଗଣ ଉପସ୍ଥିତ ଥିଲେ।

## ବେଗୁନିଆକୁ ଏନ୍‌ଏସି ଦାବିରେ ବିଜେଡିର ଆନ୍ଦୋଳନ ୨୨ରେ



ବୈଠକରେ ଉପସ୍ଥିତ ବିଜେଡି ନେତୃମଣ୍ଡଳୀ।

ବେଗୁନିଆ,୧୯।୮ (ସନ୍ଧ୍ୟାରାଣୀ ମିଶ୍ର)

ବିଜେଡି ଶାସନ ସମୟରେ ବେଗୁନିଆକୁ ଏନ୍‌ଏସି ଘୋଷଣା କରାଯାଇଥିଲା। କିନ୍ତୁ ଭାଜପା ସରକାର ଶାସନ କ୍ଷମତାକୁ ଆସିବା ପରେ ବେଗୁନିଆକୁ ବାଦ ଦେଇ ୧୨ଟି ଏନ୍‌ଏସିର ନାମ ଘୋଷଣା କରାଯାଇଛି। ସେଥିରେ ବେଗୁନିଆ ନାମ ନ ଥିବାରୁ ଅଗଷ୍ଟ ୨୨ରେ ବିଜେଡି ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବ ବୋଲି ସୂଚନା ମିଳିଛି। ଏ ନେଇ ବେଗୁନିଆ ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ବେହେରା, ବେଗୁନିଆ ଗ୍ରାମ୍ୟ କମିଟି ସଭାପତି ମାୟାଧର ମାଝି, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ସାମାଜିକ କର୍ମୀ ନୀଳକଣ୍ଠ ସ୍ୱାଇଁଙ୍କ ସହ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର, ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ବିଶ୍ୱ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ ଓ ପଞ୍ଚାୟତର ୱାର୍ଡ ସଭ୍ୟ ସହ ସଚେତନ ନାଗରିକମାନେ ଉପସ୍ଥିତ ରହି ବେଗୁନିଆ ବନ୍ଦ ଡାକରାକୁ ସମର୍ଥନ ଜଣାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ବାଣପୁର ଏନ୍‌ଏସି ଇଓଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ନୋଟିସ

ଖୋର୍ଦ୍ଧା,୧୯।୮ (ପ୍ରଭାତ ପାଣିଗ୍ରାହୀ)

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ)ଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ନୋଟିସ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଆଇନଜୀବୀ ସୀତାରାମ ଅଗ୍ରୱାଲ ଓଡ଼ିଶା ମ୍ୟୁନିସିପାଲ ଆଇନ ଅନୁଯାୟୀ ଏହି ନୋଟିସ ଜାରି କରିଛନ୍ତି। ଅଭିଯୋଗ ମୁତାବକ, ବାଣପୁର ଏନ୍‌ଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ(ବେଳସାହି) ବାସିନ୍ଦା ଆଇନଜୀବୀ ଅଗ୍ରୱାଲଙ୍କ ଘରେ ବର୍ଷାଜଳ ପ୍ରବେଶ କରୁଥିବାରୁ ଏହାର ନିଷ୍କାସନ ପାଇଁ ସେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏହାର ସମାଧାନ ହୋଇପାରି ନାହିଁ। ଲଗାଣ ବର୍ଷାରେ ବର୍ଷାଜଳ ଘରେ ପ୍ରବେଶ କରିବା ଏବଂ ଏନ୍‌ଏସିର ନୀରବତା ପ୍ରତିବାଦରେ ଉକ୍ତ ନ୍ୟାୟାଳୟରେ ପୂର୍ବରୁ ଏକ ପିଟିସନ ଦାୟର କରିଥିଲେ। ଉକ୍ତ ନ୍ୟାୟାଳୟ ଏହାର ଶୁଣାଣି କରି ସମାଧାନ ପାଇଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଦାଲତଙ୍କ ନିର୍ଦ୍ଦେଶକୁ ବେଖାତିର କରି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଗ୍ରୱାଲଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଗତ ମେ ୨୩ ତାରିଖରେ ତାଙ୍କ ଘର ସମ୍ମୁଖରେ ଥିବା ସୋକ୍‌ପିଟ, ଯାହାକି ବର୍ଷାଜଳ ନିଷ୍କାସନ ପାଇଁ ଏକମାତ୍ର ବ୍ୟବସ୍ଥା ଥିଲା, କୌଣସି ଡ୍ରେନେଜ ବ୍ୟବସ୍ଥା ଉକ୍ତ ୱାର୍ଡରେ ନ କରି, ତାହାକୁ ଜେସିବି ମେସିନ ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବେ ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ। ଫଳରେ ବର୍ଷା ଜଳ ଘରେ ପ୍ରବେଶ କରିବାରୁ କ୍ଷତିଗ୍ରସ୍ତ ହୋଇଥିବା ନିଜ ଘରର ଅଂଶକୁ ମରାମତି କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ସୀତାରାମଙ୍କ ପରିବାରବର୍ଗ ମାନସିକ ଚାପରେ ପୀଡ଼ିତ ହୋଇ ଏହାର କ୍ଷତିପୂରଣ ସହିତ, ବର୍ଷା ଜଳ ପ୍ରବେଶ ଯୋଗୁ ଘରର ନଷ୍ଟ ହୋଇଥିବା ଅଂଶର ମରାମତି ଏବଂ ଚିକିତ୍ସା ବାବଦରେ ସମୁଦାୟ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ନୋଟିସ ଜାରି କରିଛନ୍ତି। ନୋଟିସ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

# ଟାଙ୍ଗୀ ବ୍ଲକ ଅଞ୍ଚଳ ଲୋକଙ୍କ ମଧ୍ୟରେ ଖୁସିର ଲହରି

ଟାଙ୍ଗୀ,୧୯।୮ (ରଘୁନାଥ ସାହୁ)

**ଭୁବନେଶ୍ୱର ବାଇପାସ୍ ରାସ୍ତାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ**

ଖୋର୍ଦ୍ଧା ଜିଲା ରାମେଶ୍ୱରଠାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ଏହି ଖବର ଜଣାପଡ଼ିବା ପରେ ଟାଙ୍ଗୀ ବ୍ଲକ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବିଶେଷ ଭାବେ ଖୋର୍ଦ୍ଧା, ଭୁବନେଶର, କଟକ ସହର ଦେଇ ଭାରିଯାନ ଚଳାଚଳ ନ କରି ବାଇପାସ ରାସ୍ତାରେ ସ୍ୱଳ୍ପ ସମୟ ମଧ୍ୟରେ ଯାତାୟାତ ହୋଇପାରିବ। ଟ୍ରାଫିକ ଭିଡ଼ରୁ ଜନସାଧାରଣ ରକ୍ଷା ପାଇପାରିବେ। ଓଡ଼ିଶାବାସୀଙ୍କ ସମେତ ପଡୋଶୀ ରାଜ୍ୟବାସୀ ଉପକୃତ ହୋଇପାରିବେ। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା, ବୁଦ୍ଧିଜୀବୀମାନଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଏଟିଏମ୍ ଅଚଳ

ଟାଙ୍ଗୀ,୧୯।୮ (ରଘୁନାଥ ସାହୁ)

**ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାଷୀ**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଟାଙ୍ଗୀ ଶାଖାରେ ଥିବା ଏଟିଏମ୍ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ହୋଇପଡ଼ିଛି। ଏଟିଏମ୍ ଉଦ୍‌ଘାଟନ ହେବାର ମାତ୍ର କିଛି ଦିନ ଚାଲିଥିଲା। ଦିନକୁ ଦିନ ବ୍ୟାଙ୍କରେ ଆର୍ଥିକ ଦେଣନେଣ ବୃଦ୍ଧି ପାଇଛି। ବିଶେଷ ଭାବେ ଚାଷୀମାନେ ସମବାୟ ବ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି। ସମବାୟ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଅନ୍ୟ ବ୍ୟାଙ୍କ ଭଳି ସୁବିଧା ସୁଯୋଗ ପାଇବା ଆଶା ରଖିଥାନ୍ତି। ଜନସାଧାରଣ ଟଙ୍କା ଉଠାଇବା ଦୂରେ ଥାଉ ଏଟିଏମ୍ କାର୍ଡ ପାଇଲା ପରେ ପିନ ଜେନେରେଟ କରି ପାରୁନାହାନ୍ତି। ବ୍ୟାଙ୍କ ଗୃହକୁ ଲାଗି ଏଟିଏମ୍ କାଉଣ୍ଟର ଥିଲେ ମଧ୍ୟ ଜନସାଧାରଣଙ୍କ କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହେଉଛି। ଅନେକ ଚାଷୀଙ୍କ ଧାନ ବିକ୍ରି ଟଙ୍କା ଏହି ସମବାୟ ବ୍ୟାଙ୍କକୁ ଆସୁଛି। କିନ୍ତୁ ଟଙ୍କା ଉଠାଇବା ପାଇଁ ଏଟିଏମ୍ ସୁବିଧା ନ ଥିବାରୁ ଘଣ୍ଟା ଘଣ୍ଟା ଧରି ସମବାୟ ବ୍ୟାଙ୍କରେ ଅପେକ୍ଷା କରିବାକୁ ପଡୁଛି। ବହୁ ସମୟରେ ବ୍ୟାଙ୍କରେ ଟଙ୍କା ରହୁନାହିଁ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ଏଟିଏମ୍ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳର ଚାଷୀ, ବୁଦ୍ଧିଜୀବୀ, ଆଇନଜୀବୀମାନେ ଦାବି କରିଛନ୍ତି।

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜିଜି/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ: [୧]; ସିକେପି-ଇଷ୍ଟ-୨୫-୨୬-୨୮; ଟାଟା–ବାଦାମପାହାଡ଼ ସେକ୍ସନରେ ହାଲୁଦପୁକୁର ଷ୍ଟେଶନଠାରେ ଅତିରିକ୍ତ ଲୋଡିଂ ଲାଇନ୍ (ପବ୍ଲିକ୍ ସାଇଡିଂ)ର ବ୍ୟବସ୍ଥା ପାଇଁ ଅବଶିଷ୍ଟ କାର୍ଯ୍ୟ; ₹୨,୪୨,୯୧,୨୯୭.୮୭; ₹୨,୭୧,୫୦୦.୦୦; [୨]; ସିକେପି-ଇଷ୍ଟ-୨୫-୨୬-୨୯; ଏଡିଇଏନ୍/II/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ବୀରବଂଶସ୍ଥିତ ପିଏଫ୍ ନଂ. ୧ ଓ ୨ ଏବଂ ୩ର ପ୍ଲାଟ୍‌ଫର୍ମ ଉଚ୍ଚତାକୁ ରେଳ ସ୍ତର/ମଧ୍ୟମ ସ୍ତରରୁ ଉଚ୍ଚ ସ୍ତରକୁ ଉଠାଇବା ପାଇଁ ଅବଶିଷ୍ଟ କାର୍ଯ୍ୟ; ₹୫୭,୫୩,୯୭୨.୩୬; ₹୧,୧୫,୧୦୦.୦୦। [୩]; ସିକେପି-ଇଷ୍ଟ-୨୫-୨୬-୩୦; ଟାଟା, ଆଦିତ୍ୟପୁର, ଡାଙ୍ଗୋଆପୋଷି ଏବଂ ବଣ୍ଡମୁଣ୍ଡା ପାଇଁ ଅବଶିଷ୍ଟ କାର୍ଯ୍ୟ: ଚକ୍ରଧରପୁର ମଣ୍ଡଳର ସିଟିଆର୍‌ବି ପାଇଁ ଧୂଳିନିରୋଧୀ କୋଠରିର ବ୍ୟବସ୍ଥା; ₹୪୩,୯୫,୧୨୭.୯୦; ₹୮୭,୯୦୦.୦୦। ଟେଣ୍ଡର ଫର୍ମ ମୂଲ୍ୟ: ₹୦.୦୦ (କ୍ର.ସଂ. ୧ରୁ ୩ ପାଇଁ); ଖୋଲାଯିବା ତାରିଖ: ତା୦୪।୦୯।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ) ଏବଂ ତା୦୮।୦୯।୨୦୨୫ରିଖ (କ୍ର.ସଂ. ୩ ପାଇଁ) । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) (PR-535)

## OFFICE OF THE EXECUTIVE ENGINEER ROAD CONSTRUCTION DEPARTMENT ROAD DIVISION, DUMKA

### 4th CORRIGENDUM

TENDER REFERENCE No.- RCD/DUMKA/975
PR 354584 Road(25-26):D, PR 355582 Road (25-26)_D, PR 358355 Road (25-26)D and PR 359406 Road (25-26)_D

NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73

CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | **04.10.2025 Up to 12.00 Noon** in place of 23.09.2025 Up to 12.00 Noon. |
| 5 | Date of Publication of Tender on website | **30.08.2025 at 10.30 A.M** in place of 19.08.2025 at 10.30 A.M |
| 6 | Pre Bid Meeting | **08.09.2025 at 10.30 A.M** in place of 25.08.2025 at 10.30 A.M |

Other terms and conditions shall remain unchanged.

Executive Engineer
Road Construction Department,
Road Division, Dumka

PR 359797 Road(25-26).D

## Government of Odisha "e" Procurement Notice

No.O-608
No.3760, Dated 12.8.25
e-mail ID: rw_sambalpur@yahoo.co.in,
Phone No.0663-2401850

**Bid Identification No.TENDER ONLINE SBPR-02 OF 25-26**

1. Name of the Work : Building Works as per DTCN available in the website www.tendersodisha.gov.in
2. Total No. of Work : 1 No. (One) No.
3. Estimated Cost : Varies from Rs.31.08 Lakhs
4. Period of Completion : 06 (Six) Calendar Months
5. Period and time of availability of bid document in the portal for bidding : 25.08.2025 at 11.00 AM to 08.09.2025 upto 5.00 P.M.
6. Date and Time of Opening of Tender : 09.09.2025 at 11.00 AM
7. Name and address of the Officer Inviting Bid : S.E.R.W. Divn., Sambalpur

(1) Other details can be seen from detailed notice inviting tenders, availabile in website www.tendersodishagov.in
(2) Corrigendum if any shall only be published in the website www.tenderodisha.gov.in.

Sd./- Executive Engineer
OIPR-25076/11/0027/2526 Rural Works Division, Sambalpur

## वरीय पुलिस अधीक्षक का कार्यालय, राँची

सर्वसाधारण के लिए सूचना।



नाम–आलम मोहम्मद, उम्र करीब–30 वर्ष, रंग–गोरा, ऊँचाई–05 फीट 5 ईंच, पहनावा–सादा चेक कमीज एवं कथा रंग का ट्राउजर पहने हुए है।

उपरोक्त लापता व्यक्ति आलम मोहम्मद, उम्र–30 वर्ष, पिता–हिकायत मियाँ, सा0–पोखर टोली, थाना–एयर पोर्ट, जिला–राँची जो दिनांक–11.07.2025 को अपने घर से बगैर बताए कहीं चली गई जो आजतक अपने घर वापस नहीं आई है। जिसके संबंध में एयर पोर्ट थाना सनहा संख्या–14/2025, दिनांक–24.07.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, हटिया, राँची। – 9431706143
थाना प्रभारी एयर पोर्ट, राँची। – 8987790623

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.359819 Police(25-26):D

## SAMBALPUR DISTRICT CO-OPERATIVE CENTRAL BANK LTD.

International Year of Cooperatives 2025

HEAD OFFICE : BARGARH-768028
Phone : (06646) 233157/232634, Fax : (06646) 232696
Email : headoffice@sambalpurdccbl.com

Ref. No.__/TCN/CB/Estt./2025-26 Date :______

### Tender Call Notice

**Notice for inviting tender of contract for providing services of Armed Guards, Drivers and Support Staffs to S.D.C.C. Bank Ltd. Bargarh.**

Sealed tenders are invited under two bid system from manpower providing agencies / service providers registered under Partnership / Companies Act to provide services of Support Staff, Armed Guards and Drivers for their deployment in Head office and different Branches of the Bank on outsourced basis from September 2025 for a period of one year or till regular recruitment is made in Drivers and Support Staff grade in the Bank, whichever comes earlier.

The detailed information for outsourcing the service of the aforesaid personnel has been given in the tender documents, which may be obtained in person from the Premises Officer of the Bank at our Head Office on production of a D.D. of Rs.5,000/- (Rupees Five thousand) (non-refundable) in favour of "Sambalpur DCCB Ltd., Bargarh" drawn on any Commercial Bank on any working day between 11.00 AM to 4.00 PM. The Tender documents should be submitted to the Manager, Establishment Section, Head Office, through Speed Post only.

The last date and time for submission of Tender documents is 30.08.2025 by 2.00 PM. The documents submitted through any other mode shall not be accepted and documents received after the scheduled date and time shall not be entertained.

The undersigned reserves the right to accept or reject any or all quotations without assigning any reason thereof.

For more details please visit our website: https//sambalpurdccb.com
E-mail: headoffice@sambalpurdccb.com

Sd./- Chief Executive Officer

## GOVERNMENT OF ODISHA, DEPARTMENT OF WATER RESOURCES OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR

No.A-524
Email Address:cemech.eicwr.od@gmail.com

**e-Procurement Notice - Bid Identification No.CEM/MDS-07/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/MSME for Irrigation Shutters/ Hydro mechanical gates.
4. Bid Identification No. : CEM/MDS-07/2025-26
5. Estimated Cost : Rs.40,89,299.00
6. Period of Completion : 3 (Three) Calendar Months
7. Date & Time of availability of bid documents in the portal : From dt.25.08.2025 (10.00 AM) to dt.08.09.2025 (5.30 PM)
8. Last date/time for receipt of bid in the portal : dt.08.09.2025 (upto 5.30 PM)
9. Date and Place of Opening of Technical Bid : dt.09.09.2025 (12.00 Noon onwards in the O/o the undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o the E.I.C.,Water Resources, Odisha Bhubaneswar.

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief,
OIPR-32520/11/0065/2526 Secha Sadan, Bhubaneswar

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS ELECTRICAL CIRCLE, BHUBANESWAR

E-Mail: serw.elect@yahoo.in
No.O-602
No.525, Dt.16.8.2025

**e-Procurement Notice No.SERWELBBSR-01/2025-26**

| | | |
|---|---|---|
| 1 | Name of the Work | SHIFTING AND CONSTRUCTION OF 3Ph 3W 11KV LINE AND 3Ph 4W LT LINE FOR IMPROVEMENT TO KANKADAHADA (PWD) ROAD TO BANKUAL MAJHISAHI ROAD UNDER MMSY UNDER RWES DHENKANAL. |
| 2 | Estimated Cost | 50.332 Lakhs (Excluding GST) |
| 3 | Period of Completion | 120 Days |
| 4 | Bid Identification No. | SERWELBBSR-01/2025-26 |
| 5 | Date and time of availability of bid documents in the portal | From Dt.25.08.2025 at 12.30 PM to Dt.09.09.2025 upto 5.00 PM |
| 6 | Date & Time of opening of Tender | Dt.10.09.2025 at 11.30 AM |
| 7 | Date & Time of opening of Financial bid | To be intimated later on. |
| 8 | Procurement officer/ Name and address of the Officer Inviting Bids | Superintending Engineer, R.W. Elect. Circle, BBSR, MI Colony, Unit-9 (Flat), BBSR-22 |

Further detail can be seen from the Govt. Website www.tenderorissa.gov.in

Sd./- Superintending Engineer
OIPR-25192/11/0002/2526 Rural Works Electrical Circle, Bhubaneswar

See Career Appointment on every Wednesday & Saturday

## INVITATION FOR BIDS (IFB)

BID IDENTIFICATION NO.02/2025-26

**No.i-280:** Block Development Officer, Tihidi, Bhadrak on behalf of the Panchayat Samiti, Tihidi invites Bids in single sealed cover system to be eventually drawn up in PWD form P1 for the works as detailed in the table below from eligible contractors of equivalent grade/class registered with the Central Govt./ State Govt./MES/Railways for execution of civil works. One bidder can submit one bid only for a particular work. The cover containing the bid should be superscribed as TENDER FOR THE WORK "name of the work as the case may be". Bid documents consisting of specifications, the schedule of quantities and the set of terms & conditions of contract, Annexure / Schedules/Forms/Proforma and other necessary documents can be downloaded from the website https://bhadrak.odisha.gov.in within the period stipulated. The receipt of the tender documents shall start from Dt.20.08.2025 upto Dt.02.09.2025 during office hours in the office of the undersigned. Bids so received shall be opened at 03.30 P.M. on dt.03.09.2025 in the Office of the Panchayat Samiti, Tihidi in presence of the bidders or their authorised representatives who wish to attend thereof. In case the office happens to be closed on the stipulated date of opening of the Bids as specified the bids will be opened on the next working day at the same time and venue.

| Sl. No. | Name of the Work | Amount put to Tender (Rs.) | EMD (Rs.) | Time for Completion | Class of Contractor | Cost of Documents (Rs.) |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1 | CONSTRUCTION OF NON-RESIDENTIAL BUILDING (1st FLOOR) AT BLOCK HEAD QUARTERS, TIHIDI | Rs.22,13,417 | Rs.22,134 | 06 Calendar Months | B & C | Rs.6,000 |
| 2 | CONSTRUCTION OF JUBILEE HALL CUM CLASS ROOM, EXAMINATION HALL, SCIENCE LABORATORY (1st FLOOR) AT R.N. HIGH SCHOOL, DOLASAHI | Rs.12,27,540 | Rs.12,275 | 06 Calendar Months | C & D | Rs.6,000 |
| 3 | CONSTRUCTION OF TOILET AND BOUNDARY WALL OF AWC ATTACHED TO GOPA MAHALIK SAHI PRY. SCHOOL | Rs.9,48,749 | Rs.9,487 | 06 Calendar Months | C & D | Rs.4,000 |

OIPR-19115/11/0003/2526 Sd./- Block Development Officer, Tihidi

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE,SUNDARGARH

No.O-601
AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com
No.Tender Online-RWCCESNG-10 of 2025-26, Letter No.1995/ Dtd.14.08.2025

### e-Procurement Notice

1. Type of the Work: Bridge Work. 2. Class of Contractor: As specified in the column-7 of the Annexure. 3. Time of Completion: As specified in the column-6 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-5 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-10 of 2025-26 | 25.08.2025 11.00 AM | 09.09.2025 5.00 PM | 08.09.2025 5.00 PM | 10.09.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
OIPR-25133/11/0062/2526 Rural Works Circle, Sundargarh

## GOVERNMENT OF ODISHA OFFICE OF THE ENGINEER-IN-CHIEF, PUBLIC HEALTH, ODISHA, BHUBANESWAR

No.C-911
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB) Dtd.12.08.2025

| Sl. No. | Name of Work | Bid Identification No. | Estimated Cost (Rs.in Lakh) | Class of Contractor | Period of Completion | Availability of Bid document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Improvement of Water Supply to Paradeep Municipality under BASUDHA | EICPH-02/ 2025-26 | 1408.05 | 'A' Class & Special Class | 18 (Eighteen) Months | 11.00 Hrs. of 22.08.2025 | 17.00 Hrs. of 12.09.2025 |

Name & Address of Officer Inviting Bid : The Engineer-In-Chief (PH), Office of the Engineer-in-Chief, PH, 1st Floor, Unnati Bhawan, Satyanagar, Bhubaneswar,Odisha-751007 Phone:#91-674-2575309, e-mail: eicphodisha@gmail.com

- Further details can be seen from the e-procurement portal **"https://www.tendersodisha.gov.in"**
- **All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.**

OIPR-10243/11/0002/2526 Sd./- ENGINEER-IN-CHIEF (PH)

## E-Procurement cell Office of the Executive Officer Nagar Panchayat Mahagama, Jharkhand,Urban Development & Housing Department

8th Call

**e-procurement Notice**
**Very short E-Tender notice**
**NIT No. – RE-UDD/NPM/05/2024-25, Date:-19-08-2025**

| Sl. No | E-TENDER REF NO. | NAME OF WORK | TENDER VALUE | TIME OF COMPLETION | EARNEST MONEY DEPOSIT | BID DOCUMENT FEES |
|---|---|---|---|---|---|---|
| 1 | UDD/NPM/05/2024-25 | Construction & Commissioning of Faecal Sludge Treatment Plant of Capacity 4 KLD at Mahagama town (Jharkhand) followed by Operation and Maintenance including desludging operations for 5 years | Construction Cost: ₹ 1,95,75,938.00; Operation & Maintenance Cost: ₹ 85,75,397.00; Total: ₹ 2,81,51,335.00 | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP s | ₹ 2,81,500 | ₹ 10,000/- (Rupees Ten Thousand Only); non-refundable |
| 2 | Date of Publication of tender on website | | | 25-08-2025 | | |
| 3 | Closing date and time for receipt of tender on website | | | 06-09-2025 Up to 03:00 PM | | |
| 4 | Opening date and time of opening of technical bid | | | 08-09-2025 Up to Up to 05:00 PM | | |
| 5 | Name and address of office inviting tender | | | Office of Executive Officer, Nagar Panchayat Mahagama. | | |
| 6 | Helpline number of e-procurement cell | | | +91 9891351803 | | |

NOTE: AUTHORITY RESERVES THE RIGHT TO CANCEL TENDER WITHOUT ASSIGNING ANY REASON THEREOF. FURTHER DETAILS CAN BE SEEN ON WEBSITE **http://jharkhand tenders.gov.in**

Executive Officer
PR 359829 Urban Development(25-26).D Nagar Panchayat Mahagama

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-Mail ID: serw_balasore@yahoo.in, Ph.No.-06782/260318, Balia, Balasore

### "e" Procurement Notice for Bridge Work

Identification No.Online Tender- Bridge NCB No. 24 of 2025-26
Letter No. 2893/ WE Date:16.08.2025

**No.O-609:** 1. Name of the Work: Bridge Works. 2. Total No. of Work: As per annexure. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No-24 of 2025-26 | 25.08.2025 at 11.00 AM | 09.09.2025 Upto 5.00 P.M. | 08.09.2025 upto 5.00 P.M. | 10.09.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in**

Sd./- Er. Durjyodhan Behera
OIPR-25105/11/0072/2526 Chief Construction Engineer, R.W. Circle, Balasore

## Govt. of Jharkhand OFFICE OF THE EXECUTIVE ENGINEER

Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

### e-Procurement very Short Notice

e-Tender Reference No .-RCD/FSD/AP/ RAN/09/25-26 Dated 18.08.2025

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report for Widening and Strengthening/Reconstruction of **1) Kajra more (PWD road) to Pabiya (A.D.B road) via Mohanpur, Bena, Kashitand Road 2) Asanhariya (PWD road) to Basti Palajori (A.D.B road) via Laibani, Nawakol Road. 3) Karmatand bazar bypass Road** including replacement of culverts and bridges, proposal of new culverts and bridges etc., complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Jamtara District in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 35 Km |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand)(Non-Refundable) through online mode only. **EMD :-** Rs 70,000/- (Rupees Seventy Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 21.08.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 28.08.2025, 12.30 PM |
| 7- | Date and Timing of Bid opening | 29.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

Executive Engineer
Field Survey Division, A.P
PR 359851 Road (25-26)_D Road Construction Department, Ranchi

## ସାପ କାମୁଡ଼ାରେ ମହିଳା ମୃତ

ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର)କଟକ ଜିଲା ମାହାଙ୍ଗା ଭଦ୍ରେଶ୍ୱର ନାହାଙ୍ଗ ପଞ୍ଚାୟତ ବାଲିପଡା ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାହାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାଲିପଡା ଗ୍ରାମର ମନୋଜ କୁମାର ବାରିକଙ୍କ ସ୍ତ୍ରୀ ନିର୍ମଳା ବାରିକ(୪୦)। ରାତିରେ ଘରେ ଶୋଇଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନିର୍ମଳାଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ବାଲିପଡା ଗ୍ରାମଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ସ୍ଥାୟୀ ନିଯୁକ୍ତି ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ

### ମହାବିଦ୍ୟାଳୟ ଅସ୍ଥାୟୀ ଅଧ୍ୟାପକ, କର୍ମଚାରୀ ସଂଘ

ସାଲେପୁର/ବାଙ୍କୀ,୧୯।୮ (ଅରବିନ୍ଦ ଭୂୟାଁ/ଶୁଭେନ୍ଦୁ ମହାପାତ୍ର): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ମଙ୍ଗଳବାର ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାରୀ ପରିସରଭୁକ୍ତ କରିବା ସହ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ପାଇଁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ସମାନ କାମକୁ ସମାନ ଦରମା ଏହି ନୀତି ଆଧାରରେ ସରକାର ଯଥାଶୀଘ୍ର ସେମାନଙ୍କର ଦାବି ଶୁଣିବେ ବୋଲି ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସଦସ୍ୟମାନେ ଆଶାବ୍ୟକ୍ତ କରିଛନ୍ତି। ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଆନ୍ଦୋଳନରେ ସାମିଲ ହୋଇ ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ମତ ଦେଇଛନ୍ତି। ଆନ୍ଦୋଳନରେ ସଂଘ ସଭାପତି ହରପ୍ରିୟା ସାଁ, ସମ୍ପାଦକ ସଞ୍ଜୟ ନାୟକ, ଅଜୟ କୁମାର ଦାସ, ସିଦ୍ଧାନ୍ତ ନାୟକ, ରଞ୍ଜନ କୁମାର ସାମଲ, ଚିନ୍ମୟ ରଞ୍ଜନ ଭୂୟାଁ, ରୋଜାଲିନ ସାହୁଙ୍କ ସମେତ ବହୁ କର୍ମଚାରୀ ଓ ଅଧ୍ୟାପକ ଉପସ୍ଥିତ ଥିଲେ। ସେହିପରି ଅଂଶୁପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପରୋକ୍ତ ଦାବିରେ କଲମ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଯେ ପର୍ଯ୍ୟନ୍ତ ସରକାର ଦାବି ପୂରଣ ନ କରିଛନ୍ତି ସେପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମ ଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ଶୁଭଶ୍ରୀ ପଟ୍ଟନାୟକ, ସୁପ୍ରଭା ମହାରଣା, ସୁଧୀର କୁମାର ସ୍ୱାଇଁ, ପ୍ରେମାନନ୍ଦ ବାରିକ, ନରେଶ ସ୍ୱାଇଁ, ପଦ୍ମଲୋଚନ ଗୋଛି, ବିଶ୍ୱଜିତ୍ ମନ୍ତ୍ରୀ, ସ୍ମିତାଞ୍ଜଳି ମହାନ୍ତି, ମହେଶ୍ୱର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଏନ୍ଏସି ମାନ୍ୟତା ଦାବିରେ ୮ ଘଣ୍ଟିଆ ସାଲେପୁର ବନ୍ଦ

### ଦୋକାନ, ବଜାର, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ବନ୍ଦ କଲେ ବିଜେଡି କର୍ମୀ



ସାଲେପୁର କୁଆଁପାଳ ଛକରେ ବିଧାୟକ ପ୍ରଶାନ୍ତ ବେହେରା ଓ ବିଜେଡି କର୍ମୀମାନେ ରାସ୍ତା ଅବରୋଧ କରିଛନ୍ତି।

ସାଲେପୁର,୧୯।୮(ଅରବିନ୍ଦ ଭୂୟାଁ): ରାଜ୍ୟ ସରକାର ୭ ଜିଲାର ୧୨ ବ୍ଲକକୁ ଏନ୍ଏସି ମାନ୍ୟତା ଦେବା ପାଇଁ ଘୋଷଣା କରିଛନ୍ତି। ମାତ୍ର କଟକ ଜିଲାର ସାଲେପୁର ସହର ସେଥିରୁ ବାଦ୍ ପଡ଼ିଛି। ଏହାର ପ୍ରତିବାଦ କରିବା ସହ ସାଲେପୁରକୁ ଏନ୍ଏସି ମାନ୍ୟତା ଦେବାକୁ ଦାବି କରି ମଙ୍ଗଳବାର ବିଜେଡି ପକ୍ଷରୁ ୮ ଘଣ୍ଟିଆ ସାଲେପୁର ବନ୍ଦ କରାଯାଇଥିଲା। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏହାର ନେତୃତ୍ୱ ନେଇଥିଲେ। ଏନେଇ ମଙ୍ଗଳବାର ସକାଳ ୬ ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ ସ୍କୁଲ, କଲେଜ ଓ କାର୍ଯ୍ୟାଳୟ ଆଦି ବନ୍ଦ ରହିଥିଲା। ବିଧାୟକ ବେହେରାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ସାଲେପୁରର କୁଆଁପାଳ ଛକରେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ବିଧାୟକଙ୍କ ସହ ବହୁ ବିଜେଡି କର୍ମୀ ଓ ସାଧାରଣ ଲୋକ ଏଥିରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ବିଧାୟକ ବେହେରା କର୍ମୀମାନଙ୍କ ସହ ଓଦା ହୋଇ ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନରେ ସାଲେପୁରର ବ୍ୟବସାୟୀ, ଅଞ୍ଚଳବାସୀ ଏବଂ ବିଭିନ୍ନ ସଙ୍ଗଠନର କର୍ମୀ ଯୋଗ ଦେଇଥିଲେ।

ସାଲେପୁର ବହୁ ପୁରାତନ ସହର ହୋଇଥିବା ବେଳେ ରାଜନୈତିକ ଆକ୍ରୋଶ ମନୋଭାବ ରଖି ବିଜ୍ଞପ୍ତି ଅଞ୍ଚଳ ପରିଷଦ ତାଲିକାରୁ ବାଦ୍ ଦିଆଯାଇଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ପୂର୍ବ ସରକାର ସାଲେପୁରକୁ ଏନ୍ଏସି ମାନ୍ୟତା ପ୍ରଦାନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ଏବେ କେଉଁ ମାନଦଣ୍ଡ ଆଧାରରେ ତାଲିକାରୁ ବାଦ୍ ଦିଆଯାଇଛି, ତାହାର ଜବାବ ସରକାରଙ୍କୁ ବିଧାୟକ ବେହେରା ଦାବି କରିଛନ୍ତି। ସାଲେପୁରକୁ ଏନ୍ଏସି ଘୋଷଣା କରାନଯିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ବିଧାୟକ ବେହେରା ପ୍ରକାଶ କରିଛନ୍ତି। ଏଥିରେ ପୂର୍ବତନ ଆମ୍ବ କମିଟି ସଭାପତି ତଥା ବରିଷ୍ଠ ବିଜେଡି ନେତା ଦିଲୀପ କୁମାର ଦାଶ, ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବିଜେଡି କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ଯୁବ ବିଜେଡି ସଭାପତି ସଂଜିତ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ ଦାଶ, କଟକ ଜିଲା ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ସୌମ୍ୟରଞ୍ଜନ ମଲ୍ଲ, ରମାକାନ୍ତ ଷଡ଼ଙ୍ଗୀ, ରାଜେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ମାହାଙ୍ଗାରେ ବିନିଯୋଗ ନିଶ୍ଚିନ୍ତକୋଇଲି ବ୍ଲକ ଅନୁଦାନ

### ବିଡିଓଙ୍କ ନିକଟରେ ୱାର୍ଡ ସଭ୍ୟଙ୍କ ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୯।୮(ଅଶୋକ କୁମାର ମହାପାତ୍ର): ପଞ୍ଚାୟତିରାଜ ବିଭାଗରେ ସ୍ୱଚ୍ଛତା ପାଇଁ ବିଭାଗୀୟ ମନ୍ତ୍ରୀ ବାରମ୍ବାର ତାଗିଦା କରୁଥିବା ବେଳେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଆଇନ ବାଟବଣା ହୋଇଛି। ଏହିରେ ଏହି ବ୍ଲକ ଅଧୀନସ୍ଥ କନିକତା ପଞ୍ଚାୟତର ରାମଗଡ଼ା ଗ୍ରାମର ରାସ୍ତା ନିର୍ମାଣ ପାଇଁ ବ୍ୟୟ ବରାଦ ଟଙ୍କା ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତ ବଡ଼ଲା ଗ୍ରାମରେ ବିନିଯୋଗ ହୋଇଥିବା ଅଭିଯୋଗ ହୋଇଛି। କନିକତା ପଞ୍ଚାୟତ ଅନ୍ତର୍ଗତ ୪ନଂ. ୱାର୍ଡ ସଭ୍ୟ ରଞ୍ଜନ କୁମାର ମିଶ୍ର ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ କନିକତା ଗ୍ରାମପଞ୍ଚାୟତରେ ଏକ ଉନ୍ନତ ରାସ୍ତା ନିର୍ମାଣ ପାଇଁ ୧ଲକ୍ଷ ୬୧ହଜାର ୨୯୦ ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅନୁଦାନ ପଞ୍ଚମ ଏସ୍ଏଫସିରେ ମଞ୍ଜୁର କରାଯାଇଥିଲା। ଏହିପ୍ରକଳ୍ପର କାର୍ଯ୍ୟାଦେଶ ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଦିଆଯାଇଥିବା ସୂଚନା ଫଳକରେ ଦର୍ଶାଯାଇଛି। ପ୍ରକଳ୍ପର ନାମ ନାହାର ରଞ୍ଜନ ସେନାପତି ଘରଠାରୁ ସୁବାସ ନାୟକ ଘର ପର୍ଯ୍ୟନ୍ତ କଙ୍କ୍ରିଟ୍ ରାସ୍ତା ବୋଲି ଦର୍ଶାଯାଇଛି। ମାତ୍ର ବ୍ଲକ ପ୍ରଶାସନ ତରଫରୁ ଚଞ୍ଚକତା କରାଯାଇ ଏହି ଅନୁଦାନକୁ ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ଲା ରାଜସ୍ୱ ଗ୍ରାମର ଖାତା ନଂ. ୪୨୮, ପ୍ଲଟ ନଂ. ୧୨୬୭ ଓ ୧୨୬୫ର ଜମିଉପରେ ଉନ୍ନତ ରାସ୍ତା ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ପ୍ଲଟ ନଂ.୧୨୬୫ ଜଣେ ବ୍ୟକ୍ତିଙ୍କ ଦଖଲରେ ଥିବା ବେଳେ ପ୍ଲଟ ନଂ. ୧୨୬୭ ଏକାଧିକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ମାଲିକାନାରେ ରହିଥିବା ଅଭିଯୋଗ ହୋଇଛି। ତେବେ ନିଶ୍ଚିନ୍ତକୋଇଲି ବ୍ଲକ ଅନୁଦାନ ମାହାଙ୍ଗା ବ୍ଲକରେ କିପରି ବିନିଯୋଗ ହେଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗରେ ବିଡିଓ କୁହନ୍ତି ଉକ୍ତ କାର୍ଯ୍ୟର ବିଲ ହୋଇନାହିଁ। ଅଭିଯୋଗ ମିଳିବା ପରେ ରାଜସ୍ୱ ବିଭାଗ କର୍ମଚାରୀଙ୍କ ସହାୟତାରେ ଏହାର ତଦନ୍ତ କରାଯିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।

## ୨୩ରେ ଜୋନସ୍ତରୀୟ ପ୍ରତିଯୋଗିତା

### ବାଙ୍କୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାଙ୍କୀ,୧୯।୮( ଶୁଭେନ୍ଦୁ ମହାପାତ୍ର ): ବାଙ୍କୀ ମହୋତ୍ସବ ପାଇଁ ସରଣ୍ଡା ଜୋନରେ ଏକ ପ୍ରସ୍ତୁତି ବୈଠକ ଅଂଶୁପା ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ମହୋତ୍ସବ କମିଟି ଉପଦେଷ୍ଟା ପ୍ରଭାତ କୁମାର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଅକ୍ଟୋବର ୭ରୁ ବାଙ୍କୀ ମହୋତ୍ସବ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାକୁ କିପରି ସରସସୁନ୍ଦର କରିହେବ ସେ ଉପରେ ବିଶେଷ ଆଲୋଚନା ହୋଇଥିଲା। ୨୩ ତାରିଖରେ ଜୋନସ୍ତରୀୟ ବକ୍ତୃତା, ରଚନା ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ମହୋତ୍ସବର ଗୌପ୍ୟବର୍ଷ ଉତ୍ସବ ପାଳନ ଉପଲକ୍ଷେ ଏକ ଲୋଗୋ ଉନ୍ମୋଚନ କରାଯାଇଥିଲା। ମହୋତ୍ସବ ନିମନ୍ତେ ଚଳିତ ଥର ମଶାଲ ଶୋଭାଯାତ୍ରା ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ, ସଂଯୋଜକ ଆର୍ତ୍ତବନ୍ଧୁ ବେହେରା, ପୂର୍ବତନ ସରପଞ୍ଚ ପ୍ରଦୀପ ବେହେରା, ତରୁଣ ମହାପାତ୍ର, ପୂର୍ବତନ ଜିଲା ପରିଷଦ ମାନସ ମହାପାତ୍ର, ବେଣୁଧର ଦାଶ, ମଙ୍ଗରାଜ ଦଳେଇ ଓ କଦଳୀବାଡ଼ି ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ଖଟୁଆଙ୍କ ସମେତ ସରଣ୍ଡା ଜୋନର ସାତ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଂଜିନିୟର/କୋଅର୍ଡ଼ିନେସନ, ଖୋର୍ଦ୍ଧା ରୋଡ଼ ଦ୍ୱାରା ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ... ଟେଣ୍ଡର ଫର୍ମର ମୂଲ୍ୟ: ଶୂନ। ... ବିସ୍ତୃତ ବିବରଣୀ ପାଇଁ ୱେବସାଇଟ୍ http://www.ireps.gov.in ରେ ଦେଖନ୍ତୁ। ... ଆମକୁ ଫଲୋ କରନ୍ତୁ: @EastCoastRail

(PR-535)

## OFFICE OF THE EXECUTIVE ENGINEER
## ROAD CONSTRUCTION DEPARTMENT
## ROAD DIVISION, DUMKA

### 4th CORRIGENDUM

TENDER REFERENCE No.- RCD/DUMKA/975

9. The monthly rate of hire charge excluding GST and fuel should be quoted separately in the prescribed Application Format (General Information for Hiring Vehicles- Annexure-II).
10. The vehicle must achieve a fuel efficiency of at least 10 kms per hire.
11. The details of the Make and year of manufacture of the vehicle, Registration Number, mileage (Kms. covered per litre) and name of the Driver with Driving License No. and period of validity should be specifically provided in the Application Format (General Information for Hiring Vehicles - Annexure-II).
12. Quotation Call Notice can be cancelled at any time without assigning any reasons thereof.

Sd./- Deputy Director Research
R.D & Q.P. (R&B), Bhubaneswar
OIPR-34167/11/0006/2526

## GOVERNMENT OF ODISHA OFFICE OF THE PROJECT ADMINISTRATOR, ITDA, Th. Rampur at Bhawanipatna

e-Procurement Notice

Letter No.1891/ Date 18.08.2025

No.CAD-1507:The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works, BID documents consisting of details of work, estimated cost, cost of tender paper, EMD, Time of completion, Class of Contractor, Set of Terms and Conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his/her own Digital Signature Certificate (DSC).

1. No. of Works: 4
2. Nature of Work : Civil Construction
3. BID Identification No.: ITDA, THR-02/2025-26
4. Date and Time of availability of Bid document in portal: From 11.00 AM of 19.08.2025 to 04.09.2025 upto 5.00 P.M. for online bidding.
5. Last date & time for receipt of BIDs in portal: 04.09.2025 upto 5.00 P.M.
6. BIDs received online shall be opened on: 10.09.2025 at 11.00 A.M.
7. Name and address of the Officer: Project Administrator, ITDA, Th. Rampur at Bhawanipatna.

Sd./- Project Administrator
OIPR-19449/11/0001/2526 ITDA, Th. Rampur, Bhawanipatna

## OFFICE OF THE DIVISIONAL FOREST OFFICER, DHENKANAL FOREST DIVISION

Tele Fax No.: 06762-226717, e-mail Id: dfo.dhenkanal@odisha.gov.in

No. 507/1F-Accounts-2025/ Dt.18.08.2025

CORRIGENDUM No. - 01

No. MM-162: In partial modification to this office Bid Identification No. DFO-DKL-03/2025-26 Dt.11.08.2025 the following changes have been made due to unavoidable circumstances.

1. The date of receive of tender will be held on Dt.21.08.2025 at 17.30 Hrs. instead of 21.08.2024 at 17.30 Hrs. & 15.10.2024 at 5.30 P.M.
2. Gajasathia (Logistics & Equipment-Uniform) marking system Sl. No. 01 Bidders experience "The bidder should have supplied T-shirt to any Govt. Department of Odisha instead of Torch light".

All others terms and conditions are remained unchanged.

Sd./- Divisional Forest Officer
OIPR-08037/11/0022/2526 Dhenkanal Division

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, JAGATSINGHPUR

1st Corrigendum

No. O-616: Corrigendum to tender Online 01 of 2025-26 invited by the Superintending Engineer, Rural Works Division, Jagatsinghpur vide Letter No. 5400 Dtd.23.07.2025. The critical date has been changed are as follows due to unavoidable circumstances.

New Critical Dates:

| | | | |
|---|---|---|---|
| 1 | Date & time of availability of Bid documents in the portal | : | 19.08.2025 at 10.00 Hrs. |
| 2 | Last date & time for receipt of Bids in the portal | : | 29.08.2025 at 17.00 Hrs. |
| 3 | Date of Opening of Tender | : | 30.08.2025 at 11.00 Hrs. |
| 4 | Name and address of the Officer Inviting Bid | : | O/o. the Superintending Engineer, Rural Works Division, Jagatsinghpur |

All other terms & condition are remain unchanged.

Sd./- Executive Engineer
OIPR-25056/11/0017/2526 Rural Works Division, Jagatsinghpur

## OFFICE OF THE SUPERINTENDING ENGINEER DHENKANAL (R&B) DIVISION,DHENKANAL

Email- eedklpwd@gmail.com

INVITATION FOR BIDS THROUGH e-Procurement

Bid Identification No.SEDKL (R&B) 18/2025-26

No.B-419: Invitation For Bids

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of Work | : | 1 No. Road Works |
| 3. | No. of Work | : | 01 No. |
| 4. | Bid Cost | : | Rs.6,000/- |
| 5. | Class of Contractor | : | 'B' License |
| 6. | Availability of Bid documents in the website | : | From 10.00 AM of 25.08.2025 to 5.00 PM of 08.09.2025 |
| 7. | Date of Opening of Bid | : | Dt.09.09.2025 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Superintending Engineer
OIPR-34016/11/0052/2526 Dhenkanal (R&B) Division

## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
## OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA

Phone No.0661-2664637, Fax No.0661-2664638
e-mail:dfo.rourkela@odisha.gov.in
Notice No.207/Date 18.08.2025

TENDER CALL NOTICE FOR "SUPPLY OF HDPE HEXA NET GABION OF SIZE (HEIGHT 5 FT, WITH 2 FT, DIAMETER (TUBULAR IN SHAPE) OF 500 GSM)"

No.MM-161:Sealed tenders are invited under Two-Bid system from reputed Manufacturer, Suppliers, Dealers and Individuals for **"SUPPLY OF HOPE HEXA NET GABION OF SIZE (HEIGHT 5FT. WITH 2FT. DIAMETER (TUBULAR IN SHAPE) OF 500 GSM"** to Rourkela Forest Division on terms & Conditions mentioned in the standard bid documents. The standard bid documents and terms & condition can be downloaded from **www.dforourkela.in/www.sundargarh.odisha.gov.in/www.Odishaforest.in** and also can be obtained from Office of the Divisional Forest Officer, Rourkela Forest Division, Panposh from **19.08.2025 to 29.08.2025** to during office hours. Please visit aforesaid website for more details.

**Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.**

Sd./- (Tender Calling Authority)
Divisional Forest Officer,
OIPR-08044/11/0038/2526 Rourkela Forest Division

## GOVERNMENT OF ODISHA OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA

'e' Procurement Notice

Bid Identification No. SE MID JSD 05/2025-26
E-mail : eemijharsuguda@gmail.com
No.2222 // MID // date. 16.08.2025

No.A-526 : The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailoed in the table below.

| | | | |
|---|---|---|---|
| 1. | Name of the works | : | Civil Construction work |
| 2. | Total No. of works | : | **03 (Three) Nos.** |
| 3. | Estimated Cost (Detail list of work annexed) | : | **Rs.52.53 Lakh to Rs.62.15 Lakh** |
| 4. | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date & time of Availability of Bid Document in the Portal | : | **21.08.2025 to 04.09.2025 during office hours** |
| 7. | Last date/Time for receipt of Bid in the Portal | : | **04.09.2025 during office hours** |
| 8. | Date/Time of Opening of Technical Bid | : | **06.09.2025 at 10.00 A.M.** at Office of the S.E., MI Divn. Jharsuguda |
| 9. | Date/Time of Opening of Financial Bid | : | **10.09.2025 at 10.00 A.M.** |
| 10. | Lottery Date (if necessary) | : | 16.09.2025 at 11.30 A.M. at O/o the Superintending Engineer M.I. Division, Jharsuguda |
| 11. | Name & Address of the Officer Inviting the Bid | : | Superintending Engineer, M.I. Division, Jharsuguda |
| 12. | Mode of Payment of Bid Cost & Bid Security | : | **Online** |

Sd./- Superintending Engineer
M.I. Division, Jharsuguda
OIPR-32291/11/0014/2526

## ODISHA UNIVERSITY OF AGRICULTURE & TECHNOLOGY, BHUBANESWAR-3

Letter No. ACD-1/ADM-0010/2022-25/15324/UAT Dt.19th, August, 2025

NOTICE

SPOT COUNSELING & ADMISSION INTO DIPLOMA IN AGRO-POLYTECHNIC COURSES 2025-26

No.KK-197 : Admission into Diploma in different Agro-polytechnic courses shall be held against 80 vacant seats for the Academic Session 2025-26. Interested candidates are informed to report on 30th August, 2025 between 9.30 AM to 10.00 AM positively in Assembly Hall of College of Agriculture, OUAT, Bhubaneswar-3 with all required documents & demand draft as mentioned in the guidelines for spot counseling and admission available in OUAT website.

Candidates awarded rank in the Diploma admission process-2025-26 as well as fresh candidates can participate on spot counseling & Admission process. The detail guidelines with eligibility and documents required for spot counseling and admission is available in OUAT website www.ouat.ac.in(Academic section>admission section).

Candidates are advised to visit OUAT website for
i) Detailed spot counseling & Admission Notice with vacant seat position 2025-26.
ii) Guidelines for Spot counseling and admission in Diploma in Agro-polytechnic, OUAT-2025

OIPR-01533/11/0015/2526 Sd./- REGISTRAR

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ଆଦି
ପରିବାରବର୍ଗ


ପ୍ରଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୟୁକେରେ ବ୍ୟବସାୟ କରିବା ଉପରେ ଅଧିକ ଧ୍ୟାନ ଦେଉଛି ନାଲ୍କୋ: ବ୍ରିଜେନ୍ଦ୍ର

ଭୁବନେଶ୍ୱର, ୧୯।୮ (ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ ନାଲ୍କୋର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

- ଆମେରିକାର ଟାରିଫ ବୃଦ୍ଧି କୌଣସି ପ୍ରଭାବ ପକାଇବନି
- ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ରାଜସ୍ୱ ୩୮୦୭ କୋଟି ଥିଲା
- କ୍ୟାପ୍ଟିଭ ପାୱାର ପ୍ଲାଣ୍ଟରେ କମ୍ପାନୀର ୧୦ରୁ ୧୧ ହଜାର କୋଟି ଟଙ୍କା ନିବେଶ ଲକ୍ଷ୍ୟ
- ଅନୁଗୋଳ ସ୍ମେଲ୍ଟର ପ୍ଲାଣ୍ଟର ସମ୍ପ୍ରସାରଣ ହେବ
- କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ କ୍ଷମତା ମଧ୍ୟ ବଢ଼ିବ

ଆମେରିକା ଦ୍ୱାରା ସମ୍ପ୍ରତି ଶୁଳ୍କ ବୃଦ୍ଧି ବ୍ୟବସାୟ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍କୋ। ୟୁନାଇଟେଡ୍ କିଙ୍ଗଡମ୍(ୟୁକେ) ବା ବ୍ରିଟେନ୍‌ରେ ଶୂନ୍ୟ ଶୁଳ୍କ ରହିଥିବାରୁ କମ୍ପାନୀ ସେଠାରେ ବ୍ୟବସାୟକରିବା ଉପରେ ଅଧିକ ଧ୍ୟାନ ଦେଉଛି ବୋଲି ନାଲ୍କୋ ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି। ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରିଜେନ୍ଦ୍ର କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀର ସ୍ୱତନ୍ତ୍ର ନେଟ୍ ଲାଭ ୭୭% ବୃଦ୍ଧି ପାଇ ୧,୦୬୪ କୋଟି ଟଙ୍କାରେ ପହଞ୍ଚିଛି। ଗତ ବର୍ଷର ପ୍ରଥମ ତ୍ରୈମାସିକରେ ୬୦୧ କୋଟି ଟଙ୍କା ରେକର୍ଡ କରାଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ରାଜସ୍ୱ ୩,୮୦୭ କୋଟି ଟଙ୍କା ଥିଲା। ନାଲ୍କୋ ବିଭିନ୍ନ ପ୍ରକଳ୍ପର ସମ୍ପ୍ରସାରଣ କରିବ। ଏହାର ସ୍ମେଲ୍ଟର କ୍ଷମତା ବୃଦ୍ଧି ଲାଗି ୧୭ରୁ ୨୦ ହଜାର କୋଟି ଟଙ୍କା ବିନିଯୋଗ ହେବ। ସେହିଭଳି କ୍ୟାପ୍ଟିଭ ପାୱାର ପ୍ଲାଣ୍ଟରେ କମ୍ପାନୀ ୧୦ରୁ ୧୧ ହଜାର କୋଟି ଟଙ୍କା ନିବେଶ କରିବା ଲକ୍ଷ୍ୟ ରଖିଛି ବୋଲି କମ୍ପାନୀ ସିଏମ୍‌ଡି ବ୍ରିଜେନ୍ଦ୍ର କହିଛନ୍ତି। ଦାମନଯୋଡ଼ି ଆଲୁମିନା ରିଫାଇନେରିର ୫ମ ଷ୍ଟ୍ରିମ୍ ସମ୍ପ୍ରସାରଣ ଲକ୍ଷ୍ୟ ରହିଛି। ଦୀର୍ଘ ମିଆଦୀ ଅଭିବୃଦ୍ଧି କଞ୍ଚାମାଲ ସୁରକ୍ଷା ଲାଗି ପଟାଙ୍ଗୀ ବକ୍ସାଇଟ୍ ଖଣିକୁ କାର୍ଯ୍ୟକ୍ଷମ କରିବାକୁ ଯୋଜନା ହେଉଛି। ସେହିଭଳି ଅନୁଗୋଳ ସ୍ମେଲ୍ଟର ପ୍ଲାଣ୍ଟର ସମ୍ପ୍ରସାରଣ ହେବ। କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ କ୍ଷମତା ମଧ୍ୟ ବଢ଼ିବ ବୋଲି ସେ କହିଛନ୍ତି।

ବ୍ରିଜେନ୍ଦ୍ର ଆହୁରି କହିଛନ୍ତି, ବିଦ୍ୟୁତ୍‌ଚାଳିତ ଯାନ ଏବଂ ସୌର ପ୍ୟାନେଲ ନିର୍ମାଣ ପାଇଁ ବ୍ରିଟେନ ବଜାରରେ ଚାହିଦା ରହିଛି, ଯାହା ଆଲୁମିନିୟମ ଉପରେ ଅତ୍ୟଧିକ ନିର୍ଭରକରେ। ଏହା ବ୍ରିଟେନରେ ଆମର ଉପସ୍ଥିତି ବିସ୍ତାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ଆମେରିକାର ଟାରିଫ୍ ବୃଦ୍ଧି କମ୍ପାନୀର ବ୍ୟବସାୟ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଆମେ ବ୍ରିଟେନରେ ବ୍ୟବସାୟ ବୃଦ୍ଧି ପାଇଁ ଧ୍ୟାନ ଦେଉଛୁ, ସେଠାରେ ଶୂନ ଶୁଳ୍କ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ, ଘରୋଇ ବଜାରରେ ନାଲ୍କୋ ଆଲୁମିନା ଏବଂ ଆଲୁମିନିୟମର ସର୍ବାଧିକ ବିକ୍ରୟ ହୋଇଛି। ଆସନ୍ତା ଜୁନ୍ ସୁଦ୍ଧା ଓଡ଼ିଶାର କୋରାପୁଟ ଜିଲାରେ କମ୍ପାନୀ ଏହାର ପଟ୍ଟାଙ୍ଗି ବକ୍ସାଇଟ୍ ଖଣିର କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ରଖିଛି। ପଟ୍ଟାଙ୍ଗି ବକ୍ସାଇଟ୍ ଖଣି ପାଇଁ ଜିଓ-ଟେଣ୍ଡରିଂ ଚଳିତ ବର୍ଷ ସେପ୍ଟେମ୍ବର କିମ୍ବା ଅକ୍ଟୋବର ସୁଦ୍ଧା ପ୍ରଦାନ କରାଯିବ। ଖଣି ଆସନ୍ତା ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି ବୋଲି ସେ କହିଛନ୍ତି। ୬୯୭.୯୭୯ ହେକ୍ଟର ଜମିରେ ବିସ୍ତାରିତ ଏହି ଖଣି ବ୍ଲକ୍‌ରେ ବାର୍ଷିକ ଉତ୍ପାଦନ କ୍ଷମତା ୩.୫ ନିୟୁତ ଟନ୍ ଏବଂ ଏହାର ଆନୁମାନିକ ରିଜର୍ଭ ୧୧୧ ନିୟୁତ ଟନ୍ ରହିଛି। କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ଆଶୁତୋଷ ରଥ କହିଛନ୍ତି, ଖଣିକୁ କାର୍ଯ୍ୟକ୍ଷମ କରିବା ପାଇଁ ନାଲ୍କୋ ୧,୯୬୧ କୋଟି ଟଙ୍କା ନିବେଶ କରିବ। ବର୍ତ୍ତମାନ ନାଲ୍କୋ ପଞ୍ଚପାଟମାଲି ବକ୍ସାଇଟ୍ ଖଣି ପରିଚାଳନା କରୁଛି, ଯାହାର ବାର୍ଷିକ କ୍ଷମତା ୭.୫ ନିୟୁତ ଟନ୍ (ଏମ୍‌ଟିପିଏ)। ଏହା ଦାମନଯୋଡ଼ିର ୨.୧ ଏମ୍‌ଟିପିଏ ଆଲୁମିନା ରିଫାଇନେରି ଏବଂ ଅନୁଗୋଳରେ ଏହାର ୦.୪୬ ଏମ୍‌ଟିପିଏ ଆଲୁମିନିୟମ ସ୍ମେଲ୍ଟର, ୧,୨୦୦ ମେଗାୱାଟ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟକୁ ସପୋର୍ଟ କରୁଛି।

ସେ କହିଛନ୍ତି, ୨୦୩୦ ସୁଦ୍ଧା ଭାରତର ଆଲୁମିନିୟମ ବ୍ୟବହାର ୭.୫-୮ ଏମ୍‌ଟିପିଏରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ନାଲ୍କୋ ଏହି ବର୍ଦ୍ଧିତ ଚାହିଦା ପୂରଣ କରିବ ଏବଂ ବିଶ୍ୱ ଆଲୁମିନିୟମ କ୍ଷେତ୍ରରେ ଏହାର ନେତୃତ୍ୱକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଏକ ସମ୍ପ୍ରସାରଣ ଯୋଜନା ମଧ୍ୟ ପ୍ରସ୍ତୁତ କରିଛି। କମ୍ପାନୀର ୩୪,୬୦୦ କୋଟି ଟଙ୍କାର ସମ୍ପ୍ରସାରଣ ଯୋଜନା ବିଷୟରେ ମଧ୍ୟ ସିଏମ୍‌ଡି ସୂଚନା ଦେଇଥିଲେ, ଯାହା ୨୦୩୦ ସୁଦ୍ଧା ବାସ୍ତବ ରୂପ ନେବାର ଆଶା କରାଯାଉଛି। ଏହି ପ୍ରସ୍ତାବିତ ନିବେଶ ମଧ୍ୟରୁ କମ୍ପାନୀ କୋରାପୁଟ ଜିଲାର ଦାମନଯୋଡ଼ିରେ ୧ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ପଞ୍ଚମ ଷ୍ଟ୍ରିମ୍ ଆଲୁମିନା ରିଫାଇନେରିର ସମ୍ପ୍ରସାରଣ ପାଇଁ ୫,୬୦୦ କୋଟି ଟଙ୍କାରୁ ଅଧିକ, ଅନୁଗୋଳ ଜିଲାରେ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ୧୭,୦୦୦ କୋଟି ଟଙ୍କାରୁ ଅଧିକ (୦.୫ ଏମ୍‌ଟିପିଏ ) ଏବଂ ୧୦୮୦ ମେଗାୱାଟ କ୍ଷମତା ବିଶିଷ୍ଟ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟର ନିର୍ମାଣ ପାଇଁ ୧୨,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବ। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର ଡିପିଆର୍ ପ୍ରସ୍ତୁତ କରାଯିବ ଏବଂ ଏହାକୁ ନିର୍ଦ୍ଦେଶକ ବୋର୍ଡର ଅନୁମୋଦନ ପାଇଁ ପଠାଯିବ। ବର୍ତ୍ତମାନ କେନ୍ଦ୍ରୀୟ ପିଏସ୍‌ୟୁ, କୋରାପୁଟ ଜିଲାର ଦାମନଯୋଡ଼ିରେ ୨.୧ ଏମ୍‌ଟିପିଏ କ୍ଷମତାର ଆଲୁମିନା ରିଫାଇନେରି, ଅନୁଗୋଳରେ ୦.୪୬ ଏମ୍‌ଟିପିଏ କ୍ଷମତାର ଆଲୁମିନା ସ୍ମେଲ୍ଟର ଏବଂ ୧୨୦୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ସମଚଳନ କରୁଛି ବୋଲି ସେ କହିଛନ୍ତି।

# ଇକ୍ୱିଟି ବଜାରରେ ନୂଆ ରଣନୀତି

**ଭୁବନେଶ୍ୱର,୧୯।୮:** ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ତଥା ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଆଜିର ନିରନ୍ତର ବିକଶିତ ଇକ୍ୱିଟି ବଜାର ଦୃଶ୍ୟପଟରେ କମ୍ପାନୀ ତା'ର ଇକ୍ୱିଟି ରଣନୀତିକୁ ଦୁଇଟି କ୍ଷେତ୍ରରେ ବିଭାଜନ କରିଛି। ଏପରିକି ସମୟ-ପରୀକ୍ଷିତ ନିବେଶ କାରକ: ଗତି ଏବଂ ଗୁଣବତ୍ତା ଉପରେ କେନ୍ଦ୍ରିତକରି କମ୍ପାନୀ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଏହି ପଦ୍ଧତି କେବଳ ଏକ କୌଶଳଗତ ପଦକ୍ଷେପ ନୁହେଁ ବରଂ ଐତିହାସିକ ତଥ୍ୟ ଏବଂ ଦୃଢ଼ ବିଶ୍ଳେଷଣ ଦ୍ୱାରା ସମର୍ଥିତ ରହିଛି। ସେହିଭଳି ଏହି ଦୁଇଟି ଶୈଳୀ ଉପରେ ବାଜି ଲଗାଇ ପାଣ୍ଠି ହାଉସ୍ ଅଭିବୃଦ୍ଧି ସମ୍ଭାବନା ଏବଂ ମୌଳିକ ଶକ୍ତି ମଧ୍ୟରେ ସନ୍ତୁଳନ ବଜାୟ ରଖି ବଜାର ଦକ୍ଷତାକୁ ବୃଦ୍ଧି କରିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି।

**BUSINESS**
A running Industry manufacturing Wood-pressed Oil, Flours and Spices for sale at Bhubaneswar. These products has it's own Brand.
If interested Contact
9827504883, 9178032930

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ସୂର୍ଯ୍ୟାଂଶ (ଆଦି)**
ମାଆ: ସୌମ୍ୟା, ବାପା: ପ୍ରଭାକର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ଜେଜେମା, ଜେଜେବାପା, ବଡ଼ବାପା, ବଡ଼ମା, ମାମୁ, ମାଇଁ, ଆଈ, ବୃକ, ରୋଜି, ଲିଜା, ପୂଜା, ଆନି
ଧ-୧୬୯୬

## ଜନ୍ମଦିନ ଶୁଭେଚ୍ଛା



**ପ୍ରଦୀପ କୁମାର ନାୟକ**
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆଜି ତୁମର ଜନ୍ମବାର୍ଷିକ ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ତୁମର ଚଲାପଥ କୁସୁମିତ କରି ତୁମର ଭବିଷ୍ୟତ ଉଜ୍ଜ୍ୱଳ ସହ ତୁମକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ:
ସୋନାଲି
ଧ-୧୬୯୭

## ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୧୯।୮ (ଅଭୟ ଦାଶ)

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୭୧ (୩୭୦.୬୪) ପଏଣ୍ଟ ବୃଦ୍ଧି ଘଟି ୮୧,୬୪୪ (୮୧,୬୪୪.୩୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୦୪ (୧୦୩.୭୦) ପଏଣ୍ଟ ବଢି ୨୪,୯୮୧ (୨୪,୯୮୦.୬୫) ଅଙ୍କରେ କାରବାର ଶେଷ ହୋଇଥିଲା।

## ଇନ୍‌ଫିନିକ୍ସର ଲାଇଭ ସେଲ୍

ଭୁବନେଶ୍ୱର,୧୯।୮

ଇନ୍‌ଫିନିକ୍ସର ବହୁ ପ୍ରତୀକ୍ଷିତ ଅଫର ତଥା ଲାଇଭ ସେଲ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ୨୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ପ୍ରତିଯୋଗିତାପୂର୍ଣ୍ଣ ଗେମିଂ ସ୍ମାର୍ଟଫୋନ୍ ଇନ୍‌ଫିନିକ୍ସ ଜିଟି ୩୦ ୫ଜି+ ଫ୍ଲିପ୍‌କାର୍ଟରେ ଉପଲବ୍ଧ ରହିଛି। ଏହି ସେଲ୍ ଲାଇଭ ରହିଥିବାବେଳେ ଏହାର ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ସୀମିତ ଅବଧି ପାଇଁ ସମସ୍ତ ଲଞ୍ଚ ଅଫର ସହ ୧୭,୯୯୯ ଟଙ୍କାର ଏକ ସ୍ୱତନ୍ତ୍ର ମୂଲ୍ୟରେ ସୀମିତ ୟୁନିଟ୍ ସହ ଉପଲବ୍ଧ। ଜିଟି ୩୦ ୫ଜି+ ସାଇବର ମେକା ୨.୦ ଡିଜାଇନ ସହ ସ୍ୱଚ୍ଛ ଜିଓମେଟ୍ରିକ୍ ଲାଇନଗୁଡ଼ିକୁ ଏକତ୍ରିତ କରିଛି ଏବଂ ସାଇବର ଗ୍ରୀନ୍, ପଲ୍‌ସ ବ୍ଲୁ ଓ ବ୍ଲେଡ୍ ହ୍ୱାଇଟ କଲରରେ ଏହା ଉପଲବ୍ଧ। ଏହାର ବ୍ୟାକ୍ ପ୍ୟାନେଲରେ ପ୍ରୋଗ୍ରାମେବୁଲ ହ୍ୱାଇଟ ଏଲଇଡି ଲାଇଟିଂ ରହିଛି, ଯାହା ଚାର୍ଜିଂ, ମ୍ୟୁଜିକ ଓ ନୋଟିଫିକେଶନଗୁଡ଼ିକୁ ଚମତ୍କାର ଭାବେ ପ୍ରତିକ୍ରିୟା ଦେଇଥାଏ। ଏହି ଫୋନ୍‌ରେ ୪୫ ୱାଟ ଫାଷ୍ଟ ଚାର୍ଜିଂ ସହ ୫୫୦୦ଏମ୍‌ଏଏଚ୍ ବ୍ୟାଟେରି, ଗେମ୍‌ପ୍ଲେ ସମୟରେ ଉତ୍ତାପ ହ୍ରାସ କରିବା ପାଇଁ ବାଇପାସ୍ ଚାର୍ଜିଂ ଏବଂ ଯାତ୍ରା ସମୟରେ ଅନ୍ୟ ଡିଭାଇସ୍‌ଗୁଡ଼ିକୁ ଚାର୍ଜ କରିବା ପାଇଁ ୱାୟାର୍ଡ ରିଭର୍ସ ଚାର୍ଜିଂ ଭଳି ଫିଚର ରହିଛି।

## ବଜାରରେ ରେଡ୍‌ମି ୧୫

ଭୁବନେଶ୍ୱର,୧୯।୮

ସାଓମି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ରେଡ୍‌ମି ୧୫ ୫ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ରେଡ୍‌ମି ୧୫ ୫ଜି ଏକ ସେଗ୍‌ମେଣ୍ଟ-ପ୍ରଥମ ୭୦୦୦ ଏମ୍‌ଏଏଚ୍ ଇଭି-ଗ୍ରେଡ୍ ସିଲିକନ-କାର୍ବନ ବ୍ୟାଟେରିର ଉନ୍ମୋଚନ କରିଛି, ଏହା ୩୩ ୱାଟ ଫାଷ୍ଟ ଚାର୍ଜ ଓ ୧୮ୱାଟ ରିଭର୍ସ ଚାର୍ଜ ସହିତ ୪୮ଘଣ୍ଟାର ପାୱାର ପ୍ରଦାନ କରୁଛି। ଏଥିରେ ଏକ ୬.୯ ଇଞ୍ଚ ଏଫ୍‌ଏଚ୍‌ଡି+ ଆଡାପ୍ଟିଭ ସିଙ୍କ ଡିସ୍‌ପ୍ଲେ ସହ ୧୪୪ହର୍ଜେଜ୍ ପର୍ଯ୍ୟନ୍ତ ରିଫ୍ରେଶ ରେଟ, ଟିୟୁଭି ରେନଲ୍ୟାଣ୍ଡ ଟ୍ରିପଲ ସାର୍ଟିଫିକେଶନ ଏବଂ ନିମଜ୍ଜିତ ମନୋରଞ୍ଜନ ପାଇଁ ଡଲ୍‌ବି-ସାର୍ଟିଫାଏଡ ସ୍ପିକର ରହିଛି। ଏହି ଫୋନ ମାତ୍ର ୧୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଫ୍ରଷ୍ଟେଡ ହ୍ୱାଇଟ, ମିଡ୍‌ନାଇଟ ବ୍ଲାକ ଓ ସ୍ୟାଣ୍ଡି ପର୍ପଲରେ ଉପଲବ୍ଧ ହେବାକୁ ଯାଉଛି।

# Classified Everyday 0674-2580101, 9692975378



**MATRIMONIAL**

**GROOM WANTED**

Beautiful Karan girl 1992, 5'2", B.Tech (Electrical) Serving Dy. Manager OPTCL, "SUNASANSAR". 9937512659. D-1673

ବୟସ 29, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1663

60 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735429. D-1659



**REAL ESTATE SALE**

Duplex sale with gated Society near Allms Hospital, Bhubaneswar 9777433701. D-1614

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

**LOST**

I Asish Kumar Shukla, C/o- Ashok Kumar Shukla, At- Dihasahi, Gopalpur, Cuttack declare that I have lost my B.Tech in I.T. Certificate having Sl. No.- AWHF06009609 has been missed at Pratapnagari on dt. 16.08.2025. If somebody found this same please contact- 9346035973. D-1694

**AFFIDAVIT**

Puna Chand Gouda, S/o- Tabata Gouda, At/P.O.- Panada, PIN-761055 have change my name to Purna Chandra Gouda vide affidavit dated 05.08.25, At-Bhubaneswar. D-1690

By virtue of an affidavit sworn in the Court of Dasarathpur, I Kalandi Behuria, S/o- Gouranga Behuria, At- Chhanchina, P.O.- Khosalpur, P.S.- Dasarathpur, Dist.- Jajpur my Aadhar Card No.- XXXX XXXX 7567. But correction of Aadhaar Vide No.- xxxx xxxx 6802 of my daughter name was Siprarani Behuria and after correction of my daughter's Aadhaar her name is recorded as Sipra Behuria and all Education Certificates her actual name is mentioned as Siprarani Behuria. So that I further declared that Siprarani Behuria and Sipra Behuria is one and same person in the same locality vide affidavit No.- 2286/13/8/2025. D-1695

I, **Sudha Devi**, W/o- Dhiraj Kumar Daga, resident of Niharika Apartment, Laxmi Sagar, Bhubaneswar, State- Odisha, PIN-751006 declare by this affidavit No.- 763, dtd. 07.08.2025, that now onwards I shall be known as **Sudha Devi Daga** for all future purposes.
Sd- (Sudha Devi Daga) D-1699

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Executive Magistrate, Boudh, No.- 1157, date 19.08.25, I Jatndra Pradhan, R/o. Village- Tangarpali, P.O.- Birigada, P.S./ Dist.- Boudh, Odisha, PIN- 762026 declare that I have changed my son's name from Pramanand Pradhan to Premananda Pradhan. Henceforth, he shall be known as Premananda Pradhan for all purpose.
Jatndra Pradhan D-1691

I Kiran Kishan, aged about 27years, W/o-Mihir Lakra, Resident of Vill- Bhogra, P.O.-Koronga, P.S.- Kutra, Dist.- Sundargarh, Odisha do hereby solemnly affirm and declare as under, My Aadhaar Card vide No.- XXXX XXXX 9698 in which my name has been wrongly mentioned as Kiran Lakra instead of Kiran Kishan. That Kiran Kishan and Kiran Lakra denotes to one and same person i.e. my self.
Kiran Kishan D-1692

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

IN THE COURT OF THE ADDITIONAL DISTRICT JUDGE ODAGAON
RFA No.- 12/2024
ଛଟି@ଛବି ବେହେରା ...ବାଦୀ
ବନାମ
ସୁରେନ୍ଦ୍ର ବେହେରା ଏବଂ ଅନ୍ୟମାନେ ..... ପ୍ରତିବାଦୀ
NOTICE U/O-5, RULE-20(A) C.P.C.
୧) ଟୁନା ବେହେରା, ବୟସ ୪୪ବର୍ଷ, ପିତା- ମୃତ ଶଙ୍କର ବେହେରା, ୨) ବାଟି@ରାମକୃଷ୍ଣ ବେହେରା, ବୟସ ୪୫ବର୍ଷ, ପିତା- ମୃତ ଚକ୍ରଧର ବେହେରା ୧ ଓ ୨ର ଠିକଣା ସା- ଜମୁଝୋଲା, ପୋଷ୍ଟ- ଗୋଡିସାହି, ଥାନା- ଶରଣକୁଳ, ଜିଲ୍ଲା-ନୟାଗଡ଼।

ଏହି ନୋଟିସ ଦ୍ୱାରା ଆପଣ ପ୍ରତିବାଦୀ ନଂ.-୨ ଏବଂ ୯- aଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କ ବିରୁଦ୍ଧରେ ମାନ୍ୟବର ADJ, ଓଡ଼ଗାଁଙ୍କ ଅଦାଲତରେ ଉପରୋକ୍ତ ଅପିଲ ବିଚାରାଧୀନ ଅଛି। ତେଣୁ ଆପଣମାନଙ୍କୁ ଧାର୍ଯ୍ୟ ତାରିଖ ତା୧୦।୦୯।୨୫ରିଖ ସମୟ ୧୦:୩୦ A.M.ରେ ମାନ୍ୟବର ADJ, ଓଡ଼ଗାଁଙ୍କ ଇଜିଲାସରେ ନିଜେ କିମ୍ବା ଆପଣଙ୍କ ଓକିଲ/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ହାଜରହୋଇ ଅପିଲ ପରିଚାଳନା କରିବେ। ଯଦି ଧାର୍ଯ୍ୟ ତାରିଖରେ ଆପଣ ଅତ୍ର ଅଦାଲତରେ ଉପସ୍ଥିତ ନହେଲେ ଆପଣଙ୍କ ଅନୁପସ୍ଥିତିରେ ଉକ୍ତ ଅପିଲକୁ ଫଇସଲା ନିମନ୍ତେ ବିଚାର କରାଯିବ।
ସ୍ଥାନ: ଓଡ଼ଗାଁ
ତାରିଖ:
ସ୍ୱା./- ADJ, ODAGAON
D-1693

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**୰ଶ୍ରୀମତୀ ସୌମ୍ୟା ମିଶ୍ର**
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୮।୧୯୭୫
ତିରୋଧାନ: ୨୦।୦୮।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:** ମାତା: ଶ୍ରୀମତୀ ଗାୟତ୍ରୀ ମିଶ୍ର ଏବଂ ଶ୍ରୀମତୀ ଶାନ୍ତା ମିଶ୍ର।
ଧ-୧୬୮୮

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



# ନଳିତା ଶଢ଼ାଇବା ପ୍ରଣାଳୀ

ଗଛଗୁଡ଼ିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟହେବାକୁ ଦିଏନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ପାଇଁ ଅଧିକ ଉପଯୋଗୀ। ବିଡ଼ାଗୁଡ଼ିକୁ ୬୦ସେ.ମି. ପାଣି ଥିବା ସ୍ଥାନରେ ୨-୩ ଦିନ ଠିଆକରି ରଖାଯିବା ଆବଶ୍ୟକ । ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡ଼େଇ ୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ। ତା' ପରେ ବିଡ଼ାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ନଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲ୍‌ଚର ବ୍ୟବହାର କରନ୍ତୁ। ନଳିତାରେ ଘୋଡ଼ାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଏଣ୍ଡୋସଲ୍‌ଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡଶଢ଼ା ରୋଗ ଦେଖାଯାଇଥାଏ। ଏହାଦ୍ୱାରା ପତ୍ର ଝଡ଼ିଯାଏ ଏବଂ କାଣ୍ଡ କଳା ପଡ଼ି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧ଗ୍ରାମ୍ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ।

# ଖରିଫ ଘାସ ଚାଷ



କେଶବ କୁମାର ମହାପାତ୍ର

"ବର୍ଷାଦିନରେ ଚାଷକରାଯାଉଥିବା ଘାସ ମଧ୍ୟରେ ଶସ୍ୟ ଜାତୀୟ ମକା, ଏମ୍‌ପି ଚେରୀ, ଜୁଆର, ବାଜରା, ମକ୍‌ଚେରି, ମିଠାସୁଦାନ ଓ ଛୁଇଁ ଜାତୀୟ ଘାସ ମଧ୍ୟରେ ବରଗୁଡ଼ି, ଗୁଆଁର, ବିଲଶିମ୍ବ ଓ ଡଙ୍ଗରରାଣୀ ପ୍ରଧାନ । ସବୁ ଚାଷ ପରି ଏହି ଚାଷ ପାଇଁ ମଧ୍ୟ ହଳକରି ଏକର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ, ୫୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍‌ଫେଟ୍ କିମ୍ବା ୪୦ କିଲୋ ଗ୍ରାମ୍ ଡିଏପି ଓ ୧୦ କିଲୋ ଗ୍ରାମ ପଟାସ ଆବଶ୍ୟକ । ଗଛ ଉଠିବାର ୧୬ରୁ ୨୧ ଦିନ ମଧ୍ୟରେ ଏକର ପ୍ରତି ୨୦ରୁ ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗକଲେ ଆଶାନୁରୂପ ଅମଳ ମିଳିଥାଏ । ସମସ୍ତ ଶସ୍ୟ ଜାତୀୟ ଘାସ ପାଇଁ ୧୫ରୁ ୨୦ କିଲୋଗ୍ରାମ ମଞ୍ଜି ଓ ଛୁଇଁ ଜାତୀୟ ଘାସ ପାଇଁ ୧୦ରୁ ୧୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମାତ୍ର ବାଜରାର ମଞ୍ଜି ଛୋଟ ହୋଇଥିବାରୁ ଏହାର ୪ରୁ ୫ କିଲୋଗ୍ରାମ ମଞ୍ଜି ଏକର ପାଇଁ ଯଥେଷ୍ଟ ହୋଇଥାଏ ।"

ଆମ ରାଜ୍ୟରେ ମୌସୁମୀ ବର୍ଷା ସାଧାରଣତଃ ଜୁନ୍ ୧୫ରୁ ଆରମ୍ଭ ହୋଇ ଅକ୍ଟୋବର ୧୫ ପର୍ଯ୍ୟନ୍ତ ରହିଥାଏ। ସେ ସମୟରେ ଗୋଚର, ଅନାବାଦୀ ପଡ଼ିଆ ଇତ୍ୟାଦିରେ ସବୁଜ ଘାସ କଅଁଳେ। ମାତ୍ର ଦିନକୁ ଦିନ ଗୋରୁ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁଙ୍କର ସଂଖ୍ୟା ବଢ଼ିଗଲାଣି । ତେଣୁ ପ୍ରାକୃତିକ ଉପାୟରେ ମିଳୁଥିବା ଘାସ ସେମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ ଓ ସେ ସବୁରେ ମଧ୍ୟ ଖାଦ୍ୟସାରର ପରିମାଣ କମ୍, ତେଣୁ ବର୍ଷାଦିନରେ ଉନ୍ନତ ଘାସ ଚାଷକଲେ ଗୋରୁ ପ୍ରଭୃତି ସୁଷମ ଖାଦ୍ୟ ପାଇବା ସହ କମ୍ ଖର୍ଚ୍ଚରେ ପଶୁପାଳନ କରି ଚାଷୀ ଲାଭବାନ୍ ହୋଇଥାନ୍ତି । ବର୍ଷାଦିନରେ ବିଭିନ୍ନ ଋତୁକାଳୀନ ଘାସଚାଷ ହେବା ସହ ସବୁଦିନିଆ ଘାସ ମଧ୍ୟ ଲଗାଯାଇପାରିବ ଓ ଗୋଚର ଉନ୍ନୟନ ପାଇଁ ମଧ୍ୟ ଏହି ସମୟ ଉପଯୁକ୍ତ ।

**ଋତୁକାଳୀନ ଘାସ :** ବର୍ଷାଦିନରେ ଚାଷକରାଯାଉଥିବା ଘାସ ମଧ୍ୟରେ ଶସ୍ୟ ଜାତୀୟ ମକା, ଏମ୍‌ପି ଚେରୀ, ଜୁଆର, ବାଜରା, ମକ୍‌ଚେରି, ମିଠାସୁଦାନ ଓ ଛୁଇଁ ଜାତୀୟ ଘାସ ମଧ୍ୟରେ ବରଗୁଡ଼ି, ଗୁଆଁର, ବିଲଶିମ୍ବ ଓ ଡଙ୍ଗରରାଣୀ ପ୍ରଧାନ । ସବୁ ଚାଷ ପରି ଏହି ଚାଷ ପାଇଁ ମଧ୍ୟ ହଳକରି ଏକର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ, ୫୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍‌ଫେଟ୍ କିମ୍ବା ୪୦ କିଲୋଗ୍ରାମ ଡିଏପି ଓ ୧୦ କିଲୋଗ୍ରାମ ପଟାସ ଆବଶ୍ୟକ । ଗଛ ଉଠିବାର ୧୬ରୁ ୨୧ ଦିନ ମଧ୍ୟରେ ଏକର ପ୍ରତି ୨୦ରୁ ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗକଲେ ଆଶାନୁରୂପ ଅମଳ ମିଳିଥାଏ । ସମସ୍ତ ଶସ୍ୟଜାତୀୟ ଘାସ ପାଇଁ ୧୫ରୁ ୨୦ କିଲୋଗ୍ରାମ ମଞ୍ଜି ଓ ଛୁଇଁ ଜାତୀୟ ଘାସ ପାଇଁ ୧୦ରୁ ୧୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମାତ୍ର ବାଜରାର ମଞ୍ଜି ଛୋଟ ହୋଇଥିବାରୁ ଏହାର ୪ ରୁ ୫ କିଲୋଗ୍ରାମ ମଞ୍ଜି ଏକର ପାଇଁ ଯଥେଷ୍ଟ ହୋଇଥାଏ । ଏମ୍‌ପି ଚେରୀ, ବାଜରା ଓ ଜୁଆର ଇତ୍ୟାଦି ଫୁଲ ଉଢ଼ାଇଲା ବେଳେ ମକା ମଞ୍ଜିରେ କ୍ଷୀର ହେଲେ ଓ ବରଗୁଡ଼ି, ଗୁଆଁର ଇତ୍ୟାଦିରେ ଫୁଲ ଫୁଟି ଛୁଇଁ ଧରିଲେ ଘାସ ଅମଳ କରାଯାଇଥାଏ। ଶସ୍ୟ ଜାତୀୟ ଘାସରୁ ୧୦୦ରୁ ୧୫୦ କୁଇଣ୍ଟାଲ ଏବଂ ଛୁଇଁ ଜାତୀୟ ଘାସରୁ ୭୦ରୁ ୧୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଏକର ପ୍ରତି ଅମଳ ମିଳିଥାଏ।

**ସବୁଦିନିଆ ଘାସ :** ବର୍ଷାଦିନେ ମଧ୍ୟ ସବୁଦିନିଆ ଘାସରୋପଣ କରିବାର ଉପଯୁକ୍ତ ସମୟ । ଜମି ପ୍ରସ୍ତୁତକରି ଏକର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ, ୧୦୦ କିଲୋଗ୍ରାମ ସୁପର ଫସ୍‌ଫେଟ୍ ସାର କିମ୍ବା ୫୦ କିଲୋ ଗ୍ରାମ ଡିଏପି ଓ ୧୫ କିଲୋଗ୍ରାମ



ପଟାସ ସାର ଦେଇ ଜମି ପ୍ରସ୍ତୁତ କରାଯାଏ। ସବୁଦିନିଆ ତୃଣ ଜାତୀୟ ଘାସର ମୂଳ ବା କାଣ୍ଡ ରୋପଣ କରାଯାଇଥାଏ। ଲଗାଇବାର ୩ ସପ୍ତାହ ପରେ ୟୁରିଆ ସାର ଦେବାକୁ ହୋଇଥାଏ । ସଙ୍କର ହାତିଆ, ଗିନି ଓ କଙ୍ଗୋ ସିଗ୍ନାଲ ଇତ୍ୟାଦି ଏକର ପ୍ରତି ଯଥାକ୍ରମେ ୫୦୦୦, ୬୦୦୦ ଓ ୮୦୦୦ ବୁଦା ଲଗାଯାଇଥାଏ । ସନ୍ତସନ୍ତିଆ ଜମିରେ ପାରା ଘାସ୧୫ରୁ ୨୦ ହଜାର ଖଣ୍ଡ ରୋପଣ କରିବାକୁ ହୋଇଥାଏ ।

**ଗୋଚର ଉନ୍ନୟନ :** ବର୍ଷାଦିନ ମଧ୍ୟ ଗୋଚର ଉନ୍ନୟନ ପାଇଁ ଉପଯୁକ୍ତ ସମୟ । ଗୋଚର ଜମିରେ ଅଧିକ ଘାସ ଉତ୍ପାଦନ ପାଇଁ ଦୀନାନାଥ, ରୋଡସ୍, ସଦାବାହାର, ଅଞ୍ଜନ ଆଦି ତୃଣଜାତୀୟ ଘାସ ସହ ଷ୍ଟାଇଲୋ ଇତ୍ୟାଦି ଛୁଇଁ ଜାତୀୟ ଘାସ ରୋପଣ କରାଯାଇଥାଏ । ଗୋଖାଦ୍ୟ ବୃକ୍ଷଭାବରେ ସୁବାବୁଲ, ଅଗସ୍ତି,ଚାକୁଣ୍ଡା, ଡିମିରି, ଶିରିଶ ଇତ୍ୟାଦି ରୋପଣକଲେ ଡାଳପତ୍ର ଆକାରରେ କିଛି ଅଧିକ ସବୁଜ ଗୋଖାଦ୍ୟ ମିଳିପାରିବ ।

ବର୍ଷର ଅନ୍ୟ ସମୟରେ ଜଳସେଚନର ଅଭାବ ଓ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ପାଇଁ ଅଧିକ ଘାସଚାଷ କରାଯାଇପାରେ ନାହିଁ। ତେଣୁ ବର୍ଷାଦିନରେ ଅଧିକ ଘାସଚାଷ କରି ଘାସ ଆଚାର ଓ ଘାସ ଶୁଖୁଆ ଭାବରେ ସାଇତି ରଖିପାରିଲେ ନିଅଣ୍ଟିଆ ସମୟରେ ଗୋରୁଙ୍କୁ ତାହା ଖୁଆଇ କମ୍ ଖର୍ଚ୍ଚରେ ଗୋପାଳନ କରିହେବ।

-ମଧୁବାବୁ କମ୍ପ୍ଲେକ୍ସ,
ଖନ୍ତପଡ଼ା, ବାଲେଶ୍ୱର
ମୋ : ୯୪୩୭୧୧୭୪୦୬

# ତଳିଘରା ପ୍ରସ୍ତୁତି କରୁଥିଲେ...

ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ। ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ।

ପଟାଳିଗୁଡ଼ିକ ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡ଼ିବେ, କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ। ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ବ୍ୟବଧାନରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ। ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ। ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇଦିଅନ୍ତୁ । ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତ। ଜମି କାଦୁଅ ପାଇଁ ଟ୍ରାକ୍ଟରଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟରଚାଳିତ ଧାନରୁଆ ଯନ୍ତ୍ର



ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇପାରବେ। ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ। ସଘନ ଧାନଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାରକରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

## ଚାଷୀଙ୍କ ପାଇଁ..



ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟି ନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍ x ୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନକରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ। ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ।

## ବର୍ଷାଋତୁରେ ପ୍ରାଣୀଙ୍କ ଯତ୍ନ



ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ। ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣା ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ । ଗୋରୁଙ୍କର ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ। ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ। ଗୁହାଳ ଚତୁଃପାର୍ଶ୍ୱରେ ଜଳ ଜମାହେବା ପାଇଁ ଦିଅନ୍ତୁ ନାହିଁ। କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ । ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂର୍ଣ୍ଣ ପକାଇ ଦିଅନ୍ତୁ। କକ୍‌ସିଡିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ। ରାଣୀକ୍ଷେତ, ଆଇବିଡି ରୋଗର ଟିକା ଯଥାକ୍ରମେ ୫ରୁ୭ ଦିନ ଓ ୧୨ ରୁ ୧୪ଦିନ ବୟସର ବ୍ରଏଲର କୁକୁଡ଼ାମାନଙ୍କୁ ଦିଅନ୍ତୁ।

## ଆଭ୍ୟନ୍ତରୀଣ ଜିଲାରେ ଡାଲିଚାଷ



ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ। ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ।

# ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ। ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳୀର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ ।

# ସଘନ ମାଛଚାଷ

ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ,



ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ଟି, ରୋହି ୧୬୦୦ଟି, ମିରିକାଳି ୮୦୦ଟି ଏବଂ ବିଲାତି ରୋହି ୪୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ। ଯାଆଁଳ ସକାଳ ବା ସନ୍ଧ୍ୟା ସମୟରେ ଛଡ଼ାଯାଏ। ଯାଆଁଳ ଛାଡ଼ିବା ପୂର୍ବରୁ ଯାଆଁଳ ମୁଣାକୁ କିଛି ସମୟ ପାଇଁ ପୋଖରୀ ପାଣିରେ ଭସାଇ ରଖିବା ଉଚିତ। ଏହାଦ୍ୱାରା ମୁଣା ଭିତରେ ଓ ବାହାରର ଉତ୍ତାପ ସମାନ ସ୍ତରକୁ ଆସିଥାଏ। ତା'ପରେ ମୁଣାଟିର ମୁହଁ ଖୋଲି ଧୀରେ ଧୀରେ ପୋଖରୀ ପାଣି ଭର୍ତ୍ତିକରନ୍ତୁ ଓ ମୁଣାଟିକୁ ତଳ ପାଖରୁ ଟେକି ଯାଆଁଳଗୁଡ଼ିକୁ ପୋଖରୀରେ ଛାଡ଼ନ୍ତୁ।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୦/୨୦୨୫ Bhubaneswar, Wednesday, August 20/ 2025

# ଶ୍ରାବଣୀ, ପ୍ରଜ୍ଞା, ଅମିୟ, ଅନିମେଶଙ୍କ ଉପରେ ନଜର


ପ୍ରଜ୍ଞା ପ୍ରଶାନ୍ତି ସାହୁ


ଶ୍ରାବଣୀ ନନ୍ଦ


ଅମିୟ ମଲିକ


ଅନିମେଶ କୁଜୁର

## ଆଜିଠୁ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ
## ପ୍ରଥମ ଦିବସରେ ୭ ଫାଇନାଲ

ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)

ଜାତୀୟ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ବୁଧବାରଠାରୁ ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆରମ୍ଭ ହେବ। ୫ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୪୫ଟି ଇଭେଣ୍ଟ ଆୟୋଜନ ହେବ। ଓଡ଼ିଶାରୁ ମୋଟ ୨୩ ପ୍ରତିଯୋଗୀ ଏଥିରେ ପ୍ରତିନିଧିତ୍ୱ କରିବେ। ପ୍ରଥମ ଦିବସରେ ୭ଟି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ। ଏହା ମଧ୍ୟରେ ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ମହିଳା ଓ ପୁରୁଷ ୧୦୦ ମିଟର ରେସ୍ ସାମିଲ। ଏଥିରେ ଓଡ଼ିଶାର ତାରକା ଆଥ୍‌ଲେଟ୍ ତଥା ପୂର୍ବତନ ଜାତୀୟ ରେକର୍ଡଧାରୀ ଅମିୟ ମଲିକ ଏବଂ ଶ୍ରାବଣୀ ନନ୍ଦଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ଅମିୟ ୪x୧୦୦ ମିଟର ରିଲେରେ ମଧ୍ୟ ଭାଗନେବେ। ସେହିପରି ଶ୍ରାବଣୀ ୧୦୦ ମିଟର ବ୍ୟତୀତ ୨୦୦ ଓ ୪x୧୦୦ ମିଟର ରିଲେରେ ଅଂଶଗ୍ରହଣ କରିବେ। ପ୍ରଥମ ଦିବସରେ ଶେଷ ହେବାକୁଥିବା ଅନ୍ୟ ୫ଟି ଇଭେଣ୍ଟ ହେଲା ପୁରୁଷ ୧୦,୦୦୦ ମିଟର, ପୋଲ ଭଲ୍ଟ, ମହିଳା ହାମର ଥ୍ରୋ, ଟ୍ରିପଲ ଜମ୍ପ୍ ଓ ୫୦୦୦ ମିଟର ରେସ୍।

ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅନ୍ୟ ମହିଳା ଆଥଲେଟ୍‌ଙ୍କ ମଧ୍ୟରେ ବନିତା ବେହେରା ୧୦୦ ମିଟର, ୪x୧୦୦ ମିଟର ରିଲେ, ବରଗଡ଼ର ମୌସୁମୀ ରାୟ ୧୦୦ ମିଟର, ୪x୧୦୦ ମିଟର ରିଲେ, ଓଡ଼ିଶା ପୋଲିସର ବୋନିତା ଲାକ୍ରା ୪x୧୦୦ ମିଟର ରିଲେ, ଭୁବନେଶ୍ୱରର ଲକ୍ଷ୍ମୀପ୍ରିୟା କିସାନ ୪୦୦, ୮୦୦ ମିଟର, ସବିତା ଟପ୍ପୋ ୪x୧୦୦ ମିଟର ରିଲେ, ପାରାଦୀପ ପୋର୍ଟର ଦିବ୍ୟା ସାଣ୍ଡିଲ୍ୟ ହାମର ଥ୍ରୋ, କେନ୍ଦୁଝରର ମନୀଷା ମେରେଲ ଲଙ୍ଗଜମ୍ପ୍ ଏବଂ ବାଲେଶ୍ୱରର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୦୦ ମିଟର ହର୍ଡଲ୍ସ, ୪x୧୦୦ ମିଟର ରିଲେ ଇଭେଣ୍ଟରେ ଭାଗନେବେ। ପ୍ରଜ୍ଞା ନିକଟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ)ରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କ ଉପରେ ନଜର ରହିବ। ସେହିପରି ଅନ୍ୟ ପୁରୁଷ ଆଥ୍‌ଲେଟଙ୍କ ମଧ୍ୟରେ ଓଡ଼ିଶା ଏର୍‌ପିସିର ଅନିମେଶ କୁଜୁର ୨୦୦ ମିଟର ଓ ୪x୧୦୦ ମିଟରରେ ଭାଗନେବେ। ସମ୍ପ୍ରତି ଅନିମେଶ ଚମତ୍କାର ଫର୍ମରେ ଥିବାରୁ ତାଙ୍କ ଉପରେ ମଧ୍ୟ ନଜର ରହିବ। କଳାହାଣ୍ଡିର ଡି. ଜୟରାମ ୧୦୦, ୨୦୦ ମିଟର ଓ ୪x୧୦୦ ମିଟର ରିଲେ, ଲାଲୁ ପ୍ରସାଦ ଭୋଇ ୪x୧୦୦ ମିଟର ରିଲେ, କଳାହାଣ୍ଡିର ସରୁନ ପାୟାସିଂ ୧୦୦ ମିଟର, ଲଙ୍ଗଜମ୍ପ୍, ୪x୧୦୦ ମିଟର ରିଲେ, ବରଗଡ଼ର ପ୍ରତୀକ ମହାରଣା ୧୦୦ ମିଟର(ୱାଇଲ୍ଡ କାର୍ଡ), ୨୦୦ ମିଟର, ୪x୧୦୦ ମିଟର ରିଲେ, ସୋନପୁରର ଦୟାନିଧି ମୁଣ୍ଡା ୮୦୦, ୧୫୦୦ ମିଟର, ୪x୪୦୦ ମିଟର ରିଲେ, କିଟ୍‌ର ବିକ୍ରାନ୍ତ ମଲିକ ଜାଭେଲିନ୍ ଥ୍ରୋ, କଟକର ଆସ୍ତିକ ପ୍ରଧାନ ୪୦୦ ମିଟର, ୪x୪୦୦ ମିଟର ରିଲେ, ବରଗଡ଼ର ମଳୟ ବାରିକ ୪x୪୦୦ ମିଟର ରିଲେ, ଯାଜପୁରର ଭୀମା ସର୍ଦ୍ଦାର ୪x୪୦୦ ମିଟର ରିଲେ, ଭଦ୍ରକର ହରିଶଙ୍କର ପାଣିଗ୍ରାହୀ ୪x୪୦୦ ମିଟର ରିଲେ, ଅନୁଗୋଳର ସ୍ୱାଧୀନ କୁମାର ମାଝୀ ହାଇଜମ୍ପ୍, ସୁନ୍ଦରଗଡ଼ର ଅଭିନାଶ ସାହୁ ୧୦୦ ମିଟର (ୱାଇଲ୍ଡ କାର୍ଡ) ଇଭେଣ୍ଟରେ ଅଂଶଗ୍ରହଣ କରିବେ।

# ଗିଲ୍ ଉପଅଧିନାୟକ, ବୁମ୍‌ରା ସାମିଲ

## ଏସିଆ କପ୍ ଲାଗି ଭାରତୀୟ ଦଳ ଘୋଷଣା

ମୁମ୍ବାଇ,୧୯।୮(ପି.ଟି.)

ଆସନ୍ତା ୯ ତାରିଖରୁ ୟୁଏଇରେ ହେବାକୁଥିବା ଏସିଆ କପ୍ ଲାଗି ମଙ୍ଗଳବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳର ଉପଅଧିନାୟକ ନିଯୁକ୍ତ କରାଯାଇଥିବା ବେଳେ ପ୍ରିମିୟର ପେସର ଯଶପ୍ରୀତ ବୁମ୍‌ରାଙ୍କୁ ଦଳରେ ସାମିଲ କରାଯାଇଛି। ଗିଲ୍ ଅନ୍ତିମଥର ୨୦୨୪ରେ ପାଲେକେଲଠାରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ପାଇଁ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ଏବେ ଉପଅଧିନାୟକ ଭାବେ ଅକ୍ଷର ପଟେଲଙ୍କ ସ୍ଥାନ ନେଇଛନ୍ତି। ଇଂଲଣ୍ଡରେ ଗିଲ୍‌ଙ୍କଠାରୁ ଯେଉଁ ପ୍ରଦର୍ଶନ ଆଶା କରାଯାଉଥିଲା, ତାହା ସେ କରି ଦେଖାଇଥିଲେ। ଏଭଳି ଫର୍ମ ଯୋଗୁ ତାଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ଦଳ ଘୋଷଣା ବେଳେ କହିଛନ୍ତି।

ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳାଯିବାକୁ ଥିବାରୁ ବୁମ୍‌ରାଙ୍କୁ ଏସିଆ କପ୍‌ରୁ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଥିଲା। ହେଲେ ଚୟନକର୍ତ୍ତା ତାଙ୍କୁ ଦଳରେ ନେଇଛନ୍ତି। ଗତବର୍ଷ ଭାରତୀୟ ଦଳ ଟି୨୦ ବିଶ୍ୱକପ୍ ଜିତିବା ପରେ ଏହା ବୁମ୍‌ରାଙ୍କର ପ୍ରଥମ ଟି୨୦ ଟୁର୍ନାମେଣ୍ଟ ହେବ। ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ବ୍ୟାକ୍-ଅପ୍ ଉଇକେଟ୍‌କିପର ଭାବେ ଜିତେଶ ଶର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ଭାରତ ଗ୍ରୁପ୍-ଏ'ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଓମାନ୍ ଓ ୟୁଏଇ ସହ ସ୍ଥାନ ପାଇଛି।

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍(ଉପଅଧିନାୟକ), ଅଭିଷେକ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଯଶପ୍ରୀତ ବୁମ୍‌ରା, ଜିତେଶ ଶର୍ମା, ଶିବମ ଦୁବେ, ଅର୍ଶଦୀପ ସିଂ, ସଞ୍ଜୁ ସାମ୍‌ସନ, ହର୍ଷିତ ରାଣା, ତିଳକ ବର୍ମା, ରିଙ୍କୁ ସିଂ, ବରୁନ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।




# ଭାରତୀୟ ଦଳରେ ଓଡ଼ିଶାର ୫



ଇଣ୍ଡୋନେସିଆ ଯିବା ପୂର୍ବରୁ ଭାରତୀୟ ଗେଟ୍‌ବଲ ଦଳର ଓଡ଼ିଆ ସଦସ୍ୟଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

## ଇଣ୍ଡୋନେସିଆ ଓପନ ଗେଟ୍‌ବଲ୍

ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)

ଜାଭାଠାରେ ଇଣ୍ଡୋନେସିଆ ଓପନ ଅନ୍ତର୍ଜାତୀୟ ଗେଟ୍‌ବଲ ଟୁର୍ନାମେଣ୍ଟ ଚଳିତ ମାସ ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳ ମଙ୍ଗଳବାର ଭୁବନେଶ୍ୱରରୁ ଜାକର୍ତ୍ତା ଅଭିମୁଖେ ଯାତ୍ରା କରିଛି। ଭାରତୀୟ ଦଳରେ ଓଡ଼ିଶାର ୫ଜଣ ଯାକ ପ୍ରତିଯୋଗୀ ରହିଛନ୍ତି। ସେମାନେ ହେଲେ ଦ୍ୱୈପାୟନ ପଟ୍ଟନାୟକ (ଅଧିନାୟକ), ସର୍ବେଶ୍ୱର ମହାପାତ୍ର, ଶରତ କୁମାର ପାତ୍ର, ବିଷ୍ଣୁ ସାହୁ ଓ ରଞ୍ଜିତାରାଣୀ ବେହେରା। ସଞ୍ଜୀବ କୁମାର ପରିଡ଼ା ଦଳର ମ୍ୟାନେଜର ରହିଛନ୍ତି। ପ୍ରତିଯୋଗିତାରେ ଡବଲ୍ସ, ଟ୍ରିପଲ୍ସ ଏବଂ ୫ ଖେଳାଳିଙ୍କୁ ନେଇ ଇଭେଣ୍ଟ ଆୟୋଜନ ହେବ। ଭୁବନେଶ୍ୱର ଛାଡ଼ିବା ପୂର୍ବରୁ ଭାରତୀୟ ଦଳର ଖେଳାଳିମାନଙ୍କୁ ଇଣ୍ଡିଆନ ଗେଟ୍‌ବଲ ୟୁନିୟନ (ଆଇଜିୟୁ) ସଭାପତି ଉମାକାନ୍ତ ପାଣି, ରଞ୍ଜନ କୁମାର ପାତ୍ର, ଦିଲୀପ ଷଡ଼ଙ୍ଗୀ, ଗିରିଜା ନାୟକ, ତନ୍ମୟ ଜେନା, ଅଭିଜିତ ପଣ୍ଡା, ନିଖିଳ ପଲାଇ ଓ ଅନ୍ୟ କର୍ମକର୍ତ୍ତାମାନେ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି।

# ଆଇନରେ ପରିଣତ ହେଲା ଜାତୀୟ କ୍ରୀଡ଼ା ଶାସନ ବିଲ୍

ନୂଆଦିଲ୍ଲୀ,୧୯।୮(ପି.ଟି.)

ଭାରତୀୟ କ୍ରୀଡ଼ା ପ୍ରଶାସନରେ ବ୍ୟାପକ ସଂସ୍କାର ଆଣିବା ଉଦ୍ଦେଶ୍ୟ ସହିତ ପ୍ରସ୍ତୁତ ଜାତୀୟ କ୍ରୀଡ଼ା ଶାସନ ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ସୋମବାର ମିଳିଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗେଜେଟ ନୋଟିଫିକେଶନ ଜରିଆରେ ସୂଚନା ଦିଆଯାଇଛି। ଗତ ଏକ ବର୍ଷ ଧରି ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ଏହି କ୍ରୀଡ଼ା ବିଲ୍‌କୁ ଦୀର୍ଘ ଦଶନ୍ଧି ହେଲା ଅପେକ୍ଷା କରାଯାଉଥିଲା। ଗତ ଜୁଲାଇ ୨୩ରେ ଏହାକୁ ଲୋକ ସଭାରେ ଆଗତ କରାଯାଇଥିଲା। ଅଗଷ୍ଟ ୧୧ରେ ଲୋକ ସଭାରେ ଏହା ପାରିତ ହେବାର ଦିନକ ପରେ ବିସ୍ତୃତ ଆଲୋଚନା ମାଧ୍ୟମରେ ରାଜ୍ୟ ସଭାରେ ପାରିତ ହୋଇଥିଲା।

# କାନାମୋ ଶୃଙ୍ଗ ଆରୋହଣକୁ ସ୍ମରଣୀୟ କଲେ ଗଣେଶ

ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)

ଓଡ଼ିଶାର ଏଭରେଷ୍ଟ ଆରୋହି ଗଣେଶ ଚନ୍ଦ୍ର ଜେନା ହିମାଚଳ ପ୍ରଦେଶର କାନାମୋ ଗିରିଶୃଙ୍ଗ (୫୯୫୩ ମିଟର) ଆରୋହଣ କରି ପର୍ବତାରୋହଣ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆଶା) ଏବଂ ଜାତୀୟ ଦୁଃସାହସିକ ଅନୁଷ୍ଠାନ ଚଣ୍ଡିଗଡର ମିଳିତ ଆନୁକୂଲ୍ୟରେ ମାଉଣ୍ଟ କାନାମୋ ଅଭିଯାନ ଅନୁଷ୍ଠିତ ହୋଇଥିଲା ଏଥିରେ ଆଶାର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଣ୍ଡିଗଡର ରାକେଶ କୁମାର ଏବଂ ଓଡ଼ିଶାର ମହିଳା ପର୍ବତାରୋହି ପ୍ରଭାସିନୀ ବେହେରା, ଅଜିତ ପାଢ଼ୀ, ଉତ୍ତର ପ୍ରଦେଶର ରଜନୀ ସ', ହରିୟାଣାର ସୁମିତ କୁମାର, ହିମାଚଳ ପ୍ରଦେଶର ସନ୍ଦୀପ ଠାକୁର ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ। ଗଣେଶ, ପ୍ରଭାସିନୀ, ସୁମିତ କୁମାର ଓ ସନ୍ଦୀପ ୭୯ ଫୁଟର ଜାତୀୟ ପତକାକୁ କାନାମୋ ଶିଖରରେ ଉଡାଇଥିଲେ।

# ସ୍ୱସ୍ତିକଙ୍କ ଶତକ, ପୋଦ୍ଦାର, ସମ୍ବିତ୍‌ଙ୍କ ଦୃଢ଼ ବ୍ୟାଟିଂ

ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)

ଚେନ୍ନାଇରେ ଚାଲିଥିବା ବୁଚିବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ନାମେଣ୍ଟର ବରୋଦା ବିପକ୍ଷ ୩ଦିନିଆ ମ୍ୟାଚରେ ଓଡ଼ିଶାର ସ୍ୱସ୍ତିକ ସାମଲ ଶତକ ହାସଲ କରିଛନ୍ତି। ପ୍ରଥମ ଦିବସରେ ବରୋଦା ୩୮୧/୬ରେ ପ୍ରଥମ ଇନିଂସ ଘୋଷଣା କରିଥିବାବେଳେ ମଙ୍ଗଳବାର ଦ୍ୱିତୀୟ ଦିବସରେ ଓଡ଼ିଶା ୮୯.୫ ଓଭରରେ ୩୫୨ ରନକରି ଅଲ୍‌ଆଉଟ ହୋଇଛି। ଦଳ ପକ୍ଷରୁ ସ୍ୱସ୍ତିକ ସର୍ବାଧିକ ୧୧୪ ରନ କରିଥିବାବେଳେ ଗୋବିନ୍ଦ ପୋଦ୍ଦାର (୭୧) ଓ ସମ୍ବିତ ବରାଳ (୫୯) ଦୃଢ଼ ବ୍ୟାଟିଂ କରିଛନ୍ତି। ବିପକ୍ଷ ଦଳର ପ୍ରଦୀପ ଯାଦବ ୫ ଉଇକେଟ ସଫଳତା ପାଇଛନ୍ତି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ୨୯ ରନରେ ପଛୁଆ ରହିଛି। ମ୍ୟାଚର ନିୟମ ଅନୁସାରେ ପ୍ରଥମ ଇନିଂସରେ ଉଭୟ ଦଳ ୯୦ ଓଭର ଲେଖାଏ ଏବଂ ଦ୍ୱିତୀୟ ଇନିଂସରେ ୪୫ ଓଭର ଲେଖାଏ ଖେଳିବେ। ବୁଧବାର ମ୍ୟାଚର ଶେଷ ଦିବସ।

## ମହିଳା ଦିନିକିଆ ବିଶ୍ୱକପ୍

# ଭାରତୀୟ ଦଳ ଘୋଷଣା

**ମୁମ୍ବାଇ,୧୯।୮(ପି.ଟି.):** ଆସନ୍ତା ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ରେଣୁକା ସିଂ ଠାକୁର ଓ ପ୍ରତିକା ରାୱଲ ଦଳକୁ ଫେରିଥିବା ବେଳେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମା ବାଦ୍ ପଡ଼ିଛନ୍ତି। ହରମନପ୍ରୀତ କୌର ଦଳର ନେତୃତ୍ୱ ନେବାକୁ ଥିବା ବେଳେ ସ୍ମୃତି ମନ୍ଧାନାଙ୍କୁ ତାଙ୍କ ଡେପୁଟି ନିଯୁକ୍ତ କରାଯାଇଛି। ମଙ୍ଗଳବାର ବିସିସିଆଇ କାର୍ଯ୍ୟାଳୟରେ ବସିଥିବା ଚୟନ ବୈଠକରେ ଦୁହେଁ ଯୋଗ ଦେଇଥିଲେ। ଚୟନକର୍ତ୍ତା ବିଶ୍ୱକପ୍ ପୂର୍ବରୁ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଲାଗି ମଧ୍ୟ ଭାରତୀୟ ଦଳ ଘୋଷଣା କରିଛନ୍ତି। ଏହି ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ଏହି ସିରିଜ୍ ସେପ୍ଟେମ୍ବର ୧୪ରୁ ଆରମ୍ଭ ହେବ।

ଅଲ୍‌ରାଉଣ୍ଡର ଅମନ୍‌ଜୋତ କୌରଙ୍କୁ ରିକଭର ହେବା ପାଇଁ ଅତିରିକ୍ତ ସମୟ ଦିଆଯାଇଛି। ସେ ଏବେ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଅଛନ୍ତି। ତାଙ୍କ ସ୍ଥାନରେ ସୟାଲି ସାତ୍‌ଘରେଙ୍କୁ ସାମିଲ କରାଯାଇଛି। ବିଶ୍ୱକପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଲାଗି ଘୋଷଣା କରାଯାଇଥିବା ଦଳରେ ସେ ହିଁ ଏକମାତ୍ର ପରିବର୍ତ୍ତନ।

**ମହିଳା ବିଶ୍ୱକପ୍ ଲାଗି ଭାରତୀୟ ଦଳ:** ହରମନ୍‌ପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତିକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ୍ (ଉଇକେଟ୍‌କିପର), କ୍ରାନ୍ତି ଗୌଡ଼, ଅମନ୍‌ଜୋତ କୌର, ରାଧା ଯାଦବ, ଶ୍ରୀ ଚରନୀ, ୟସ୍ତିକା ଭାଟିଆ(ଉଇକେଟ୍‌କିପର) ଓ ସ୍ନେହ ରାଣା।

**ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ପାଇଁ ଭାରତୀୟ ଦଳ:** ହରମନ୍‌ପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପଅଧିନାୟିକା), ପ୍ରତିକା ରାୱଲ, ହର୍ଲିନଦେଓଲ, ଦୀପ୍ତିଶର୍ମା, ଜେମିମାରୋଡ୍ରିଗୁଏଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ୍(ଉଇକେଟ୍‌କିପର), କ୍ରାନ୍ତି ଗୌଡ଼, ସୟାଲୀ ସାତ୍‌ଘରେ, ରାଧା ଯାଦବ, ଶ୍ରୀ ଚରନୀ, ୟସ୍ତିକା ଭାଟିଆ (ଉଇକେଟ୍‌କିପର) ଓ ସ୍ନେହ ରାଣା।



Regd. Office: Hero MotoCorp Ltd., The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi-110070, India. CIN: L35911DL1984PLC017354. It is our endeavour to improve our product. This could lead to changes in product specifications without notice. Accessories and features shown may not be a part of the standard fitment. Always wear a helmet while riding a two-wheeler. Available at select dealerships. ^Finance scheme is at the sole discretion of financiers and subject to its respective terms and conditions. **Ex-showroom price of PLEASURE+ LX OBD2B Variant in Bhubaneswar. *T&C apply. Offer is for limited period or till stock lasts. For further information, contact nearest Hero MotoCorp authorised outlet (s) or visit website www.heromotocorp.com

Authorized Dealers: Baripada: Aditya Hero - 7799766370, Bhadrak: Sanjib Hero - 9289922608, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Jagatsinghpur: Sunny Autobikes - 9289233592, Bhubaneswar: Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, Vishal Hero - 9289922984, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Authorized HeroSure Dealers: Bhubaneshwar: Arundhati Motobikes - 7682841658, Associate Dealers: Telkoi: Panchamukhi Motors - 9717004926, Barbil: Wheels Motors - 9776931870, Rairangpur: Maa Sakambari Motors - 7008581719, Mayurbhanj: JK Motors - 9040909925, Mayurbhanj: Mahaveer Motors - 7326872255/9853290346, Basudevpur: Bidyalalita Automobile - 9827487072, Kamrda: Siddhivinayak Motors - 7208675074, Rahama: Sarala Automobiles - 9937018532, Kendrapara: Baishnabi Motors - 9437089454/9853471301, Pattamundai: Mishra Auto - 9853843713, Narsinghpur: Ambika Motocorp - 9861811411, Nimapara: Basudev Automobiles - 9861020724, Pipili: Shri Ram Motors - 9437110789, Balugaon: Mahamayee Motors - 9437004624, Khurdha: Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Balipatna: M/S Jagannath Motors - 7064309702, Chandpur: Apsara - 9861418161, Khuakia: Binayak Automobiles - 9090444379, Jajpur Town: Ayush Automobiles - 9556189870.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ